


ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୪ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 24 NOVEMBER 2020

Vol.No. 30 ■ No. 297 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨୪ ଘଂଟାରେ ବାତ୍ୟା ନିଭାର୍

ଭୁବନେଶ୍ୱର,୨୨।୧୧ (ନି.ପ୍ର): ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବଳୟ ଅଧିକ ଘନୀଭୂତ ହୋଇ ସାମୁଦ୍ରିକ ବାତ୍ୟାର ରୂପ ନେଇଛି । ଏହି ସମ୍ଭାବ୍ୟ ବାତ୍ୟାର ନାମ 'ନିଭାର୍' ରଖାଯାଇଛି । ଆଗାମୀ ୨୪ ଘଂଟା ମଧ୍ୟରେ ଏହା ଆହୁରି ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଅପରପକ୍ଷରେ ଓଡିଶା ଉପରେ ଏହାର ସିଧାସଳଖ ପ୍ରଭାବ ନଥିଲେ ମଧ୍ୟ ୨୫ ଓ ୨୬ ତାରିଖରେ ଓଡିଶାର ବିଭିନ୍ନ



### ଓଡିଶା ଉପରେ ବିଶେଷ ପ୍ରଭାବ ନାହିଁ

ସ୍ଥାନରେ ବର୍ଷା ହୋଇପାରେ । ବିଶେଷ କରି ଦକ୍ଷିଣ ଓଡିଶାରେ ଏହାର ପ୍ରଭାବ ଦେଖାଦେବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସାମୁଦ୍ରିକ ବାତ୍ୟା 'ନିଭାର' ଆସନ୍ତା ୨୫ ତାରିଖ ମଧ୍ୟାହ୍ନରୁ ଅପରାହ୍ଣ ମଧ୍ୟରେ ଉତର-ପର୍ଶ୍ଚିମ ଦିଗକୁ ଗତିକରି କରାଇକାଲ ମଧ୍ୟରେ ତାମିଲନାଡୁ ଏବଂ ପୁଡୁଚେରୀ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ଅଧିକ ରହିଛି । ବର୍ଷା ଯୋଗୁଁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ହେବ ଓ ଶୀତ କମିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ୨୫ ତାରିଖରେ ଓଡିଶାର ମାଲକାନଗିରି , ରାୟଗଡା, ଗଜପତି ,କୋରାପୁଟ , ଗଂଜାମ ଓ କନ୍ଧମାଳ ଜିଲ୍ଲା ସମେତ ଦକ୍ଷିଣ ଓଡିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୨୬ ତାରିଖରେ ମାଲକାନଗିରି , କୋରାପୁଟ , ରାୟଗଡା ଓ ଗଜପତି ଜିଲ୍ଲାରେ ଅଧିକ ବର୍ଷା ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲା ଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ୧୨୦ ଜଣ ଓଡ଼ିଆ ଅଧ୍ୟାପକଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,୨୩।୧୧ (ନି.ପ୍ର): ରାଜ୍ୟର ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଗୁଡ଼ିକରେ ଖାଲିଥିବା ଅଧ୍ୟାପକ ପୂରଣ ପାଇଁ ରାଜ୍ୟ ସିଲେକ୍ସନ୍ ବୋର୍ଡ ଦ୍ୱାରା ୧୨୦ ଜଣ ଓଡ଼ିଆ ଅଧ୍ୟାପକଙ୍କୁ ନିଯୁକ୍ତି ପାଇବେ । ସେମାନଙ୍କ ନିମନ୍ତେ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୨୫ ତାରିଖରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜନ କରାଯାଇଛି । ଏଥିରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଯୋଗଦେବେ । ସୂଚନାଯୋଗ୍ୟ ଯେ ରାଜ୍ୟ ସିଲେକ୍ସନ୍ ବୋର୍ଡ ଦ୍ୱାରା ଚୟନ କରାଯାଇଥିବା ଓଡ଼ିଆ ବିଭାଗର ୧୨୦ ଜଣ ଅଧ୍ୟାପକମାନେ ନିଯୁକ୍ତି ନିମନ୍ତେ ଅନ୍ ଲାଇନ୍ ରେ ସେମାନଙ୍କର ପସନ୍ଦ ମୁତାବକ ମହାବିଦ୍ୟାଳୟ ନିମନ୍ତେ ଆବେଦନ କରିଥିଲେ । ଚୟନ କରାଯାଇଥିବା ପ୍ରାର୍ଥୀମାନେ ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକ ଦ୍ୱାରା ନିଯୁକ୍ତ ହେବେ ।

## ତିନୋଟି ବିଲ ବିଧାନସଭାରେ ପାରିତ, ୨ଟି ବିଲ ଉପସ୍ଥାପିତ

### ଏଣିକି ଧର୍ମଘଟକୁ ପ୍ରୋତ୍ସାହନ ଦେଲେ ଅର୍ଥ ଏବଂ ଜେଲ ଦଣ୍ଡ

ଭୁବନେଶ୍ୱର,୨୩।୧୧ (ନି.ପ୍ର): ଏଣିକି ଧର୍ମଘଟକୁ ପ୍ରୋତ୍ସାହନ ଦେଲେ ବା ଆର୍ଥିକ ସହାୟତା ଦେଲେ ପ୍ରୋତ୍ସାହନକାରୀଙ୍କୁ ଅର୍ଥ ଏବଂ ଜେଲ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିବ । ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଶିଳ୍ପ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଓଡ଼ିଶା ଅତ୍ୟାବଶ୍ୟକ ସେବା (ରକ୍ଷଣା ବେକ୍ଷଣ ସଂଶୋଧନ ବିଧେୟକ) ଆଗତ କରିଥିଲେ । ଏହା ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା । ଆଲୋଚନାର ଉତର ମନ୍ତ୍ରୀ ଦେବା ପରେ ତାହା ଗୃହୀତ ହୋଇଥିଲା । ଆଲୋଚନା କାଳରେ ବିରୋଧୀ ଦଳର ସଦସ୍ୟମାନେ ଉକ୍ତ ବିଲକୁ ବିରୋଧ କରିବା ସହ ଏହା ଏକ କଳା ଆଇନ ବୋଲି ବର୍ଣ୍ଣନା କରିଥିଲେ । ଶ୍ରମିକ କର୍ମଚାରୀ ମାନଙ୍କର ଥିବା ଗଣତାନ୍ତ୍ରିକ ଅଧିକାର ଏହା ଦ୍ୱାରା କ୍ଷୁର୍ଣ୍ଣ ହେବ ବୋଲି ସେମାନେ କହିଥିଲେ । ଆଲୋଚନାର ଉତର ଦେଇ ମନ୍ତ୍ରୀ



ଶ୍ରୀ ମିଶ୍ର କହିଥିଲେ ଯେ, ଓଡ଼ିଶା ଜନ ସମୁଦାୟଙ୍କର ସାଧାରଣ ଜୀବନକୁ ସୁଗମ କରିବା ପାଇଁ କେତେକ ଅତ୍ୟାବଶ୍ୟକୀୟ ସେବାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଅତ୍ୟାବଶ୍ୟକ ସେବା (ରକ୍ଷଣା ବେକ୍ଷଣ ଅଧିନିୟମ-୧୯୮୮) ପ୍ରଣୟନ କରାଯାଇଥିଲା । ମାତ୍ର ଏହାର କାର୍ଯ୍ୟ ପରିସର ଖୁବ୍ ସୀମିତ ଥିଲା । ଏହି ଅଧିନିୟମ ଅନ୍ତର୍ଗତ ସେବା ଗୁଡ଼ିକର କାର୍ଯ୍ୟ ପରିଷଦ ବିସ୍ତୃତ କରିବା ଲକ୍ଷ୍ୟରେ ଯେଉଁ ସେବା ବ୍ୟାହତ ହେଲେ ସାଧାରଣ ଜନଜୀବନ ପ୍ରଭାବିତ ସଂଗେ ସଂଗେ ସାଧାରଣ ପ୍ରଶାସନ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଏହି ଅଧିନିୟମର ସଂଶୋଧନ କ୍ରମେ ସେହି ସେବା ଗୁଡ଼ିକୁ ଏହାର ପରିସରଭୁକ୍ତ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହି ସେବା ଗୁଡ଼ିକ ହେଲା - ଅଗ୍ନି ନିରାପତା, ସାଧାରଣ ଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷା ନିରାପତା ସହ ଜଡ଼ିତ ଯେ କୌଣସି ସେବା ।

ପୃଷ୍ଠା ୭

## ଓଡିଶା ଆସିବେ ନଡ୍ଡା



ଭୁବନେଶ୍ୱର,୨୩।୧୧ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ବିଭିନ୍ନ ରାଜ୍ୟକୁ ୧୨୦ ଦିନରେ ଗସ୍ତ କରିବେ । ଏହି କ୍ରମରେ ଶ୍ରୀ ନଡ୍ଡା ଡିସେମ୍ବର କିମ୍ବା ଜାନୁଆରୀ ମାସରେ ଓଡ଼ିଶା ଆସିପାରନ୍ତି ବୋଲି ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଓଡିଶା ଗସ୍ତ ବେଳେ ସଂଗଠନ, ମିଶନ-୧୨୦, ଡବଲ ଇଞ୍ଜିନ ନେଇ ଆଲୋଚନା ହେବ । ଏହା ସହ ରାଜ୍ୟରେ ବିଜେପିର ସ୍ଥିତି ସୁଦୃଢ ପାଇଁ ମଧ୍ୟ ଆଲୋଚନା ହେବ । ବିଜେପିର ବରିଷ୍ଠ ପଦାଧିକାରୀଙ୍କ ସହ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ସମୀକ୍ଷା କରିବେ ବୋଲି ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।

## ରାଜ୍ୟର ପ୍ରଥମ ମହିଳା ସୁଶୀଳା ଦେବୀଙ୍କ ପରଲୋକ

### ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର,୨୩।୧୧ (ନି.ପ୍ର): ରାଜ୍ୟର ପ୍ରଥମ ମହିଳା ତଥା ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ ଧର୍ମପତ୍ନୀ ଶ୍ରୀମତୀ ସୁଶୀଳା ଦେବୀଙ୍କ ଗତ ରାତିରେ ପରଲୋକ ଘଟିଛି । ରାଜଭବନ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଥିଲା । ସୋମବାର ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ସାନ ପୁଅ ମୁଖାଗ୍ନି ଦେଇଛନ୍ତି । ନଭେମ୍ବର ପହିଲାରୁ କୋଭିଡରେ ଆକ୍ରାନ୍ତ ହୋଇ ସେ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ । ସୁଶୀଳା ଦେବୀଙ୍କ ମରଶରୀରକୁ ରାଜଭବନ ଅଣାଯାଇ ଗାର୍ଡ ଅଫ ଅନର ଦିଆଯାଇଥିଲା । ତାଙ୍କ ବିୟୋଗରେ ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ,ବିରୋଧୀ ଦଳନେତା ପ୍ରଦୀପ୍ତ ନାଏକ, କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ଧର୍ମେନ୍ଦ୍ର ପ୍ରଧାନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ , ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ , ହସ୍ତତନ୍ତ ମନ୍ତ୍ରୀ ପଦ୍ମିନୀ ଦିଆନ୍, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ, ପିସିସି ସଭାପତି ନିରଂଜନ ପଟ୍ଟନାୟକ , ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । କରୋନାଭାଇରସ୍ ଦ୍ୱାରା ଆକ୍ରାନ୍ତ



ହୋଇ ସେ ଗତ ନଭେମ୍ବର ୧ ତାରିଖରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ସୁଶୀଳା ଦେବୀଙ୍କର ଜନ୍ମ ୧୯୪୬ ମସିହା ଡିସେମ୍ବର ୬ ତାରିଖରେ ହରିଆଣାର ହିସାରଠାରେ ହୋଇଥିଲା । ସେ ୧୯୬୪ ମସିହା ଜୁଲାଇ ୧ ତାରିଖରେ ପ୍ରଫେସର ଗଣେଶୀ ଲାଲ୍ ଙ୍କୁ ବିବାହ କରିଥିଲେ । ତାଙ୍କର ଚାରି ଝିଅ ଓ ତିନିଜଣ ପୁଅ ଅଛନ୍ତି ।

## ଝିଅକୁ ପୋଡି ହତ୍ୟା ଉଦ୍ୟମ ଅଭିଯୋଗ

ବଲାଙ୍ଗିର,୨୩।୧୧ (ନି.ପ୍ର): ଝିଅକୁ ପୋଡ଼ି ହତ୍ୟା ଉଦ୍ୟମ କରିଛି ବାପା । ଘର ଭିତରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଗୁରୁତର ନାବାଳିକା ଉଦ୍ଧାର ହୋଇଛନ୍ତି । ଜୀବନ ବଂଚାଇବାକୁ ତାଙ୍କର ଆକୁଳ ଚିତ୍କାର ଶୁଣି ଘର ମଧ୍ୟରୁ ଗୁରୁତର ଅବସ୍ଥାରେ ନାବାଳିକା ସୂର୍ଯ୍ୟକାନ୍ତି ନାଗଙ୍କୁ ଉଦ୍ଧାର କରିଥିଲେ ପଡ଼ୋଶୀ ଓ ଗ୍ରାମବାସୀ । ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଅନ୍ତର୍ଗତ ଢ଼େବ୍ରିପାଲି ଗ୍ରାମରେ ଏଭଳି ବର୍ବୋରଚିତ ଘଟଣା ସାମ୍ନାକୁ ଆସିଛି । ଗୁରୁତର ନାବାଳିକାଙ୍କୁ ପ୍ରଥମେ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ବଲାଙ୍ଗିର ଭୀମଭୋଇ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି । ବାପା କିରୋସିନି ଢ଼ାଳି ଝିଅକୁ ପୋଡ଼ି ହତ୍ୟା ଉଦ୍ୟମ କରିଥିବା ନେଇ ପୀଡ଼ିତାଙ୍କ ମାମୁଁଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ବେଲପଡ଼ା ପୋଲିସ ଏନେଇ ଛାନଭିନ୍ ଜାରୀ ରଖିଛି ।

## ୬ଟି ବିଶ୍ୱବିଦ୍ୟାଳୟର ନୂଆ କୁଳପତି ମାନଙ୍କୁ ନିଯୁକ୍ତି

### ପତ୍ନୀଙ୍କ ବିୟୋଗ ସତ୍ତ୍ୱେ ରାଜ୍ୟପାଳ ତୁଲାଇଲେ ଦାୟିତ୍ୱ

ଭୁବନେଶ୍ୱର,୨୩।୧୧ (ନି.ପ୍ର): ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ରାଜ୍ୟର ୬ଟି ବିଶ୍ୱ ବିଦ୍ୟାଳୟର ନୂତନ କୁଳପତି ମାନଙ୍କୁ ନିଯୁକ୍ତି ଦେଇଛନ୍ତି । ସେଥିମଧ୍ୟରେ ଦୁଇ ଜଣ ମହିଳା କୁଳପତି ଭାବେ ନିଯୁକ୍ତି ପାଇଛନ୍ତି । ସେମାନେ ହେଲେ କିଶୋର ବାସା-ଉତର ଓଡ଼ିଶା ବିଶ୍ୱ ବିଦ୍ୟାଳୟ, ଅପରାଜିତା ଚୌଧୁରୀ - ରମାଦେବୀ ବିଶ୍ୱ ବିଦ୍ୟାଳୟ,

ପୃଷ୍ଠା ୭

ଓଡ଼ିଶାର ଚାଷୀଙ୍କୁ ମୋଦି ସରକାରଙ୍କ ସହାୟତା ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

## ଗତ ୬ବର୍ଷରେ ଓଡ଼ିଶା ଚାଷୀଙ୍କୁ ୬୦,୮୩୬ କୋଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୩।୧୧ (ନି.ପ୍ର): ପୂର୍ବ ସରକାର ତୁଳନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ 'ଅନ୍ନଦାତା'ଙ୍କ ହାତମୁଠାକୁ ଅଧିକ ମଜବୁତ୍ କରାଯାଇଛି । ବିଗତ ୬ ବର୍ଷରେ ଓଡ଼ିଶାର ଚାଷୀଙ୍କୁ ବିଭିନ୍ନ କୃଷି ଯୋଜନା ତଥା ଡିବିଟି ଜରିଆରେ ଅର୍ଥ ରାଶି ପ୍ରାପ୍ତି, ପାରିଶ୍ରମିକ ମୂଲ୍ୟ ପ୍ରଦାନ, ଫସଲ ବୀମା ଜରିଆରେ ମୋଟ ୬୦ ହଜାର ୮୩୬.୯୭ କୋଟି ଟଙ୍କା ଅର୍ଥ ଦିଆଯାଇଛି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଓଡ଼ିଶା ସମେତ ସମଗ୍ର ଭାରତବର୍ଷର ଚାଷୀଙ୍କୁ ସଶକ୍ତ କରିବା ପାଇଁ ଐତିହାସିକ ଏବଂ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି । ଆମ ଚାଷୀମାନଙ୍କ ପାଇଁ ଚାଷର ସମ୍ଭାବ୍ୟ ବ୍ୟବହାରକୁ ବଢ଼ାଇବା ସହ ସେମାନଙ୍କୁ

ପୃଷ୍ଠା ୭



## ଘରେ ପଶିଗଲା ପିକଅପ୍ ଭ୍ୟାନ୍ : ଦୁଇ ଶିଶୁ ମୃତ, ୪ ଗୁରୁତର

ନବରଙ୍ଗପୁର,୨୩।୧୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ - ଜରାବାହାଲ ଗ୍ରାମରେ ଏକ ପିକଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଘର ମଧ୍ୟକୁ ପଶିଯିବା ଫଳରେ ଦୁଇ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଶିଶୁ ଗୁରୁତର ଭାବେ ଆହତ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ହସ୍ପିଟାଲରେ ଭର୍ତି କରାଯାଇଛି । ସେମାନେ ଘରେ ନିଆଁ ପୋଇଁବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଭ୍ୟାନ୍ ଟି ଭାରସାମ୍ୟ ହରାଇ ଘର ମଧ୍ୟକୁ ପଶିଯାଇଥିଲା ।

## ମାସ୍କ କିଣାରେ ଦୁର୍ନୀତି ମାମଲା : ଲୋକାୟୁକ୍ତରେ ହାଜର ହେଲେ ଔଷଧ ନିଗମ ଅଧକ୍ଷା ଓ ଶିଳ୍ପ ସଚିବ




ଭୁବନେଶ୍ୱର,୨୩।୧୧ (ନି.ପ୍ର): ମାସ୍କ କିଣାରେ ଦୁର୍ନୀତି ମାମଲାରେ ଔଷଧ ନିଗମ ଅଧକ୍ଷା ଯାମିନୀ ଷଡଙ୍ଗୀ ଓ ଶିଳ୍ପ ସଚିବ ହେମନ୍ତ ଶର୍ମା ସୋମବାର ଦିନ ଲୋକାୟୁକ୍ତରେ ହାଜର ହୋଇଛନ୍ତି । କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସଙ୍କ ଦ୍ୱାରା ଦାୟର ହୋଇଥିବା ଏହି ମାମଲାର ଗତ ନଭେମ୍ବର ୪ ତାରିଖର ଶୁଣାଣି ସମୟରେ କେଉଁ ପରିପ୍ରେକ୍ଷୀରେ କ୍ରୟ କମିଟିର ଅଧକ୍ଷ ଭାବରେ ଶିଳ୍ପ ସଚିବ

ପୃଷ୍ଠା ୭

## ରାଜ୍ୟରେ ଆଉ ୧୭ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୬୫୭ ହେଲା

ଭୁବନେଶ୍ୱର,୨୩।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୬୫୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଓ ସୁନ୍ଦରଗଡ ଜିଲ୍ଲାର ୪-୪ ଜଣ ରହିଥିବା ବେଳେ ସମ୍ବଲପୁର ଜିଲ୍ଲାର ୩ ଜଣ ଓ ଝାରସୁଗୁଡା ଓ ବରଗଡ ଜିଲ୍ଲାର ୨-୨ ଜଣ ଅଛନ୍ତି । ସେହିପରି ବଲାଙ୍ଗୀର ଓ କେନ୍ଦ୍ରାପଡା ଜିଲ୍ଲାରୁ ଜଣେ ଜଣେ ଅଛନ୍ତି। ବଲାଙ୍ଗୀର ଜିଲ୍ଲାର ଜଣେ ୩୬ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ବରଗଡ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ବରଗଡ ଜିଲ୍ଲାର ଜଣେ ୫୩ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୮୪ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୩୪ବର୍ଷୀୟ ପୁରୁଷ କରୋନା



ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୬୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ଜଣେ ୫୫ ବର୍ଷୀୟ ମହିଳାଙ୍କର କରୋନାରେ ମୃତ୍ୟୁ ହୋଇଛି ।

ଝାରସୁଗୁଡା ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ଝାରସୁଗୁଡା ଜିଲ୍ଲାର ଜଣେ ୭୩ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କେନ୍ଦ୍ରାପଡା ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ୫୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ପୃଷ୍ଠା ୭

## ଭୁବନେଶ୍ୱରରେ ୨୪ ଘଂଟାରେ ୩୭ ପଜିଟିଭ୍ , ୫୩ ସୁସ୍ଥ

ଭୁବନେଶ୍ୱର,୨୩।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଧିରେ ଧିରେ କରୋନା ସଂକ୍ରମଣ ହ୍ରାସ ପାଉଛି । ସୋମବାର ଦିନ ଆଉ ୩୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୧୬ ଜଣ ସଂଗରୋଧ ଓ ୨୧ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଅନ୍ୟପକ୍ଷରେ ୫୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ୪ ଜଣଙ୍କର ମୃତ୍ୟୁ ହୋଇଛି ।

ପୃଷ୍ଠା ୭

# ଶ୍ରୀକ୍ଷେତ୍ର ପୁରୀରୁ ଶ୍ରୀ ବଳଦେବଜୀଉଙ୍କ ପାଇଁ ଆସିଲା ପାଟଶାଢ଼ୀ

କେନ୍ଦ୍ରପଡ଼ା,୨୩।୧୧ (ନି.ପ୍ର): କେନ୍ଦ୍ରାପଡା ର ଆରାଧ୍ୟ ଦେବ ଶ୍ରୀ ବଳଦେବଜୀୟୁଙ୍କ ପାଇଁ ଶ୍ରୀକ୍ଷେତ୍ରାଧିପତି ଜଗନ୍ନଥଙ୍କ ମନ୍ଦିର ପ୍ରଶାସନ ପକ୍ଷରୁ ଘନନୀଳ, ପୀତ ଓ ରକ୍ତ ବର୍ଣ୍ଣର ୩ଟି ପାଟଶାଢ଼ୀ ଆସିଥିବା ଜଣାପଡିଛି । କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀ ତିଥିରେ ବଡ ଠାକୁର ବଳଦେବଜୀୟୁଙ୍କ ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହୋଇଥାଏ । ଏହି ତିଥିରେ ବଡ ଠାକୁର ଶ୍ରୀ ବଳଦେବଜୀୟୁ ପ୍ରଳମ୍ବ ନାମକ ଅସୁରକୁ ବଧ କରିଥିବା ପୌରାଣିକ ଆଖ୍ୟାନ ଅନୁଯାୟୀ ପରମ୍ପରା ମନ୍ଦିର ରେ ଚଳି ଆସୁଅଛି । ଏହି ବେଶ ପାଇଁ ଶ୍ରୀ ଜଗନ୍ନାଥ ଧାମରୁ ନେଇ ଆସିଥିବା ମନ୍ଦିରର ସ୍ୱତନ୍ତ୍ର ପଦାଧିକାରୀ ସରୋଜ କୁମାର ରାୟ, ନାଜର ବିମଳ କୁମାର କାମ୍ପିଲା, ସହାୟକ ସତ୍ୟ ନାରାୟଣ ପାତ୍ର ଶ୍ରୀ ବଳଦେବଜୀଉ, ଭଉଣୀ ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କ ପାଇଁ ୩ଖଣ୍ଡ ପାଟଶାଢ଼ୀ ରବିବାର ଦିନ ଇଚ୍ଛାପୁର ରେ ପହଁଚି ବଡପଣ୍ଡା ମାଧବ ଚନ୍ଦ୍ର ପତିଙ୍କୁ ପ୍ରଦାନ କରିଥିଲେ । ଏହି ପ୍ରଦାନ ସମୟରେ ପୂର୍ବତନ ଚେୟାରମ୍ୟାନ ତଥା ଟ୍ରଷ୍ଟି ଧିରେନ କୁମାର ସାହୁ, ଯଯାତି କେଶରୀ ମହାନ୍ତି, ରଞ୍ଜନ କୁମାର ପୃଷ୍ଟି ଓ ବରିଷ୍ଠ ସେବାୟତ ବଳରାମ ସୁଆର , ଦେବୋତର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସୁପରଭାଇଜର ନୃସିଂହ ପ୍ରସାଦ ପତ୍ରୀ ଓ ନିରଞ୍ଜନ ମେକାପ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଇପାସ ରାସ୍ତା ଉପରେ ପଡି ରହିଛି ପଥର, ଘଟୁଛି ଦୁର୍ଘଟଣା

କେନ୍ଦ୍ରପଡ଼ା,୨୩।୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳରେ ଗୋବରୀ ନଦୀକୂଳ ବାଇପାସ ରାସ୍ତାରେ ଦୀର୍ଗଦିନ ହେବ ପଥର ଗୁଡିକ ଜମାହୋଇ ରହିଥିବାରୁ ଜନ ସାଧାରଣ ଓ ଯାନବାହନ ଚଳାଚଳ ରେ ବହୁ ଅସୁବିଧା ହେବା ସହ ଛୋଟବଡ ଦୁର୍ଘଟଣା ଘଟୁଥିବା ବହୁ ବ୍ୟକ୍ତି ଅଭିଯୋଗ କରିଛନ୍ତି । ପୁର୍ତ ବିଭାଗ ତରଫରୁ ଗୋବରୀ ନଦୀ କୂଳକୁ ସୌନ୍ଦର୍ଯ୍ୟକରଣ କରାଯାଉ ଥିବାରୁ ବ୍ୟବହାର ପରେ ପଡି ରହିଥିବା ପଥର ଗୁଡିକୁ ଠିକାଦାର ସ୍ଥାନାନ୍ତର କରୁନାହିଁ । ଧୀର ମନ୍ଥର ଗତିରେ ଚାଲିଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଦୀର୍ଘ ମାସ ହେଲା ଚାଲୁ ରହିଛି । ପଥର ଗୁଡିକୁ ସ୍ଥାନାନ୍ତର ନକରି ରାସ୍ତା ଉପରେ ପକାଇ ରଖି ଥିବାରୁ ଛୋଟବଡ ଦୁର୍ଘଟଣା ଘଟିବା ସହ ଭାରୀଯାନ ଗୁଡିକ ଯିବା ଆସିବାରେ ବାଧା ସୃଷ୍ଟି କରୁଛି । ଏହାକୁ ତୁରନ୍ତ ହଟାଇ ନେବାକୁ ସାଧାରଣରେ ବାବି କରାଯାଇଛି ।

# ଚତୁର୍ଥ ଦିନରେ ପହଂଚିଲା ଏଏନଏମ କର୍ମୀଙ୍କ ଧାରଣା

ବାରିପଦା,୨୩।୧୧ (ନି.ପ୍ର): ଖରା ବର୍ଷାକୁ ଖାତିର ନ କରି ପୁନଃନିଯୁକ୍ତି ଦାବିରେ ଚାଲିଥିବା ଏଏନଏମ କର୍ମୀଙ୍କ ଆନ୍ଦୋଳନ ଆଜି ୪ର୍ଥ ଦିନରେ ପହଂଚିଛି । ନାନା ସମସ୍ୟା ସତ୍ତ୍ୱେ ଶତାଧିକ ଏଏନଏମ କର୍ମୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଛନ୍ତି । ଆଜି ସନ୍ଧ୍ୟାରେ ଆନ୍ଦୋଳନକାରୀଙ୍କୁ ଭଞ୍ଜସେନାର ସଭାପତି ପିଂଟୁ ମାଇତି ସାକ୍ଷାତ କରି ଧାରଣାକାରୀଙ୍କ ଦାବି ସହିତ ଏକମତ ହୋଇଛନ୍ତି । କରୋନା ସମୟରେ ନିଜ ଜୀବନକୁ ବିପନ୍ନ କରି କାମ କରିଥିବା ଏହି ଏଏନଏମ କର୍ମୀ ତଥା କରୋନା ଯୋଦ୍ଧାଙ୍କ ଦାବି ସମ୍ପର୍କରେ ସରକାର ଏବଂ ଜିଲ୍ଲା ପ୍ରଶାସନ ସହୃଦୟତାର ସହିତ ବିଚାର କରିବା ନେଇ ମତବ୍ୟକ୍ତ କରିଛନ୍ତି ସଂଗଠନର ସଭାପତି ଶ୍ରୀ ମାଇତି । ଏହି କର୍ମୀ ମାନଙ୍କୁ ବକେୟା ଥିବା ସେମାନଙ୍କର ପ୍ରାପ୍ୟ ତୁରନ୍ତ ପ୍ରଦାନ କରାନଗଲେ ଭଞ୍ଜସେନା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ସହିତ ଧାରଣା ଦିଆଯିବା ନେଇ ଶ୍ରୀ ମାଇତି ସୂଚନା ଦେଇଛନ୍ତି । ଆଜି ବିଜୁଳି ନଥିବାରୁ ଅନ୍ଧାରରେ ବସିଥିବା ଏଏନଏମ କର୍ମୀଙ୍କ ନିମନ୍ତେ ସଂଗଠନ ପକ୍ଷରୁ ଆଲୋକର ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ସଂଗଠନର ଯୁବନେତା ରାକେଶ ବେହେରା ଏବଂ ସୌମ୍ୟରଂଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଦାବି ପୂରଣ ନେଇ ଲିଖିତ ପ୍ରତଶ୍ରୁତି ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜଣାପଡ଼ିଛି । ଜିଲ୍ଲାରେ କରୋନା ସମୟରେ ନିଯୁକ୍ତି ପାଇଥିବା ୪୦୪ ଏଏନଏମ କର୍ମୀଙ୍କୁ ପୁନଃନିଯୁକ୍ତି ଦେବାନେଇ ଦାବି ହୋଇଛି ।

# ରାୟଗଡ଼ା ଜିଲ୍ଲାରେ ପ୍ରକୃତି ନଥିଲେ ଆଉ ପ୍ରାକୃତିକ ସମ୍ଭାର ନଥିଲେ ଆଦିମ ସଭ୍ୟତାର ଏ ବିରଳ ଜାତି କେବେଠୁ ଲୋପ୍ ପାଇ ସାରନ୍ତାଣି

## ଏଠି ବିକାଶ ଖାଲି କାଗଜ ଓ କଲମରେ ସୀମିତ



ଗୁଣୁପୁର,୨୩।୧୧ (ନି.ପ୍ର): ଆଦିବାସୀ ଓ ଗରୀବ ଙ୍କ ପେଟର ଭୋକ ମେଣ୍ଟେଉଛି ପ୍ରକୃତି ର ସେହି ଶିଆଳିପତ୍ର, ଜାଳେଣି କାଠ ଆଉ ଅଙ୍ଗାର କୋଇଲା । ସ୍ୱାଧୀନତାର ୭ ଦଶନ୍ଧି ପରେ ବି ମୌଳିକ ସୁବିଧା ଅପହଞ୍ଚ ଓ ଶିଶୁମାନେ ଅପପୃଷ୍ଟି ର ଶିକାର ହୋଇଛନ୍ତି । ଏଠାରେ ମାଆ ପେଟ ପାଇଁ ମୁଣ୍ଡରେ ବୋଝ ଓ କାଖରେ ଭୋକିଲା ଛୁଆ କୁ ଧରି ବାର ଦାଣ୍ଡ ଘୁରି ବୁଲେ । ରାୟଗଡ଼ା ଜିଲ୍ଲା ଏକ ଆଦିବାସି ଅଧୁଷିତ ଜିଲ୍ଲା ଭାବେ ପରିଚିତ । ଏଠାରେ ଆଦିବାସି, ହରିଜନ, ତଥା ବିଭିନ୍ନ ସମ୍ପ୍ରଦାୟ ଓ ଜନଜାତି ର ଲୋକେ ବସବାସ କରନ୍ତି । ପୁରାତନ କାଳରୁ ଏଠାକାର ଲୋକେ ବନ୍ୟଯାତ ସମ୍ପଦ ଉପରେ ନିର୍ଭର କରିଥାନ୍ତି । ପ୍ରକୃତି ରାଣୀ ହିଁ ତାଙ୍କ ପେଟ ପାଇଁ ଦୁଇ ମୁଠା ଚାଉଳ ଆଉ ଦେହ କୁ ବସ୍ତ୍ର ପ୍ରଦାନ କରିଥାଏ । ମୁନିଗୁଡା ବ୍ଲକର ମୁନିଖୋଲ, ଜଗଦଲପୁର, ଶରଧାପୁର, ଡିମିରିଗୁଡା, ଇଚ୍ଛାପୁର, ରଘୁବାରୀ ଆଦି ପଂଚାୟତର ପାର୍ବତ୍ୟାଂଚଳ ଗାଁ ମାନଙ୍କରେ ବସବାସ କରୁଥିବା ଆଦିବାସୀ ଓ ଗରିବ ହରିଜନ ମାନଙ୍କର ଜୀବନ ଜୀବିକା ଆଜି ଦୁର୍ବିସହ ହୋଇପଡିଛି । ସ୍ୱାଧୀନତା ର ୭ ଦଶନ୍ଧି ପରେ ବି ଏସବୁ ଗାଁରେ ମୌଳିକ ସୁବିଧା ସୁଯୋଗ ଆଜି ବି ଅପହଂଚ ହୋଇ ପଡିଥିବା ବେଳେ ଶିଶୁମାନେ ଏଠି ଅପପୃଷ୍ଟିର ଶିକାର ହେଉଛନ୍ତି । ସରକାର ଗରିବ ମଣିଷଙ୍କ କଲ୍ୟାଣକୁ ନେଇ ଶହ ଶହ ଯୋଯନା ପରେ ଯୋଯନା କରୁଛନ୍ତି ସତ ହେଲେ ଏଠାକାର ଗରିବ ମଣିଷ ତା'ର କୌଣସି ଲାଭ ପାଉନି । ଏହାର ସଦ୍ୟ ଉଦାହରଣ ଦେଖିବାକୁ ମିଳେ ମୁନିଖୋଲ, ଅମ୍ବାଦୋଳା, ହାଟମୁନିଗୁଡା, ଦହିଖାଲ ସାପ୍ତାହିକ ହାଟରେ ଓ ପ୍ରତ୍ୟେହ ସକାଳବେଳା ମୁନିଗୁଡା ଏବଂ ଅମ୍ବାଦୋଳା ବଜାରର ମୁଖ୍ୟରାସ୍ତାରେ । ମହିଳାମାନେ ମୁଣ୍ଡରେ ଜାଳେଣି କାଠର ବିଡା, ଶିଆଳି ପତ୍ରର ଗୋଛା ଆଉ ଅଙ୍ଗାର କୋଇଲାର ବସ୍ତାମାନ ଧରି ଅନୁନୟ ହୋଇ ବିକ୍ରି କରୁଥିବାର ବିକଳ ଦୃଶ୍ୟ । ବୋଧହୁଏ ଏ ପ୍ରକୃତି ନଥିଲେ ଆଉ ଏଥିରୁ ମିଳୁଥିବା ପ୍ରାକୃତିକ ସମ୍ଭାର ନଥିଲେ ଆଦିମ ସଭ୍ୟତାର ଏ ବିରଳ ଜାତି କେବେଠୁ ଲୋପ୍ ପାଇ ସାରନ୍ତାଣି । ସ୍ୱାଧିନତାର ସାତ ଦଶନ୍ଧି ପରେବି ଆଜି ଏଠାର ମାଆ ପେଟପାଇଁ ମୁଣ୍ଡରେ ବୋଝ, କାଖରେ ଭୋକିଲା ଛୁଆକୁ ନେଇ ବାର ଦ୍ୱାର ଘୁରିବୁଲୁଛି କେଇଟା ପଇସା ପାଇଁ । ମୁଣ୍ଡର ବୋଝରେ ତା ତଲଲୁଣ ସଂସାର ଚାଲୁଛି,ଘରେ ଚୁଲି ଜଳୁଛି । ସରକାରୀ ତଥ୍ୟ ଅନୁଯାୟୀ ଆଧୁନିକ ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁଥିରେ ଢେର୍ ଉନ୍ନତି ହୋଇଛି, ହେଲେ ଏ ଡଙ୍ଗର ମୂଳକରେ ତା'ର ଚିହ୍ନ ବର୍ଣ୍ଣ ଦେଖିବାକୁ ମିଳୁନାହି କାହିଁକି ? କାହିଁକି ଏଠିକାର ମଣିଷଗୁଡା ଅପପୃଷ୍ଟି ଜନିତ ଅନେକ ରୋଗର ଶିକାର ହୋଇ ଅଧା ବୟସରେ ମରଣର ଶିକାର ହେଉଛନ୍ତି ? ଏହିଭଳି ଅନେକ ପ୍ରଶ୍ନ ଏ ପାହାଡି ମଣିଷଗୁଡା କାହାକୁ ନ ପଚାରୁଥିଲେବି ସରକାର ଏମାନଙ୍କ ଜୀ ବନଜୀବିକା ପାଇଁ ଉତ୍ତରଦାୟୀ ନୁହେଁକି । ୧୦ରୁ୧୫ କଲୋମିଟର ପାହାଡି ରାସ୍ତା,ଭୟଙ୍କର ଜନ୍ତୁଜନ୍ତା, ଘଂଚଅରଣ୍ୟାଦି ପାର୍ କରି ଏହିସବୁ ବଜାର, ହାଟରେ ପହଂଚିବାକୁ ହେଲେ ସେମାନଙ୍କୁ ଅନ୍ଧାର ପାହାନ୍ତିଆରୁ ଘର ଛାଡୁଥିବା ପଡିଥାଏ,ସେହିପରି ଫେରିଲା ବେଳକୁ ରାତି ଆଠ କିମ୍ବା ନଅ ହେଉଥିବା ଜଣାଯାଏ । ଏମାନଙ୍କ ସାମଗ୍ରୀ ର ବଜାରରେ ବହୁତ ଚାହିଦା ଅଛି ସତ କିନ୍ତୁ ବଜାରୀକରଣର ବ୍ୟବସ୍ଥା ନାହିଁ । ମୁନିଗୁଡା ଓ ଅମ୍ବାଦୋଳା ରେ ଯଦି ଏହି ପାହାଡି ମହିଳାମାନଙ୍କ ସାମଗ୍ରୀ ସବୁକୁ ସରକାରଙ୍କ ଦ୍ୱାରା ଖରିଦ୍ କରାଯାଇ ସେମାନଙ୍କୁ ଉଚିତ୍ ପ୍ରାପ୍ୟ ଦିଆଯାଆନ୍ତା ତେବେ ଏମାନଙ୍କୁ ବାର ଦ୍ୱାର ବୁଲି ବିକିବାକୁ ପଡନ୍ତା ନାହିଁ କି ଠକାମୀର ଶିକାର ହୁଅନ୍ତେ ନାହିଁ । ଏଥିସହ ସଚେତନତା ଦ୍ୱାରା ଜଙ୍ଗଲ ପୋଡି ଅଙ୍ଗାରକୋଇଲା ବିକ୍ରି ବଦଳରେ ସେମାନଙ୍କୁ ଅନ୍ୟ ବାଟରେ ଅର୍ଥ ନୈତିକ ସ୍ୱାବଲମ୍ବୀ କରାଯାଇ ପାରନ୍ତା । ଏହି ପାହାଡି ମୂଳକର ମାଆ, ଶିଶୁଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଅର୍ଥ ନୈତିକ ବିକାଶ କାଗଜ କଲମରେ ଖାଲି ନ ହୋଇ ଆନ୍ତରିକତାର ସହ ପ୍ରଶାସନୀକ ସ୍ତରରେ ନିଷ୍ଠାର ସହ ହେଲେ ଏମାନେ ନିଶ୍ଚୟ ବିକଶିତ ହୋଇ ପାରିବେ । ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# କେନ୍ଦୁଝର ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସହଯୋଗ କାମନା କଲେ ଜିଲ୍ଲାପାଳ

କେନ୍ଦୁଝର,୨୩।୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲାବାସୀଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି । ଶିଶୁମାନେ ଦେଶର ଭବିଷ୍ୟତ ଏବଂ ସେମାନଙ୍କର ବିକାଶ, ଅଧିକାରର ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଏଥି ନିମନ୍ତେ ଅନେକ ଆଇନ ମଧ୍ୟ ପ୍ରଣୟନ ହୋଇଅଛି । ବାଲ୍ୟ ବିବାହ ଏକ ଦଣ୍ଡନୀୟ ଅପରାଧ । ଏବଂ ଆଇନ ଅନୁଯାୟୀ ବାଲ୍ୟ ବିବାହ କରିବା, କରାଇବା ଏବଂ କରାଇବାରେ ସହଯୋଗ କରିବା ହେଉଛି ଦଣ୍ଡନୀୟ ଅପରାଧ । ଏଣୁ ଶିଶୁମାନଙ୍କର ଅଧିକାରର ସୁରକ୍ଷା ସହିତ ବାଲ୍ୟ ବିବାହ ଆଦି କୁପ୍ରଥା ରୋକିବା ନିମନ୍ତେ ସମସ୍ତେ ସହଯୋଗର ହାତ ବଢାଇବା ସହିତ ଏ ଦିଗରେ ବ୍ୟାପକ ଜନସଚେତନା ସୃଷ୍ଟି ପାଇଁ ଜିଲ୍ଲାପାଳ ଶ୍ରୀ ଠାକରେ ସମାଜର ସବୁବର୍ଗର ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ବାଲ୍ୟ ବିବାହ ଭଳି କୁପ୍ରଥା ଓ ବେଆଇନ କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ତଥା ଶିଶୁ ଅଧିକାରର ସୁରକ୍ଷା ପାଇଁ ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାସ୍ତରରେ ଜିଲ୍ଲାସ୍ତରୀୟ ଟାସ୍କ୍ ଫୋର୍ସ କମିଟି, ବ୍ଲକ୍‌ସ୍ତରରେ ବ୍ଲକ୍‌ସ୍ତରୀୟ ଟାସ୍କ୍ ଫୋର୍ସ ଓ ଶିଶୁ ସୁରକ୍ଷା କମିଟି ଏବଂ ଗ୍ରାମ ପଂଚାୟତ ସ୍ତରରେ ପଂଚାୟତସ୍ତରୀୟ ଟାସ୍କ୍ ଫୋର୍ସ ଓ ଶିଶୁ ସୁରକ୍ଷା କମିଟି ଗଠନ କରାଯାଇଛି । ସରପଂଚଙ୍କ ଅଧକ୍ଷତାରେ ଗଠିତ ପଂଚାୟତସ୍ତରୀୟ ଟାସ୍କ୍ ଫୋର୍ସ ଓ ଶିଶୁ ସୁରକ୍ଷା କମିଟିରେ ଅଙ୍ଗନୱାଡିକର୍ମୀ, ଶିକ୍ଷକ, ଏ.ଏନ୍.ଏମ୍., ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧି, କିଶୋର/ କିଶୋରୀ ଓ ଯୁବ ଗୋଷ୍ଠୀର ପ୍ରତିନିଧି ପ୍ରମୁଖ ସଦସ୍ୟ/ ସଦସ୍ୟା ରହିଥିବାବେଳେ ଆଇ.ସି.ଡି.ଏସ୍. ସୁପରଭାଇଜରଙ୍କୁ କମିଟିର ସଂଯୋଜିକା ଦାୟିତ୍ୱ ଦିଆଯାଇଛି । ଉକ୍ତ କମିଟି ବାଲ୍ୟ ବିବାହ ନିଷେଧ ଅଧିନିୟମ-୨୦୦୬କୁ କଡାକଡି କାର୍ଯ୍ୟକାରୀ କରି ପଂଚାୟତର ପ୍ରତ୍ୟେକ ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଗ୍ରାମରେ ପରିଣତ କରିବା ପାଇଁ ତଥା ଶିଶୁ ଅଧିକାର କ୍ଷୁର୍ଣ୍ଣ ହେଉଥିବା ସ୍ଥିତିକୁ ଅନୁଧାନ କରି ବିହିତ ପଦକ୍ଷେପ ନେବା ସହିତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ କମିଟିକୁ ଅବଗତ କରାଇବେ । ଶିଶୁ ସୁରକ୍ଷା ସମ୍ପର୍କିତ ସମସ୍ୟା ଓ ଏହାର ନିରାକରଣ ନିମନ୍ତେ କାର୍ଯ୍ୟଖସଡା ପ୍ରସ୍ତୁତ କରିବେ । ସୂଚନାଯୋଗ୍ୟ କେନ୍ଦୁଝର ଜିଲ୍ଲାରେ ୧୩ ଟି ବ୍ଲକର ୨୯୭ ଟି ଗ୍ରାମ ପଂଚାୟତରେ ମଧ୍ୟ ଗ୍ରାମ ପଂଚାୟତସ୍ତରୀୟ ଟାସ୍କ୍ ଫୋର୍ସ ଓ ଶିଶୁ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ, ବ୍ଲକ୍, ପଂଚାୟତ, ଚାଇଲଡ୍ ଲାଇନ୍, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା । ଏହି ବୈଠକମାନଙ୍କରେ ସଦସ୍ୟ/ ସଦସ୍ୟାମାନେ ବାଲ୍ୟବିବାହ ରୋକିବା ନିମନ୍ତେ ସାମୁହିକ ଶପଥ ନେଇଥିଲେ । ଏତଦ୍‌ବ୍ୟତୀତ ଉକ୍ତ ବୈଠକମାନଙ୍କରେ ଶିଶୁ ସୁରକ୍ଷା ଓ ଶିଶୁ ବିକାଶ, ଶିଶୁ ଚାଲାଣ ଇତ୍ୟାଦି ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଦେବାଙ୍ଗନା ବାରିକ ସୂଚନା ଦେଇଛନ୍ତି ।

# ରାସ୍ତା ସମ୍ପ୍ରସାରଣ ପାଇଁ ମସୁଦପୁର ବଜାର ଜବରଦଖଲ ଉଚ୍ଛେଦ

କୋରେଇ,୨୩।୧୧ (ନି.ପ୍ର): ଜାତୀୟ ରାଜପଥ ନଂ ୧୬ରୁ ମସୁଦପୁର ମେଡିକାଲ ଛକ ଦେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ରାସ୍ତା ପାଣିକୋଇଲି ଆଙ୍କୁଲା ରାସ୍ତାକୁ ସଂଯୋଗ କରିବା ସହ ଜଳହ ପର୍ଯ୍ୟନ୍ତ ଯାଇଛି । ରାସ୍ତା ସର୍ମ୍ପସାରଣ ପାଇଁ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ଅଧିନସ୍ଥ ମସୁଦପୁର ମେଡିକାଲ ଓ ହାଇସ୍କୁଲ କଡରେ ଜବରଦଖଲରେ ଥିବା ୨୯ଟି ଦୋକାନ ଗୃହକୁ ବ୍ୟାସନଗର ତହସିଲ ପକ୍ଷରୁ ଆଜି ଉଚ୍ଛେଦ କରାଯାଇଛି । ଏଥି ସହିତ ଆଉ ୨୫ଟି ଦୋକାନ ଉଚ୍ଛେଦ ପାଇଁ ନୋଟିସ୍ ଜାରି କରାଯାଇଥିବା ତହସିଲ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ପୂର୍ବରୁ ଏହି ରାସ୍ତା ଗ୍ରାମ ଉନ୍ନୟନ ବିଭାଗ ଅର୍ନ୍ତଭୁକ୍ତ ଥିବା ବେଳେ ରାସ୍ତା କଡରେ ଓ ଗୁରୁପ୍ରସାଦ ହାଇସ୍କୁଲ ଓ ମେଡିକାଲ କଡରେ ଜବରଦଖଲ ଭାବେ ଦୋକାନ ଗୃହ ଗଢି ଉଠିଥିଲା । ରାସ୍ତା ସମ୍ପ୍ରସାରଣ ପାଇଁ ଆଜି ଏହି ଦୋକାନ ଗୁଡିକୁ ଭଙ୍ଗାଯାଇଛି । ପୂର୍ବରୁ ୫ ମାସ ତଳେ କିଛି ଦୋକାନ ଗୁଡିକୁ ଭଙ୍ଗାଯିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ମାତ୍ର ଦୋକାନୀ ମାନଙ୍କ ପକ୍ଷରୁ କରୋନା ସମୟରେ ପ୍ରଶାସନର ଏଭଳି ପଦକ୍ଷେପ ଓ ଜୀବନ ଜିବୀକାର ଦ୍ୱାହି, ପୁର୍ନବାସ ପାଇଁ ସ୍ଥାୟୀ ଜାଗା ଚିହ୍ନଟ, ସମସ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ ଆଦି ଦାବି ଜଣାଇଥିଲେ । ଏନେଇ ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା । ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ ପରେ ବ୍ୟାସନଗର ତହସିଲ ପକ୍ଷରୁ ଗୃହ ଭଙ୍ଗାନେଇ ଦିନ ଧାର୍ଯ୍ୟ କରାଯିବା ସହ ମସୁଦପୁର ବଜାରକୁ ୧୪୪ ଧାରା ଲାଗୁ କରାଯାଇଥିଲା । ଦୋକାନି ମାନଙ୍କୁ ସେମାନଙ୍କ ଗଚ୍ଛିତ ଦ୍ରବ୍ୟ ବହାର କରିନେବାକୁ ନୋଟିସରେ ଜଣାଯାଇଥିଲା । ତଦନୁଯାୟୀ, ଆଜି ବ୍ୟାସନଗର ତହସିଲ ପକ୍ଷରୁ ପୁରା ପୁଲିସ ଛାଉଣୀରେ ୩ଟି ଜେସିବି ମେସିନ ସାହାଯ୍ୟରେ ୨୯ଟି ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି । ଚାଳ ଛପର ଠୁ ଆରମ୍ଭ କରି ଛାତ ଘର ପର୍ଯ୍ୟନ୍ତ ସବୁ କିଛି ମାଟିରେ ମିଶି ଯାଇଛି । ଏଠାରେ ଥିବା ମସୁଦପୁର ପୋଷ୍ଟ ଅଫିସ ଓ ଏଭରଗ୍ରୀନ କ୍ଲବ ଘରକୁ ମଧ ଭାଙ୍ଗି ଦିଆଯାଇଛି । ମାତ୍ର ଆଉ ୨୫ଟି ଜବରଦଖଲ ଦୋକାନ ଓ ମହାବୀର ଆଂଚଳିକ ଯୁବକ ସଂଘ ଘର ଭଙ୍ଗାଯିବାକୁ ନୋଟିସ୍ ଜାରି ହୋଇଛି । ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ତହସିଲଦାର ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ତହସିଲଦାର ରଶ୍ମିତା ସ୍ୱାଇଁ, ପାଣିକୋଇଲି ଥାନାଧିକାରୀ ଚକ୍ରପତି କଅଁର, ତହସିଲ ସୁପରଭାଇଜର ବିଷ୍ଣୁ ଚରଣ ପଣ୍ଡା, ଆରଆଇ ସୁଧି ରଂଜନ ମଲିକ, ସୁଜିତ ସାମଲ, ସୋନାଲି ସସ୍ମିତା ସାହୁ, ସେବତି ବାନାରା, ରଶ୍ମିତା ସେଠୀ, ସଂଜୟ ବଳ, କ୍ଷଣପ୍ରଭା ସାହୁ, କିଶୋର କୁମାର ପ୍ରଧାନ, ଅମିନ ବର୍ଷାରାଣୀ ନାୟକ, ସରୋଜ କୁମାର ପତି, କିଶୋର ଚନ୍ଦ୍ର ପଣ୍ଡା, ସୁବାସ ସାହୁ, ଏସଆଇ ପୁଷ୍ପଲତା ବେହେରା, ଏଏସଆଇ ଅମୀୟ ବେହେରା, ସଂଜୟ ଦାଶ, ସୟଦ ବକ୍ସଙ୍କ ସମେତେ ରାଜସ୍ୱ ବିଭାଗ ଓ ବହୁ ପୁଲିସ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଖୁବ ଶିଘ୍ର ନୋଟିସ୍ ହୋଇଥିବା ଆଉ ୨୫ଟି ଗୃହ ଭଙ୍ଗାଯିବ ବୋଲି ତହସିଲଦାର ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

# କନ୍ଧମାଳ ଜିଲ୍ଲାରେ ୯ ବ୍ଲକରେ ଆଜି କୋଭିଡ୍ ସଂକ୍ରମିତ ସଂଖ୍ୟା ଶୂନ୍

## ୩ ବ୍ଲକରେ ୩ ନୂଆ ସଂକ୍ରମିତ ଚିହ୍ନଟ, ମୋଟ୍ ୫,୮୭୬

କନ୍ଧମାଳ,୨୩।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ୧୨ଟି ବ୍ଲକରୁ ୯ଟି ବ୍ଲକରେ ଆଜି ନୂଆ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ଶୂନ୍ ରହିଥିବା ବେଳେ ଜିଲ୍ଲାର ଆଉ ୩ଟି ବ୍ଲକରେ ୩ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫,୮୭୬ କୁ ବୃଦ୍ଧି ପାଇଛି । ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ଆଜି ସୁଦ୍ଧା ୫,୮୦୩ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୩ ରହିଛି । ଆଉ ୪୦ ଜଣ ସଂକ୍ରମିତ ବିଭିନ୍ନ କୋଭିଡ୍ ହସପିଟାଲରେ ରହି ଚିକିତ୍ସିତ ହେଉଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଆଜିର ସଂକ୍ରମିତ ମାନଙ୍କ ମଧ୍ୟରୁ ଜିଲ୍ଲାର ଫୁଲବାଣୀ ପୌରାଂଚଳରେ, ବାଲିଗୁଡାରେ ଏବଂ ରାଇକିଆରେ ଜଣେ ଲେଖାଏଁ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଅତି ଅବଶ୍ୟକ ନଥିଲେ ଘରୁ ବାହାରିବାକୁ ବାରଣ କରାଯାଇଛି । ଅତି ଜରୁରୀ କାମରେ ବାହାରକୁ ବାହାରିବା ବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ କୋଭିଡ ନିୟମକୁ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

# ବୁଢ଼େଶ୍ୱର ନାଳରେ ନାଗଦଳ ଭର୍ତ୍ତି

ଭୁବନ,୨୩।୧୧ (ନି.ପ୍ର): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ତଥା ୩୦୪ ପର୍ଯ୍ୟଟନସ୍ଥଳୀ ଭାବେ ସ୍ୱତନ୍ତ୍ର ମାନ୍ୟତା ପାଇଥିବା ଭୁବନର ବୁଢେଶ୍ୱର ପୀଠ ଏବେ ଅବହେଳିତ ଅବସ୍ଥାରେ ରହିଛି । ମହାମାରୀ କରୋନା ସକାଶେ ରାଜ୍ୟ ସରକାର ମନ୍ଦିର ଗୁଡିକୁ ଏଯାଏଁ ଖୋଲିବାକୁ ଅନୁମତି ଦେଇ ନଥିବା ବେଳେ ପବିତ୍ର କାର୍ତ୍ତିକ ମାସରେ କାଁ ଭାଁ ଭକ୍ତ ଠାକୁର ଦର୍ଶନ ପାଇଁ ଯାଉଛନ୍ତି । ଭକ୍ତଙ୍କ ସମାଗମ ନଥିବାରୁ ମନ୍ଦିର ପରିଚାଳନା କମିଟି ଓ ଦେବୋତର ବିଭାଗ ମଧ ଦାୟିତ୍ୱମୁକ୍ତ ହୋଇ ବସିଛନ୍ତି । ଏଭଳିସ୍ଥିତିରେ ବୁଢେଶ୍ୱର ମନ୍ଦିର ନାଳଟି ନାଗଦଳରେ ଭର୍ତ୍ତି ହୋଇଯାଇଛି । ପୂର୍ବରୁ ଏହି ନାଳରେ ଦୈନିକ ଶତାଧିକ ଶ୍ରଦ୍ଧାଳୁ ସ୍ନାନ କରି ଠାକୁର ଦର୍ଶନ କରୁଥିଲେ ଓ କାର୍ତ୍ତିକ ପୂର୍ଣ୍ଣମୀ ଦିନ ବହୁ ଲୋକ ଡଙ୍ଗା ଭସାଉଥିଲେ । ଚଳିତବର୍ଷ ସରକାରଙ୍କ କଟକଣା ଯୋଗୁ ଡଙ୍ଗାଭସା,ଠାକୁରଦର୍ଶନ ଓ ବଡଓଷା ଭୋଗ ରନ୍ଧା ସଂପୂର୍ଣ୍ଣ ବନ୍ଦ ହେବ ବୋଲି ସୂଚନା ମିଳିଛି । ତଥାପି ଭକ୍ତଙ୍କ ସୁବିଧାନିମନ୍ତେ ବୁଢେଶ୍ୱର ନାଳରୁ ନାଗଦଳ ସଫା କରିବାକୁ ଶୈବଭକ୍ତ ମାନେ ଦାବି କରିଛନ୍ତି ।

# କୋର ପଂଚାୟତର ସମାଜସେବୀଙ୍କ ପରଲୋକ

କେନ୍ଦ୍ରପଡ଼ା,୨୩।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ଅଧିନ କନାରୋ ଗ୍ରାମର ବିଶିଷ୍ଟ ସମାଜସେବୀ ଅନନ୍ତ କୁମାର ସାହୁଙ୍କ(୬୦) ହୃଦ୍‌ଘାତ ରେ ପରଲୋକ ହୋଇଯାଇଛି । ଜଣେ ସ୍ୱଷ୍ଟବାଦୀ ଓ ଦରଦୀ ମଣିଷ ଭାବେ ଜଣାଶୁଣା ସ୍ୱର୍ଗତଃ ଅନନ୍ତ ଜଣେ ପରୋପକାରୀ ବ୍ୟକ୍ତିଭାବେ ସ୍ଥାନୀୟ ଅଂଚଳରେ ସୁପରିଚିତ ଥିଲେ । ଖବରପାଇ କେନ୍ଦ୍ରାପଡା ବ୍ଲକ ଚେୟାରମ୍ୟାନ ଶିବ ପ୍ରସାଦ ଭଳ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବ୍ଲକ ସଭାପତି ଆଲୋକ ସାହୁ, ହରିପଦ ବେହେରା, ରଞ୍ଜିତ୍ ଜେନା,ମଳୟ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ପଂଚାୟତ ପରିକ୍ରମା କରାଯାଇ ଗ୍ରାମ, ଶ୍ମଶାନ ରେ ଶେଷକୃତ ସଂପନ୍ନ କରାଯାଇ ଥିଲା ।

# ବ୍ରହ୍ମପୁର ପୋଲିସର କାର୍ଯ୍ୟାନୁଷ୍ଠାନ : ୧ ଲକ୍ଷ ୧୭ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ

## ୧୨ ଲିଟର ମଦ ଜବତ, ଜଣେ ଗିରଫ

ଗଞ୍ଜାମ,୨୩।୧୧ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ୨୧ ତାରିଖ ସକାଳ ୬ଟା ଠାରୁ ୨୨ ତାରିଖ ସକାଳ ୬ ଟା ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଘଂନକାରୀ ଓ ବେପରୁଆ ଗାଡି ଚାଳକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଘଂନ କରିଥିବା ବେପରୁଆ ଗାଡ଼ି ଚାଳକ ୧୮୬ ଜଣଙ୍କ ଚାଲାଣ କଟାଯାଇଛି । ସେମାନଙ୍କ ନିକଟରୁ ଜୋରିମାନା ବାବଦକୁ ୯୩ ହଜାର ଟଙ୍କା ଆଦାୟ କରାଯାଇଛି । ମୁହଁରେ ମାସ୍କ ପିନ୍ଧି ନଥିବା ୧୦୮ ଜଣ ବ୍ୟକ୍ତି ବିଶେଷଙ୍କ ନିକଟରୁ ୨୧ ହଜାର ୬୦୦ ଟଙ୍କା ଏବଂ ସାମାଜିକ ଦୂରତା କଟକଣା ଉଲ୍ଲଘଂନକାରୀଙ୍କ ନିକଟରୁ ୩ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏହିପରି ମୋଟ୍ ୧ ଲକ୍ଷ ୧୭ ହଜାର ୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ଚଢ଼ଉ କରି ପୋଲିସ ୧୨ ଲିଟର ମଦ ଜବତ କରିଛି । ଘଟଣାରେ ଜଣକୁ ଗିରଫ କରିଥିବା ବେଳେ ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି ।

# ଭଡ଼ାଟିଆ ବିବାହିତା ମହିଳାଙ୍କୁ ଘର ମାଲିକ ଯୌନ ନିର୍ଯାତନା ଓ ବ୍ଲାକ ମେଲିଂକୁ ନେଇ ଥାନାରେ ମାମଲା

## ଅଭିଯୁକ୍ତ ଘର ମାଲିକକୁ ଧରିବା ନିମନ୍ତେ ପୁଲିସର ଉଦ୍ୟମ ଜାରି

ବାରିପଦା,୨୩।୧୧ (ନି.ପ୍ର): ବାରିପଦା ପୌରପରିଷଦରେ ଭଡ଼ାଟିଆ ବିବାହିତା ମହିଳାଙ୍କୁ ଘର ମାଲିକ ଯୌନ ନିର୍ଯ୍ୟାତନା ଓ ବ୍ଲାକ ମେଲିଂକୁ ନେଇ ବାରିପଦା ଟାଉନ ଥାନାରେ ଭାରତୀୟ ଦଣ୍ଡବିଧି ଆଇନ ଧାରା ୪୪୮, ୩୪୨,୩୭୬(୨)(ଏନ),୫୦୬ ଅନୁସାରେ କେଶ ନମ୍ବର ୮୩୧/ ୨୦୨୦ରେ ଏକ ମାମଲା ରୁଜୁ କରିବା ସହିତ ମହିଳା ଅଧିକାରୀଙ୍କ ଦ୍ୱାରା ପଡ଼ିତାଙ୍କ ପରୀକ୍ଷା କରାଯାଇଥିବା ବେଳେ ଅଭିଯୁକ୍ତ ଘର ମାଲିକକୁ ଧରିବା ନିମନ୍ତେ ପୁଲିସ ପକ୍ଷରୁ ଏକ ଟିମ ଗଠନ କରାଯାଇ ଉଦ୍ୟମ ଜାରି ରହିଛି । ଖବରର ବିବରଣୀରୁ ଜଣାପଡ଼ିଛି, ୨୦୧୦ ମସିହାରେ ବିବାହ କରିଥିବା ଜନୈକ ୨୭ ବର୍ଷିୟା ବିବାହିତା ମହିଳା ନିଜ ସ୍ୱାମୀ ଦ୍ୱାରା କୌଣସି କାରଣରୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନାର ଶିକାର ହୋଇଥିଲା ଏବଂ ନିର୍ଯ୍ୟାତନା ସହି ନ ପାରି ନିଜ ବାପ ଘର ଭଦ୍ରଖ ଜିଲ୍ଲା ବାଁଶଦା ଥାନା ଅଂଚଳରେ ୨୦୨୦ ଜୁନ ୧ ପର୍ଯ୍ୟନ୍ତ ରହିବା ପରେ ବାରିପଦା ପୌରପରିଷଦର ରାମଚନ୍ଦ୍ରପୁର ଅଂଚଳର ଜଳଧର ନାୟକଙ୍କ ଘରେ ଘର ଭଡ଼ା ନେଇ ଏକାକୀ ରହିଆସୁଥିଲେ । ଏହାର ସୁଯୋଗ ନେଇ ରାତିରେ ଜଳଧର ନାୟକ ବିବାହିତାଙ୍କ କୋଠରୀ ଭିତରେ ପ୍ରବେଶ କରି ତାଙ୍କର ଅନିଚ୍ଛା ସତ୍ତ୍ୱେ ବଳପୂର୍ବକ ଦୁଷ୍କର୍ମ କରିଥିଲା । ଏହି ଘଟଣାକୁ ନେଇ ପୁଲିସ ସମ୍ମୁଖରେ ମୁହଁ ନ ଖୋଲିବା ନିମନ୍ତେ ଧମକ ମଧ୍ୟ ଦେଇଥିଲା । ଏଥି ସହିତ ଜଳଧର କୌଶଳ କରି ବିବାହିତା ମହିଳାଙ୍କ ସହିତ ଦୁଷ୍କର୍ମ କରୁଥିବା ଅବସ୍ଥାର ଦୃଶ୍ୟକୁ ଭିଡ଼ିଓ ରେକର୍ଡ଼ିଂ କରି ତାଙ୍କୁ ବ୍ଲାକ ମେଲିଂ କରିବା ସଂଗେସଂଗେ ବିଭିନ୍ନ ସମୟରେ ବାଧ କରାଇ ବଳପୂର୍ବକ ଦୁଷ୍କର୍ମ କରି ଆସୁଥିଲା । ମାତ୍ର ୨୦୨୦ ଜୁଲାଇ ୭ରେ ପିଡ଼ିତା ବାରିପଦାରୁ ଖସି ଯାଇ ବାଲେଶ୍ୱରରେ ଭଡ଼ା ନେଇ ରହୁଥିବା ବେଳେ ଜଳଧର ନାୟକ ବିବାହିତା ମହିଳାଙ୍କ ଭିଡ଼ିଓ ଓ ଫଟୋକୁ ଭାଇରାଲ କରାଇଦେବାର ଧମକ ଦେବା ଆରମ୍ଭ କରିଦେଇଥିଲା । ଫଳରେ ଅନ୍ୟ ଉପାୟ ନ ପାଇ ଗତ ନଭେମ୍ବର ୨୧ ତାରିଖ ରାତି ୮.୧୫ ସମୟରେ ପିଡ଼ିତା ଜଣକ ବାରିପଦା ଟାଉନ ଥାନାରେ ପହଁଚି ଅଭିଯୁକ୍ତ ଜଳଧର ନାୟକଙ୍କ ନାମରେ ଲିଖିତ ଅଭିଯୋଗ କରିଥିବାର ଜଣାପଡ଼ିଛି ।

# ଉଚ୍ଚ ରକ୍ତଚାପ କମାଉଥିବା ପାନୀୟ

**ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଫ୍ଲୋରିଡ଼ା ଭିଡେ ସ୍ୱାସ୍ଥ୍ୟ ସଂସ୍ଥାର ପରିଚାଳକ ତଥା କେତେକ ଗବେଷକ ସ୍ୱାସ୍ଥ୍ୟକର ପାନୀୟକୁ ନେଇ ଯେଉଁ ସନ୍ଦର୍ଭ ପ୍ରକାଶ କରିଥିଲେ । ତାହା ବହୁ ସ୍ଥାନରେ ପରୀକ୍ଷିତ ହୋଇ ଜଣାପଡ଼ିଛି ଯେ ଏହାର ନିୟମିତ ସେବନ ଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ ହୋଇଥାଏ । ଏଗୁଡ଼ିକ ହେଲା:**

**ମନ୍ଦାରଫୁଲ ଚାହା:** ଗାଢ଼ ଲାଲ ମନ୍ଦାରଫୁଲରୁ ଏହା ପ୍ରସ୍ତୁତ କରାଯାଇଥାଏ । ଇରାନ ଓ ମଧ୍ୟ ପ୍ରାଚ୍ୟ ଦେଶରେ ଏହାର ପ୍ରଚଳନ ଖୁବ ଅଧିକ ଓ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ତୁଳନାତ୍ମକ ଭାବେ ଏଠାକର ବାସିନ୍ଦା ଉଚ୍ଚ ରକ୍ତଚାପରେ କମ ଆକ୍ରାନ୍ତ ହୁଅନ୍ତି । ଏଥିରେ ଥିବା ଫାଇଟୋ କେମିକାଲ ପ୍ରାକୃତିକ ଏସିଇ ଇନିହିବିଟର ଭଳି କାମ କରି ରକ୍ତ ଚାପ ନିୟନ୍ତ୍ରଣ କରେ । ଦିନକୁ ଦୁଇ କପରୁ ତିନି କପ ସେବନ ରକ୍ତ ଚାପ ସହ କୋଲେଷ୍ଟେରଲ କମାଇବାରେ ସାହାଯ୍ୟ କରେ ।

**ବିଟ୍ ରସ:** ଅଷ୍ଟ୍ରେଲିଆର ମେଲବର୍ଣ୍ଣ ଫିଜିକାଲ ବାୟୋଲ୍ୟାବରେ ୨୦୧୪ ୧୫ ମସିହାରେ ବିଟର ଔଷଧୀୟ ଗୁଣକୁ ନେଇ ପରୀକ୍ଷା ପରେ ଜଣାପଡ଼ିଲା ଯେ ଦିନକ ଗୋଟିଏ ବା ଦୁଇଟି ବିଟର ରସ ସେବନ ଦ୍ୱାରା ରକ୍ତଚାପ କମେ । ବିଟରେ ଅଧିକ ନାଇଟ୍ରେଟ୍ ଥିବାରୁ ଏହା ଶରୀରରେ ନାଇଟ୍ରାଇଟରେ ପରିଣତ ହୁଏ ଏବଂ ରକ୍ତନଳୀ ପ୍ରସାରିତ କରି ରକ୍ତଚାପ କମାଏ । ଏହାଛଡ଼ା ବିଟରେ ଥିବା ପଟାସିୟମ ଓ ଫୋଲେଟ ମଧ୍ୟ ରକ୍ତଚାପ କମ କରେ । ରକ୍ତଚାପ ଯୋଗୁ ହୃଦପିଣ୍ଡର ମାଂସପେଶୀ ନମନୀୟତା ହରାଉଥିବବବାରୁ ହୃଦରୋଗ ସୃଷ୍ଟି କରେ । ବିଟ ରସ ହୃତପିଣ୍ଡ ମାଂସପେଶୀରେ ଅମ୍ଳଜାନ ପରିମାଣ ବଢ଼ାଇ ଏହାର ନମନୀୟତା ରକ୍ଷା କରିଥାଏ ।



**ବେଦନା ରସ:** ଏଥିରେ ମଧ ମନ୍ଦାର ଚାହାଭଳି ପ୍ରାକୃତିକ ଏସିଇ ଇନହିଟିଟର ଥାଏ ଯାହା ରକ୍ତଚାପ କମାଏ । ତାଛଡ଼ା ଏଥିରେ ପଟାସିୟମ ଥିବାରୁ ମଧ ରକ୍ତଚାପ କମାଇବାରେ ସହାୟକ । କୁଇନ ମାର୍ଗାରେଟ ବିଶ୍ୱବିଦ୍ୟାଳୟ ଏଡିନବର ଓ ସ୍କଟଲାଣ୍ଡରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ରକ୍ତି ଚାପ ସହ ଏହା ରକ୍ତନଳୀ ଭିତରେ ଜମିଥିବା ଚର୍ବି ମଧ କମାଏ ।

**କାନ ବେରିରସ:** ଏଥିରେ ଥିବା ନାଇଟ୍ରେଟ ରକ୍ତଚାପ କମାଇବାରେ ସାହାଯ୍ୟ କରେ । ଏହି ରସରେ ଥିବା କାରଣ ବିରୋଧୀ ଶକ୍ତି ରକ୍ତନଳୀ ଭିତରେ ସୃଷ୍ଟି ହୋଇଥିବା କ୍ଷତକୁ ଆରୋଗ୍ୟ କରିଥାଏ ।



# ଦକ୍ଷିଣୀ ସୁନ୍ଦରୀଙ୍କ ଟାଟୁ ଫ୍ୟାଶନ

**ଓ୍ୱେଷ୍ଟର୍ଣ୍ଣ ଯୁଗରେ ଫ୍ୟାଶନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି ଟାଟୁ । ସେ ଅଭିନେତ୍ରୀ ହୁଅନ୍ତୁ କି ସାଧାରଣ ଲୋକ ସଭିଙ୍କର ଟାଟୁ ସଉକ ଦିନକୁ ଦିନ ବଢ଼ିବାରେ ଲାଗିଛି । ଫିଲ୍ମ ଇଣ୍ଡଷ୍ଟ୍ରୀରେ ଏହାର ପ୍ରଚାର ପ୍ରସାର ବହୁ, ମାତ୍ରାରେ ହେଉଛି । ଏହି ଆଧୁନିକ ଟ୍ରେର୍ଣ୍ଡରୁ ସାଉଥ ବ୍ୟୁଟିମାନେ ବି ବାଦ ପଡ଼ିନାହାନ୍ତି । ଏମାନେ ନିଜ ନିଜ ଅଙ୍ଗରେ ଜାଗା ଦେଇଛନ୍ତି ଟାଟୁର ଛାପକୁ....**

### ସାମନ୍ତା ଅକ୍କିନେନି:

ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରୀର ଫିମେଲ ସୁପରଷ୍ଟାର ସାମନ୍ତା ଦେହରେ ଟାଟୁ କରିବାକୁ ଖୁବ ପସନ୍ଦ କରନ୍ତି । ଆଉ ବର୍ତ୍ତମାନ ପର୍ଯ୍ୟନ୍ତ ସେ ତାଙ୍କ ଦେହରେ ତିନିଟି ଟାଟୁ ଖୋଦେଇ କରିସାରିଛନ୍ତି । ଗୋଟିଏ ଟାଟୁରେ ତାଙ୍କ ସ୍ୱାମୀ ନାଗାଙ୍କ ନାଁ ଲେଖିଥିବାବେଳେ ପିଠିର ଉପରି ଭାଗରେ ଗୋଟିଏ ଟାଟୁ ଓ ସ୍ୱାମୀ ନାଗାଙ୍କ ପରି ସମାନ ପ୍ରକାରର ଟାଟୁ କଟିରେ ଆଙ୍କିଛନ୍ତି ।



### ତ୍ରିଶା କ୍ରିଷ୍ଣାନ:

ତ୍ରିଶାଙ୍କ ଫଟୋମାନ ଦେଖିଲେ ଜଣାପଡ଼ିଯାଏ ତାଙ୍କର ଟାଟୁପ୍ରେମ ଟଲିଉଡ ଇଣ୍ଡଷ୍ଟ୍ରୀରୁ କ୍ୟାରିୟର ଆରମ୍ଭ କରିଥିବା ତ୍ରିଶା ଶରୀରରେ ଦୁଇ ଦୁଇଟି ଟାଟୁ ଆଙ୍କିଛନ୍ତି । ଡେସନି ଚ୍ୟାନେଲ ଚରିତ୍ର ନେମୋର ଟାଟୁ ଛାପିଛନ୍ତି ଯେଉଁଥିରୁ ତ୍ରିଶାଙ୍କ କାର୍ଟୁନ ପ୍ରତି ଥିବା ଦୁର୍ବଳତା ମଧ ଜଣା ପଡ଼ିଛି । ଏହାଛଡ଼ା ତ୍ରିଶା ତାଙ୍କ ହାତରେ ଏକ ଡିଜାଇନ ଟାଟୁ କରିଛନ୍ତି ।



### ଶ୍ରୁତି ହାସନ:

ଟଲିଉଡ ତଥା ବଲିଉଡରେ ନିଜର କାୟା ବିସ୍ତାର କରିଥିବା ନାୟିକା ଏହି ରେସରୁ ବାଦ ପଡ଼ିନାହାନ୍ତି । ବାମ କଟିରେ ସେ ବ୍ଲାକ ଓ ହ୍ୱାଇଟ ରୋଜ ସହିତ କାନ୍ଧରେ ସେ ଏକ ସୁନ୍ଦର ଟାଟୁ ଆଙ୍କିଥିବାର ଦେଖାଯାଇଛି । ଏହାଛଡ଼ା ସେ କାନ ପଛପାଖରେ ମଧ ଏକ ସୁନ୍ଦର ଟାଟୁ ତିଆରି କରିଛନ୍ତି ।



# ପିଲାଙ୍କ ଖାଦ୍ୟପେୟ ସମ୍ପର୍କିତ ନୂତନ ତଥ୍ୟ



ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କ ଖାଦ୍ୟପେୟ ନେଇ ଖୁବ୍ ଯତ୍ନଶୀଳ । ପିଲାମାନେ ଖାଦ୍ୟପେୟରେ ହେଳା କରିବା ମାତ୍ରେ ପିତାମାତାଙ୍କ ଚିନ୍ତାନ୍ତ ବଢ଼ିଯାଏ । ଗବେଷକଦଳ ପିଲାଙ୍କ ଉପରେ ଗବେଷଣା କରିବା ସମୟରେ ଏକ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ପ୍ରାୟ ୪୫%ରୁ ଅଧିକ ପିଲା ଖାଇବା ପିଇବାରେ ଖୁବ୍ ହଇରାଣ କରନ୍ତି । ଏହି ପ୍ରବୃତ୍ତି ସେମାନେ ନିଜ ପିତାମାତା, ଜେଜେବାପା, ଜେଜେ ମାଙ୍କ ଠାରୁ ଗ୍ରହଣ କରିଥାନ୍ତି । ଦେଢ଼ ବର୍ଷରୁ ୧୦ବର୍ଷ ବୟସର ପିଲାମାନେ ନିୟମିତ ଭାବରେ ଅନ୍ୟମାନଙ୍କ ଖାଦ୍ୟପେୟକୁ ନିରୀକ୍ଷଣ କରନ୍ତି । ବଡ଼ମାନେ ଯେଉଁଖାଦ୍ୟକୁ ଗ୍ରହଣ କରିବାକୁ ଅନିଛା ପ୍ରକାଶ କରନ୍ତି, ପରବର୍ତ୍ତୀ ସମୟରେ ପିଲାମାନେ ମଧ ସେହି ପଥରେ ପରିଚାଳିତ ହୋଇଥାନ୍ତି । ଗବେଷକଙ୍କ ମତରେ ନିଜ ପିଲାଙ୍କ ସୁସ୍ଥତା ପାଇଁ ପ୍ରଥମେ ଅଭିଭାବକଙ୍କୁ ସଚେତନ ହେବାକୁ ପଡ଼ିବ ।

# ଲୋ ବ୍ଲଡ ପ୍ରେସର



ଲୋ ବ୍ଲଡ ପ୍ରେସର ବା ନିମ୍ନ ରକ୍ତ ଚାପ, ଅକ୍ସିଜେନକୁ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ବାଧା ଦେଇଥାଏ । କେବଳ ଅକ୍ସିଜେନ ନୁହେଁ ଅନ୍ୟ ପୋଷକ ତତ୍ତ୍ୱ ମଧ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । ବ୍ଲଡ ପ୍ରେସରକୁ ସ୍ୱାସ୍ଥ୍ୟର ଭାଷାରେ ହାଇପୋଟେନସନ କୁହାଯାଏ । ବ୍ଲଡ ପ୍ରେସର କୌଣସି ବେମାରୀ ନୁହେଁ । କିନ୍ତୁ ଶରୀରରେ ସୃଷ୍ଟି ହୋଇଥିବା ଅନ୍ୟ ଗମ୍ଭୀର ବେମାରୀର ସଙ୍କେତ । ଏପରି ସ୍ଥଳେ କାହାରି ଶରୀରରେ ରକ୍ତ ପ୍ରବାହ ସାମାନ୍ୟରୁ ଯଦି କମ୍ ହୋଇଥାଏ ତେବେ ନିମ୍ନ ରକ୍ତିଚାପ ବା ଲୋ-ବ୍ଲଡ ପ୍ରେସର କୁହାଯାଏ । ଏଥିରେ ହୃଦୟ, କିଡନୀ, ଫୁସଫୁସ ଓ ମସ୍ତିଷ୍କ ଆଂଶିକ ଭାବରେ ବା ସମ୍ପୂର୍ଣ୍ଣ ଭାବରେ କାମ କରିବା ମଧ ବନ୍ଦ କରିଦେଇପାରେ । ଯଦି କୌଣସି ଔଷଧ ପାଇଁ ଲୋ ବ୍ଲଡ ପ୍ରେସର ରହୁଛି ତେବେ ଡାକ୍ତରଙ୍କ ପରାମର୍ଶ ନେଇ ସେ ଔଷଧର ପରିମାଣ କମ କରିବା ବା ବନ୍ଦ କରିଦେବା ଉଚିତ । ପୋଷକ ତତ୍ତ୍ୱ ପାଇଁ ଭରପରୁ ଖାଦ୍ୟ ଖାଇବା ଉଚିତ । ଅଲଗା- ଅଲଗା ଫଳ, ପରିବା, ଶସ୍ୟ, କମ ଫ୍ୟାଟ ଥିବା ମାଂସ ଓ ମାଛକୁ ଭୋଜନ କରିବା ଉଚିତ । ଖାଦ୍ୟରୁ ଆଳୁ, ଭାତ ଓ ବ୍ରେଡ ପରି ଅଧିକ କାର୍ବୋହାଇଡ୍ରେଟ ଥିବା ଖାଦ୍ୟ ପଦାର୍ଥର ପ୍ରୟୋଗ କମ କରନ୍ତୁ । ସ୍ମୋକିଂ କରିବା ଅନୁଚିତ, ସକ୍ରିୟ ରହି ଅଧିକ ଝାଳ ବାହାରିବା ପରି କାମ କରିବା ଉଚିତ ନୁହେଁ । ଅଧିକ ଖରାରେ ବାହାରନ୍ତୁ ନାହିଁ ଓ ପର୍ଯ୍ୟାପ୍ତ ମାତ୍ରାରେ ଲୁଣ ଖାଇବା ଉଚିତ ଓ ଅଧିକ ଟେନସନ ନେବା ଉଚିତ ନୁହେଁ । ଏହା ଉପରେ ଗୁରୁତ୍ୱ ଦେଲେ ଲୋ ବିପିରୁ ରକ୍ଷା ପାଇପାରିବେ ।

**ଉପଚାର:** ବ୍ଲଡ ପ୍ରେସର ଲୋ ହେଲେ- ୧ ତୁରନ୍ତ ବସିଯାଆନ୍ତୁ ବା ଶୋଇ ପଡ଼ନ୍ତୁ । ହାତ ମୁଠା ବନ୍ଦ କରନ୍ତୁ ଓ ଖୋଲନ୍ତୁ । ଗୋଡ଼ ହଲାନ୍ତୁ(୨) ଲୁଣ ଓ ଚିନି ମିଶ୍ରିତ ପାଣି ଓ ଚା ପିଅନ୍ତୁ । ଗୋଡ଼ ତଳେ ଦୁଇଟି ତକିଆ ଦେଇ ଶୁଅନ୍ତୁ । (୩) ଯେଉଁ ଲୋକମାନେ ପ୍ରଥମରୁ ଉଚ୍ଚ ରକ୍ତଚାପ ଔଷଧ ଖାଉଛନ୍ତି, ସେମାନେ ଔଷଧ ଖାଉଛନ୍ତି । ସେମାନେ ଔଷଧ ଖାଇବା ବନ୍ଦ କରନ୍ତୁ । (୪) ଅତି କମ୍‌ରେ ଆଠ ଗ୍ଲାସପାଣି ଓ ଜୁସ ଇତ୍ୟାଦି ପ୍ରତ୍ୟେକ ଦିନ ପିଅନ୍ତୁ ।

# ଦିଲ୍‌ଓ୍ୱାରା ଜୈନ ମନ୍ଦିର

ରାଜସ୍ଥାନର ମାଉଣ୍ଟ ଆବୁ ଠାରୁ ସାଢ଼େ ୨ କିଲୋମିଟର ଦୂରରେ ରହିଛି ଦିଲଓ୍ୱାରା ବମଳ ବାସାହି ମନ୍ଦିର । ଏହି ମନ୍ଦିରରେ ପ୍ରଥମ ଜୈନ ତୀର୍ଥଙ୍କର ଆଦିନାଥ ବା ଋଷଭଦେବ ପୂଜା ପାଆନ୍ତି । ଆକର୍ଷଣୀୟ ମାର୍ବଲ କଳାକୃତି



ପାଇଁ ଏହି ମନ୍ଦିର ପ୍ରସିଦ୍ଧ । ୧୦୩୧ ମସିହାର ଚାଲୁକ୍ୟ ରାଜତ୍ୱ କାଳରେ ଏହି ମନ୍ଦିରଟିକୁ ସମ୍ପୂର୍ଣ୍ଣ ଧଳା ମାର୍ବଲରେ ନିର୍ମାଣ କରାଯାଇଥିଲା । ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ବେଶ୍ ଚିତ୍ତାକର୍ଷକ । ସୂକ୍ଷ୍ମ କାରୁକାର୍ଯ୍ୟ ଭରା ରଙ୍ଗମଣ୍ଡପର ବିଶେଷତ୍ୱ ହେଉଛି ଏକ ବିଶାଳ ବର୍ତ୍ତୁଳାକାର ଛାତ । ବାରଟି ସୁନ୍ଦର ସାଜସଜା ହୋଇଥିବା ସ୍ତମ୍ଭ ଉପରେ ତିଆରି ହୋଇଛି ଛାତ । ପ୍ରତ୍ୟେକ ସ୍ତମ୍ଭରେ ବାଦ୍ୟ ଯନ୍ତ୍ର ବାଦନ କରୁଥିବା ନାରୀ ମୂର୍ତ୍ତି ସହିତ ରହିଛି ଷୋହଳଟି ବିଦ୍ୟାଦେବୀଙ୍କ ଚମତ୍କାର ପ୍ରତିକୃତି । ମନ୍ଦିରରେ ଆହୁରି ମଧ୍ୟ ଅଛି ସବୁ ଜୈନ ତୀର୍ଥଙ୍କର ମାନଙ୍କର କ୍ଷୁଦ୍ର ପଥର ମୂର୍ତ୍ତି । ମନ୍ଦିରର ଛାତ, କାନ୍ଥ ଓ ସ୍ତମ୍ଭଗୁଡ଼ିକ ପୁଷ୍ପ, ପତ୍ର ଏବଂ ଡାଳର ସୂକ୍ଷ୍ମ କାରୁକାର୍ଯ୍ୟରେ ଭରା । ଏହା ଛଡ଼ା ଜୈନ ଏବଂ ହିନ୍ଦୁ ଧର୍ମର ପୌରାଣିକ ଗାଥାର ବିଭିନ୍ନ ଦୃଶ୍ୟ ଓ ଚରିତ୍ରଙ୍କୁ ଏହି ମନ୍ଦିର ଗାତ୍ରରେ ସେ କାଳର ଶିଳ୍ପୀମାନେ ଅତି ସୁନ୍ଦର ଭାବେ ଖୋଦେଇ କରିଥିବାର ଦେଖିବାକୁ ମିଳେ । ଏହି ମନ୍ଦିରକୁ ଦେଖିବାକୁ ଦେଶ ଭିତରୁ ତଥା ବିଦେଶରୁ ପର୍ଯ୍ୟଟକ ମାନେ ଆସନ୍ତି ।

# ଫେଷ୍ଟିଭାଲ ଓ୍ୱିଅର

**ଫେଷ୍ଟିଭାଲ ସିଜନରେ ନୂଆ ନୂଆ ଫେଷ୍ଟିଭାଲ ଫ୍ୟାସନ କଲେକସନର ଲଞ୍ଚ ହୋଇଥାଏ । ତେଣୁ ଆପଣ ଏହି ଟ୍ରେଣ୍ଡି ଫେଷ୍ଟିଭ କଲେକ୍ସନରୁ ଆପଣଙ୍କ ପାଇଁ ଫେଷ୍ଟିଭ ଆଉ ଫିଟକୁ ପସନ୍ଦ କରିପାରନ୍ତି । ଏହା ବ୍ୟତୀତ ଆପଣ ଫେଷ୍ଟିଭ ଫ୍ୟାସନ ଟ୍ରେଣ୍ଡ ବିଷୟରେ ଜାଣି ନିଜ ପାଇଁ ସୁନ୍ଦର ଆଉଟଫିଟ ଡିଜାଇନ କରିପାରିବେ । ତେବେ ଏଠାରେ ଏକ ଫ୍ୟାସନ ଓ୍ୱିକ ଅନୁସାରେ ଲେଟେଷ୍ଟ ଫ୍ୟାସନ ଟ୍ରେଣ୍ଡସର କେତେକ ଆଉଟଫିଟ୍ ବିଷୟରେ ଜାଣିବା ଯାହାକୁ ଆପଣ ପିନ୍ଧିବା ଦ୍ୱାରା ଗ୍ଲାମରସ ଓ ଷ୍ଟନିଙ୍ଗ ଚାଲିବେ ।**

### ଲାଇଟଓ୍ୱାର୍କ:

ଆଜିକାଲିର ଟ୍ରେଣ୍ଡରେ କଣ୍ଟେମ୍ପୋରାରୀ ଇଣ୍ଡିଆନ ଓ୍ୱିଅରରେ ମହିଳାମାନଙ୍କର ନଜର କମ ରହୁଛି । ଏହା ବ୍ୟତୀତ ହାଲୁକା କାମ ସହିତ ଠିକ ଡିଜାଇନର ସମୟ ଆସିଛି । ଏବେ ହେଭି କାମ ଆଉଟ ଅଫ ହେଟ୍ ହୋଇସାରିଲାଣି । ତେବେ ଆପଣ ମଧ ଆପଣଙ୍କ ଶରୀରକୁ ସୁଟ୍ କରିବା ପରି ଅଲଗା ଅଲଗା କଟସର ଟପ ସହିତ ପ୍ୟାଣ୍ଟକୁ ଷ୍ଟାଇଲ କରି ଫେଷ୍ଟିଭ ଓ ଟ୍ରେଣ୍ଡି ଲୁକ୍ ପାଆନ୍ତୁ ।



### ହ୍ୟାଣ୍ଡକ୍ରାଫଟେଡ ଏମ୍ବେଲିଶମେଣ୍ଟ:

ଏଇ ଏଥର ଫ୍ୟାସନ ଟ୍ରେଣ୍ଡରେ ହ୍ୟାଣ୍ଡକ୍ରାଫଟେଡ ମୋଟିଫ ଓ କଟସର ନୂଆ ଷ୍ଟାଇଲର ଆଉଟ ଫିଟ୍ ରହିଛି । ଏହି ଆଉଟ ଫିଟ ଉପରେ ଅଧିକ ଏକ୍ସପେରିମେଣ୍ଟ ହୋଇଛି ଓ ଫ୍ୟାଶସ ମୋଟିଫସ ସହିତ ନୂଆନୂଆ ଏକ୍ସପେରିମେଣ୍ଟ ମଧ ହେଉଛି । ଏଥରର ଫେଷ୍ଟିଭ ସିଜନରେ କଣ୍ଟେମ୍ପୋରାରୀ ଇଣ୍ଡିଆନ ଓ୍ୱିଅରରେ ମୁଗଲ ଜାଲୀ ପରି ମୋଟିଫସ ଟ୍ରେଣ୍ଡରେ ରହିବାର ଅଛି ।

### ଫେବ୍ରିକ୍:

ଯଦି ଗ୍ଲାମର ଚାହାନ୍ତି ତେବେ ଫେବ୍ରିକ ମଧ ବଢ଼ିଆ ହେବା ଆବଶ୍ୟକ । ଏପରି ସ୍ଥଳେ ଚନ୍ଦେରୀ କର୍ଟନ, ମଲମଲ, ଜର୍ଜେଟ ଓ ମଡ଼େଲ ସାଟିନ ପରି ଫେକ୍ରିକର ମଡ଼ର୍ଡ ଷ୍ଟାଇଲସର ଫାଇଦା ଉଠାଇପାରିବେ ।

# ରୋଗପ୍ରତିରୋଧକ ଶକ୍ତି ବଢ଼ାଏ ରସୁଣ ଓ କ୍ଷୀର

**କଞ୍ଚା ରସୁଣ ଖାଇବାକୁ ଅନେକେ ପସନ୍ଦ କରନ୍ତି ନାହିଁ । କ୍ଷୀର ସହ ରସୁଣ ମିଶାଇଲେ ତ ତାହା ଆହୁରି ସ୍ୱାଦହୀନ ହୋଇପଡ଼େ । କିନ୍ତୁ ଏହି ସ୍ୱାଦହୀନ ପାନୀୟର ଶରୀରକୁ ସୁସ୍ଥ ରଖିବାରେ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ନିମ୍ନୋକ୍ତ ସ୍ୱାସ୍ଥ୍ୟ ସମସ୍ୟାରେ ରସୁଣ ସହ କ୍ଷୀର ପିଇବା ଦରକାର ପଡ଼େ ।**

**ଶ୍ୱାସ ଓ ନିମୋନିଆ:** ଶ୍ୱାସ ସମସ୍ୟା ଥିଲେ ପ୍ରତିଦିନ ତିନିରୁ ଚାରି କୋଲା ରସୁଣ ଚୋବାଇ ଖାଆନ୍ତୁ ଏବଂ ନିମୋନିଆ ଲକ୍ଷଣ ଦେଖାଦେଲେ କ୍ଷୀରରେ ରସୁଣ ସିଝାଇ ଦିନକୁ ଦୁଇରୁ ତିନି ଥର ପିଅନ୍ତୁ ।

**ହୃଦ୍ ସମସ୍ୟା:** ରକ୍ତରେ କୋଲେଷ୍ଟ୍ରଲ ମାତ୍ରା କମ କରିବା ପାଇଁ ରସୁଣ ଓକ୍ଷୀର ବେଶ ଉପଯୋଗୀ ।

**ଜଣ୍ଡିସ:** ଶରୀରରେ ଟକ୍ସିନର ମାତ୍ରା ବଢ଼ିଲେ କଳିଜା ଜଳିବା ପରି ଅନୁଭବ ହୁଏ ଏବଂ ଜଣ୍ଡିସ ଭଳି ସମସ୍ୟା ଦେଖାଯାଏ । ଏପରି କିଛି ଲକ୍ଷଣ ଜଣାପଡ଼ିଲେ ରସୁଣ-କ୍ଷୀର ପିଇବାରେ ଜମା ବି ହେଳା କରନ୍ତୁ ନାହିଁ । ଏହା ଶରୀରରୁ ବିଷାକ୍ତ ପଦାର୍ଥ ଦୂର କରେ ।

**ଆର୍ଥ୍ରାଇଟିସ:** ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ହେଲେ ଔଷଧ ଅପେକ୍ଷା ରସୁଣ-କ୍ଷୀର ତୁରନ୍ତ କାମ କରେ ।

**ଇନ୍ସୋମନିଆ:** ଇନ୍ସୋମନିଆ ଅର୍ଥାତ ଅନିଦ୍ରା ରୋଗ ହେଲେ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ ରସୁଣ-କ୍ଷୀର ପିଅନ୍ତୁ । ଅଳ୍ପ କିଛିଦିନର ଏହି ଅଭ୍ୟାସ ଆପଣଙ୍କୁ ଦେବ ସୁନିଦ୍ରା ।

**କଫ:** ଯଦି କଫ ଜମି କାଶ ହେଉଛି ଏକ ଗ୍ଲାସ ରସୁଣକ୍ଷୀରରେ ଟିକେ ହଳଦୀ ପକାଇ ଫୁଟାଇ ଦିଅନ୍ତୁ ଓ ଗରମ ଗରମ ପିଅନ୍ତୁ, ଦେଖିବେ ଏହା କଫ ସିରପ ଠାରୁ ମଧ ଶୀଘ୍ର ଆରାମ ଦେବ ।

ପେଟ ସମସ୍ୟା ଥିଲେ: ଖାଦ୍ୟ ହଜମ ହେଉ ନଥିଲେ ଏକ ଗ୍ଲାସ ଉଷୁମ ରସୁଣ-କ୍ଷୀର ପିଇବାକୁ ଭୁଲନ୍ତୁ ନାହିଁ । ଏହା ହଜମ ଶକ୍ତି ବଢ଼ାଇବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ ବଢ଼ାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ପୁଣି ଆସିପାରେ କରୋନା...

କରୋନା ମହାମାରୀ ଦ୍ୱିତୀୟ ଥର ପାଇଁ ତା'ର କାୟା ବିସ୍ତାର ଆରମ୍ଭ କରିଛି । କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଏହାର ପ୍ରଭାବ ଅନୁଭୂତ ହୋଇଛି । ରାଜଧାନୀ ଦିଲ୍ଲୀ ସମେତ ରାଜସ୍ଥାନ ଓ ଆଉ କେତେକ ରାଜ୍ୟରେ ଏହା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଇତିମଧ୍ୟରେ ପ୍ରାୟ ନଅ ମାସ ବିତିସାରିଛି ଓ କରୋନାର କାଳ କାୟା ବିସ୍ତାରରେ ଦେଶର ପ୍ରାୟ ୯୦ ଲକ୍ଷରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବାବେଳେ ତଦ୍‌ଜନିତ ମୃତ୍ୟୁସଂଖ୍ୟା ୧ ଲକ୍ଷ ୩୩ ହଜାରକୁ ଟପିଛି । ଏହା ସତ୍ତ୍ୱେ ନିର୍ବିବାଦରେ କୁହାଯାଇପାରେ ଯେ, ଦେଶବାସୀଙ୍କ ସତର୍କତା ଯୋଗୁଁ କରୋନା ମହାମାରୀର ପ୍ରଥମ ଲହରକୁ ମୁକାବିଲା କରିବାରେ ଭାରତ ଯଥେଷ୍ଟ ମାତ୍ରାରେ ସକ୍ଷମ ହୋଇପାରିଥିଲା । ଭାରତର ଜନସଂଖ୍ୟା ଦୃଷ୍ଟିରୁ ଏହା ଏକ ବିରାଟ ଉପଲବ୍ଧି ବୋଲି ଦେଶ ଭିତରେ ଓ ବାହାରେ ସଭିଏଁ ସ୍ୱୀକାର କରିଥିଲେ । ତେବେ କରୋନା ମାତ୍ରା ହ୍ରାସ ଏବଂ ଏହାର ନିୟନ୍ତ୍ରଣ ଦୁଇଟି ଭିନ୍ନ ପ୍ରସଙ୍ଗ । ଗତ ନଅ ମାସ ମଧ୍ୟରେ ସମଗ୍ର ପୃଥିବୀରେ କରୋନାକୁ ନିୟନ୍ତ୍ରଣ କରିବା ଓ ଏହାର ପ୍ରତିଷେଧକ ଟିକା ବାହାର କରିବା ସକାଶେ ହଜାର ହଜାର କୋଟି ଡଲାର ବ୍ୟୟ କରାଯିବା ସତ୍ତ୍ୱେ ଏଯାବତ୍ ସଂପୂର୍ଣ୍ଣ ସଫଳତା ହାତମୁଠାକୁ ଆସିନାହିଁ । ଏପରିକି ସମସ୍ତ ଦାବି ସତ୍ତ୍ୱେ ଟିକା ବାହାରିବାରେ ତାରିଖ ଘୁଞ୍ଚି ଘୁଞ୍ଚି ଚାଲିଛି । ସମସ୍ତେ ଆଶାବାନ୍ ଯେ, ଯଥାଶୀଘ୍ର ଟିକା ବାହାରିବ । ଭାରତ ମଧ୍ୟ ସେଇ ବିଶ୍ୱାସ ରଖିଛି ଓ ଟିକା ବାହାରିବା ମାତ୍ରେ ପ୍ରାୟ ୨୫ରୁ ୩୦ କୋଟି ଲୋକଙ୍କୁ ପ୍ରଥମ ପର୍ଯ୍ୟାୟରେ ଏହା ଦିଆଯିବ ବୋଲି ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । କିନ୍ତୁ ସେ ସମୟ ଆହୁରି ବାକି । ବାସ୍ତବତା ଦୃଷ୍ଟିରୁ ବିଚାର କଲେ, ଭୂତାଣୁ ବିଜ୍ଞାନୀ ଓ ସଂକ୍ରାମକ ରୋଗ ବିଶେଷଜ୍ଞମାନଙ୍କ ମତରେ, କରୋନାନ ଭୂତାଣୁ ସଂକ୍ରମଣ ଏତେଶୀଘ୍ର ସଂସାରରୁ ବିଲୋପ ହେବନାହିଁ । ଏହି ଭୂତାଣୁ ତା'ର କାୟ (ଷ୍ଟ୍ରେନ) ବଦଳାଇ ନୂଆ ନୂଆ ଢଙ୍ଗରେ ମାନବ ସମାଜକୁ ସଂକ୍ରମିତ କରିବ ଏବଂ ଏହି ଧାରା ଆଗାମୀ କିଛି ବର୍ଷ ପର୍ଯ୍ୟନ୍ତ ସେମିତି ଜାରି ରହିବ । ଅନ୍ୟ କେତେକ ବିଜ୍ଞାନୀଙ୍କ କହିବା ଅନୁସାରେ- କରୋନା ସବୁଦିନ ପାଇଁ ବିଶ୍ୱରେ ରହିଯିବ, ଏହା ଲୋକ ପାଇବ ନାହିଁ । ଅର୍ଥାତ୍ ଯେଉଁ ସ୍ୱଚ୍ଛନ୍ଦ ଜୀବନ ଆମେ ବଞ୍ଚୁଥିଲେ, ତାହା ଅତୀତ ହୋଇସାରିଛି । ଏବେ ସତର୍କତାର ସହିତ ଆମକୁ ଓ ଆମର ଭବିଷ୍ୟତ ବଂଶଧରମାନଙ୍କୁ ଜୀବନ ବଞ୍ଚିବାକୁ ପଡ଼ିବ । ସତ୍ୟ ଯାହା ହୋଇଥାଉ ନା କାହିଁକି, ତାହା ମାନବ ସମାଜ ଲାଗି କଦାପି ଶୁଭଙ୍କର ନୁହେଁ, ସେହି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ସହ ଭାବ ବିନିମୟ ବେଳେ ହେଉ ଅଥବା ସେମାନଙ୍କ ସମ୍ବୋଧିତ କରିବା ସମୟରେ ହୋଇଥାଉ, ସତର୍କତା ଅବଲମ୍ବନ ସକାଶେ ବାରମ୍ବାର ପରାମର୍ଶ ଦେଇଆସୁଛନ୍ତି ।

ଗତ ପ୍ରାୟ କେଇ ସପ୍ତାହ ମଧ୍ୟରେ ଭାରତ ସମେତ ବିଶ୍ୱର ଅନେକ ରାଷ୍ଟ୍ରରେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହେବାର ସଂକେତ ମିଳିଛି, ବିଶେଷକରି ୟୁରୋପୀୟ ରାଷ୍ଟ୍ରମାନଙ୍କରେ । ସେଠାରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଚାଲିଛି । ଏହାକୁ ଦୃଷ୍ଟିରେ ରଖି ସ୍ପେନ ସରକାର ୨୦୨୧ ମସିହା ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ଲକଡାଉନ ଘୋଷଣା କରିଛନ୍ତି । ବ୍ରିଟେନ ଏକ ମାସ ପାଇଁ, ଫ୍ରାନ୍ସ ଦୁଇ ସପ୍ତାହ ଲାଗି ଓ ଜର୍ମାନୀ ଚାରି ସପ୍ତାହ ସକାଶେ ଏଭଳି ଲକଡାଉନ ଜାରି କରିଛନ୍ତି । ଇଟାଲି ଖୁବ୍‌ଶୀଘ୍ର ଅଧିକ କଠୋର ନିଷେଧାଦେଶ ଜାରି କରିବାକୁ ଯାଉଛି । ଏହିସବୁ ରାଷ୍ଟ୍ର ଓ ଅନ୍ୟାନ୍ୟ ଦେଶ ଏବେ ଦ୍ୱିତୀୟ ପର୍ଯ୍ୟାୟ କରୋନା ସଂକ୍ରମଣର ପ୍ରଭାବକୁ ଭଲଭାବେ ଅନୁଭବ କଲେଣି ଓ ତାହା ପ୍ରଥମ ପର୍ଯ୍ୟାୟ ସଂକ୍ରମଣଠାରୁ ଅଧିକ ଭୟଙ୍କର ହେବ ବୋଲି ଆଶଙ୍କା କରାଯାଉଛି । ଆଗକୁ ଶୀତଦିନ । ଶୀତ ଯେତେ ବଢ଼ିବ କରୋନା ଭୂତାଣୁ ସେତିକି ମାରାତ୍ମକ ହେବ ବୋଲି ଚିକିତ୍ସା ବିଜ୍ଞାନୀଙ୍କ ମତ । ଗତ ଅକ୍ଟୋବର ମାସ ଦ୍ୱିତୀୟାର୍ଦ୍ଧଠାରୁ ଦିଲ୍ଲୀରେ ଦୈନିକ ସଂକ୍ରମଣଙ୍କ ସଂଖ୍ୟା ପୁଣି ବୃଦ୍ଧି ପାଇବା ଆରମ୍ଭ କରିଛି । ଏହାର ନିର୍ଦ୍ଦିଷ୍ଟ କାରଣ କ'ଣ ତାହା ଜାଣିବା ଯେତିକି ଜରୁରି ନୁହେଁ, ତାହାଠାରୁ ଅଧିକ ଆବଶ୍ୟକ ଏହାର ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା । ରାଜସ୍ଥାନ ସରକାର ରାଜ୍ୟରେ କରୋନାର ଦ୍ୱିତୀୟ ଲହରକୁ ରୋକିବା ଲାଗି ୧୪୪ ଧାରା ଜାରି କରିଛନ୍ତି । ମହାରାଷ୍ଟ୍ର ସରକାର ଅତୀତର ତିକ୍ତ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସହ ବିମାନ ଓ ରେଳସେବା ରଦ୍ଦ ପାଇଁ ଚିନ୍ତା କରୁଛନ୍ତି । ଏବେ ଦିଲ୍ଲୀର କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ଖୋଦ୍ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅଣ୍ଟା ଭିଡ଼ିଛନ୍ତି । ଅନ୍ୟାନ୍ୟ ରାଜ୍ୟର ସ୍ଥିତି ସେପରି ଉତ୍ସାହଜନକ ନୁହେଁ । ତେଣୁ ଦ୍ୱିତୀୟ ଲହର ଯେ ଅନିବାର୍ଯ୍ୟ ତାହା ଅନସ୍ୱୀକାର୍ଯ୍ୟ । ଏଥିପାଇଁ ଆମକୁ ପୁଣି ଥରେ ସେହି ଲକଡାଉନ, ସାମାଜିକ ଦୂରତା ରକ୍ଷା, ମାସ୍କ ପିନ୍ଧିବା, ହାତଧୁଆ ଓ ସତର୍କତା ଅବଲମ୍ବନ ଭଳି ସାଧନ ନିକଟକୁ ଫେରିବାକୁ ହେବ । ଏହା କେବଳ ସରକାରୀ ନିର୍ଦ୍ଦେଶରେ ନୁହେଁ କି ଶାସନ କଳର ତାଗିଦରେ ନୁହେଁ, ଜନସାଧାରଣଙ୍କ ମାନସିକତାରେ ଏହା ସ୍ୱତଃ ପ୍ରତିଫଳିତ ହେବା ଆବଶ୍ୟକ । କାରଣ ଗଣଶତ୍ରୁ କରୋନା ଏବେ ଆଉ ଥରେ ଦ୍ୱାରଦେଶରେ ଦଣ୍ଡାୟମାନ । ଶତ୍ରୁ ନିପାତ ପର୍ଯ୍ୟନ୍ତ ଆମକୁ ସେଇ ସଂଗ୍ରାମରେ ଦିବାରାତ୍ର ଏକାକାର କରିବାକୁ ପଡ଼ିବ । ରୋଗ ଓ ଶତ୍ରୁ, ଉଭୟ ଆମ ପାଇଁ ଅବାଞ୍ଛିତ ।

ଅକ୍ଷୟ ପଣ୍ଡା

# ରାସ୍ତା ଅବରୋଧ ଓ ପରିଚ୍ଛନ୍ନତା



ଶୀତ ସକାଳ । ହାଲକା ହାଲକା ଥଣ୍ଡା ଲାଗୁଥାଏ । ସେତେବେଳକୁ ପ୍ରାୟ ହୋଇଥାଏ ଦିନ ନଅଟା ସମୟ । ଆକାଶ ମଥାନରୁ ସୂର୍ଯ୍ୟାଲୋକ ପଡିଲାଣି । କୁଆଡେ ଉଭେଇ ଗଲାଣି କୁହୁଡି ର ପରଦା । ସେତେବେଳକୁ ମୁଁ ଡାକବଙ୍ଗଳା ଛକ ଅତିକ୍ରମ କରିଗଲିଣି । ଆଉ ଅଧକିଲୋମିଟର ପରେ ଆସିଯିବ ନୂଆ ବଜାର । ଅଚାନକ ଗାଡି ପଡିବାର ଆୱାଜ ଶୁଣି ଚମକି ପଡିଲି । ମୁହଁ ଘୂରାଇ ଦେଖିଲି ଆଉ ଡେରି ନକରି ଧାଇଁଗଲି ସେମାନଙ୍କ ପାଖକୁ । ଦେଖିଲି ବାଇକ ଆଗ ଲାଇଟ୍ ଭାଙ୍ଗି ଯାଇଥିଲା । ବାଇକ ଚାଳକ କ୍ଷତ ବିକ୍ଷତ ହୋଇଥିଲେ । ମାତ୍ର ହେଲମେଟ ଥିବାରୁ ମଥାରେ ଚୋଟ ଲାଗିନଥିଲା । ସେମାନଙ୍କୁ ଟିକେ ସାହାଯ୍ୟ କରି ରାସ୍ତା କଡକୁ ନେଲି । ଅନ୍ୟମାନେ ଧାଇଁ ଆସି ସାହାଯ୍ୟର ହାତ ବଢାଇ ଦେଲେ ।

ହେଲେ ମୋ ମନଟା ମାନିଲାନି । ମୁଁ ଖୋଜି ହେଲି ଏ ଦୁର୍ଘଟଣାର କାରଣ କଣ? ପରିଶେଷରେ ମିଳିଗଲା ମୋତେ ତାର ପ୍ରମାଣ । ଆଉ ଡେରି ନ କରି ରାସ୍ତାରୁ ସଫା କରିଦିଆଗଲା ଗୋବର । ଭଗବାନଙ୍କୁ ପ୍ରାର୍ଥନା କଲି କେହି କେବେ ଏପରି ଦୁର୍ଘଟଣାରେ ସମ୍ମୁଖିନ ନହୁଅନ୍ତୁ ।

ପୁଣି ଭାବିଲି ଭଗବାନେ କ'ଣ କରିବେ ? ଆମେ କିପରି ଆମକୁ ସୁରକ୍ଷା କରିପାରିବା ସେଇଟା ବଡ କଥା । ଡକ୍ଟର ପାଟିଲ କହୁଥିଲେ । "ଆପଣା ସୁରକ୍ଷା ଆପଣା ହାତେ" । ସତରେ ଆମ୍ଭେମାନେ ସଜାଗ, ସଚେତନ ଓ ତୀକ୍ଷ୍ଣ ଅବଲୋକନ କଲେ ଆସୁଥିବା ବିପଦକୁ ଏଡେଇ ହେବ ।

ଆମେ ଅଜଣାତରେ କେତେ କ'ଣ କରୁଛୁ ? କରିବା ପୂର୍ବରୁ ଥରୁଟିଏ ଚିନ୍ତା କରିବା ଆବଶ୍ୟକ ।

ଆମ୍ଭେମାନେ କାର, ବାଇକ ବା ସାଇକେଲ ରଖିଲା ବେଳେ କେବେ ହେଲେ ଧ୍ୟାନ ଦେଉନା । ଅନ୍ୟମାନଙ୍କ ନିରାପତ୍ତା ଉପରେ । ଏଣିକି ହାଟ ବଜାର ଦୋକାନ ସାମ୍ନାଟା ସତେ ଯେପରି ଲାଗୁଛି ଗାଡି ଷ୍ଟାଣ୍ଡ । ସେଇଥି ପାଇଁ ହେଉଛି ଦୁର୍ଘଟଣା ।

ଗୃହପାଳିତ ପ୍ରାଣୀ ମାନଙ୍କୁ ଆମେ ଆମ ମନ ମୁତାବକ ବୁଲା ଷଣ୍ଢ ପରି ଛାଡି ଦେଉଛୁ । ସେମାନ୍ ରାସ୍ତାଘାଟ, ବ୍ୟାଙ୍କ, ଅଫିସ୍ ଓ ମନ୍ଦିର ସାମ୍ନାରେ ଭିଡ ଲଗାନ୍ତି । ଯାହା ଅନ୍ୟମାନଙ୍କ ପାଇଁ ବିପଦକୁ ଡାକିଆଣେ ।

ଘର ର ମୂଷା ମଲା ବିରାଡି ଛୁଆ । ମଲା କୁକୁର ଛୁଆ କୁ ରାସ୍ତାକୁ ଫିଙ୍ଗିବା ଆଦୌଉଁ ଠିକ୍ ନୁହେଁ । କେତେକ ଯାତ୍ରୀ କଦଳୀ, ଲେମ୍ବୁଖାଇ ଚଳନ୍ତି ଗାଡି ଭିତରୁ ଚୋପା ଫିଙ୍ଗି ଦିଅନ୍ତି ରାସ୍ତା ଉପରକୁ । ଯାହା ଅନ୍ୟମାନଙ୍କ ପାଇଁ ଅସୁବିଧା ଆଣେ ।

ସାର୍ବଜନିକ ରାସ୍ତା ଉପରେ ଛେପ ପକାଇବା ଆଦୌଉଁ ଶୋଭନୀୟ ନୁହେଁ । ଅନେକ ସମୟରେ ଲୋକେ କାନ୍ଥ, ବାରଣ୍ଡା ଓ ସରକାରୀ ରାସ୍ତା ଉପରେ ପାନ ଛେପ ପକାଉ ଥିବାର ଦେଖାଯାଏ ।

ଘର ର ମଇଳା କାଗଜ ଟୁକୁଡା, ସୁଖିଲା ପତ୍ର, ପଲିଥିନ ଆଦିକୁ ରାସ୍ତା କଡରେ ନିଆଁ ଲଗାନ୍ତୁ ନାହିଁ । ଇଟା ଭାଟି ରାସ୍ତା କଡରେ କରି ଅଗ୍ନି ସଂଯୋଗ କରନ୍ତୁ ନାହିଁ । ଏହା ବାୟୁ ପ୍ରଦୂଷଣ ବଢାଇବା ସଙ୍ଗେ ସଙ୍ଗେ ଦୁର୍ଘଟଣା ଘଟାଏ ।

ମଝି ରାସ୍ତାରେ ଗାଡି ଠିଆ କରି ରଖନ୍ତୁ ନାହିଁ । ଯଦି ତାର ରିପ୍ୟାରିଙ୍ଗ ଲୋଡା ରାସ୍ତା କଡରେ ରଖନ୍ତୁ । ଅନାବଶ୍ୟକ ଭାବେ ଗାଡି ରୋକି ରାସ୍ତା ମଝିରେ ଅନ୍ୟ ଗାଡି ଡ୍ରାଇଭର ସହିତ କଥା ହୁଅନ୍ତୁ ନାହିଁ ।

ହାଟ, ବଜାର, ସ୍କୁଲ, ଅଫିସ ଦପ୍ତର ବାହାରେ ଠେଲାବାଲାମାନେ ଅସ୍ଥାୟୀ ଦୋକାନ ଲଗାନ୍ତି । ଗୁପଚୁପ, ଚାଟ, ଦହିବରା ଅଲୁଦମ୍, ଚା କଫି ଆଦି ବିକ୍ରିଚାଲେ । କେତେକଙ୍କ ପାଖରେ ଡଷ୍ଟବିନ୍ ଥାଏ । ଆଉ କେତେକଙ୍କ ପାଖରେ ସେପରି ସୁବିଧା ନ ଥାଏ । ଏହା ଫଳରେ ଡିସପୋଜାଲ କପ ପ୍ଲେଟ୍ , ପତ୍ରର ଦନା, କାଗଜ ଠୁଙ୍ଗା ଗୁଡିକ ଏଣେ ତେଣେ ପଡି ପବନରେ ଉଡେ । ବୁଲା କୁକୁର ଗୁଡାକ କେଁ କାଁ ହୋଇ ଅଇଁଠା ପ୍ଲେଟକୁ ଚାଟନ୍ତି । ଏହା ଫଳରେ ନାହିଁ ନଥିବା ଦୁର୍ଘଟଣା ଘଟେ ।

କେବେ କେବେ ଦେଖାଯାଏ ରାସ୍ତା କଡରେ ଥିବା ପାଣି ଟ୍ୟାପ ଭାଙ୍ଗି ପଡିଥାଏ । ଝର ଝର ହୋଇ ବହୁଥାଏ ପାଣି । ସୁଖିଲା କଚା ରାସ୍ତା ଗୁଡିକ ପାଣି କାଦୁଅରେ ପଚ ପଚ ହୁଏ । ଆମେ ଦେଖି ନ ଦେଖିଲା ପରି ମୁହଁ ବୁଲାଇ ଦେଉ ।

ହାଟ ବଜାରରେ ବେପାରୀମାନେ ପଚାସଢା ଫଳ, ପନିପରିବା ରାସ୍ତା କଡକୁ ଫିଙ୍ଗି ଦିଅନ୍ତି । ସେଲୁନ ବାଲା ବ୍ଲେଡ ପାତ ଠାରୁ ଆରମ୍ଭ କରି ବାଳ ଗୁଡିକୁ ଲୁଚି ଛପି ପକେଇବାରେ ହେଳା କରେନା । ମାଛ ବିକାଳି, ମାଂସ କଟାଳି ଜନ ବସତି ଭିତରେ ବି ଅନାବଶ୍ୟ ଅସନା ଗୁଡିକୁ ରାସ୍ତା କଡ, ଦଳପୋଖରୀ ରେ ଫିଙ୍ଗି ଦିଅନ୍ତି । ଏହା ଦ୍ୱାରା ପରିବେଶ ଦୂଷିତ ହୁଏ । କାଉ, କୁକୁର ମାନଙ୍କର ଆଡା ଜମେ ।

କରୋନା ପର ପରେ "ହେନ୍ତା" ଅନେଇ ବସିଛି ଆସିବା ପାଇଁ । ତା ଛଡା ଆଉ କେତେକ ନୂଆ ବେମାର ଆସି ନପାରେ ବୋଲି କହି ହେବନି ।

ତେବେ ପ୍ରଶ୍ନ ଉଠେ -

"ସର୍ବେ ଭବନ୍ତୁ ସୁଖିନଃ
ସର୍ବେ ସନ୍ତୁ ନିରାମୟାଃ" ।

ଆମେ ଯଦି ଆମ ପରିବେଶକୁ ଏପରି ଅସ୍ୱାସ୍ଥକର କରିବା ତେବେ କିପରି ସୁଖି, ସୁସ୍ଥ ଓ ନିରୋଗ ଜୀବନ ଯାପନ ପାଇଁ ଆଶା କରିବା ।

ତେଣୁ ସୁସ୍ଥ ପରିବେଶ ପାଇଁ ଚାରୋଟି ନିୟମ ପାଳନ କରିବାକୁ ପଡିବ ।

(୧) ଜନ ସେଚତନାତା (୨) ସରକାରୀ ନିୟମ ପାଳନ (୩) ରୋଗ ପୂର୍ବରୁ ପ୍ରତିଷେଧକ ବାତାବରଣ ସୃଷ୍ଟି କରିବା

(୪) ସର୍ବ ସାଧାରଣରେ କୁକାର୍ଯ୍ୟ କୁ ପ୍ରସୟ ନ ଦେବା ।

ସମସ୍ତେ ଚିନ୍ତା କରିବା ଉଚିତ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା । ଦେଶ, ଜାତୀ ବା ସମାଜର ସ୍ୱାର୍ଥ ଆଗ । ଆମେ ଆମ ବ୍ୟକ୍ତିଗତ ସୁବିଧା ପାଇଁ ସମାଜର କ୍ଷତି ହେଲାଭଳି କାର୍ଯ୍ୟ କରିବା ଆଦୌଉଁ ଶୋଭନୀୟ ନୁହେଁ ।

ଜନ ସାଧାରଣ ସଚେତନ ଆଣିବା ପାଇଁ ପ୍ରୟାସ ହେବା ଆବଶ୍ୟକ । ଆମ ଦେଶର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁଭବ କରିପାରିଥିଲେ । ତେଣୁ ୨୦୧୪ ମସିହା ଅକ୍ଟୋବର ୨ ତାରିଖରେ ସ୍ୱଚ୍ଛ ଭାରତ ମିଶନ ନାମକ ଯୋଜନା ପ୍ରଣୟନ କଲେ । ସରାକାରୀ, ବେସରକାରୀ ସଂସ୍ଥାମାନ ମନ ପ୍ରାଣ ହୃଦୟ ଦେଇ ସଫାଇ କାର୍ଯ୍ୟରେ ଲାଗିଯାଇଥିଲେ । ଏପରି କି ପ୍ରଧାନ ମନ୍ତ୍ରୀ ବନାରସର ଅସି ଘାଟ ଠାରେ ସଫାଇ କାର୍ଯ୍ୟ ସ୍ୱୟଂ କରିଥିଲେ ।

ଭାରତୀୟ ଦଣ୍ଡ ସଂହିତା ଅନୁସାରେ ଓଟଉ ଝରମ. ୨୬୯ ବଭୟ ୨୭୦ (ନେଗଲିଜେଣ୍ଟ ଆକ୍ଟ ରୋଗ ସଂକ୍ରମଣ ଜୀବନ ପ୍ରତି ବିପଦ) ଦଣ୍ଡ ବିଧାନର ନିୟମ ଅଛି । ଆଇନ ଅବମାନନା କାରିଙ୍କୁ ୭ ଦିନରୁ ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ତାହା ସହିତ ଜୋରିମାନା ଆଦାୟ କରିବାର ପ୍ରାବଧାନ ଅଛି । ଓଟଉ ଝରମ. ୨୮୩ ରେ (ବିପଦ ଓ ସର୍ବସାଧାରଣ ରାସ୍ତା ଅବରୋଧ) ଏଥିରେ ଆଇନ ଅବମାନନା କରିଥିବା ବ୍ୟକ୍ତି ଙ୍କ ଉପରେ ୨୦୦ ଟଙ୍କା ଜୋରିମାନା ଆଦାୟ କରିବାର ବ୍ୟବସ୍ଥା ଅଛି ।

ରୋଗ ହେବା ପୂର୍ବରୁ ପ୍ରତିଷେଧ ବ୍ୟବସ୍ଥା ଆଚରଣ କରିବା ଭଲ । ସେପାଇଁ ପରିସ୍କାର ପରିଚ୍ଛନ୍ନ ପରିବେଶ ସୃଷ୍ଟି କରିବା ଆବଶ୍ୟକ । ଦୁର୍ଘଟଣା ଘଟିବା ପରେ ମୃତ ସବ ରଖି ରାସ୍ତା ଅବରୋଧ କରିବା ଅପେକ୍ଷା । ଯେଉଁଠାରେ ଆମ୍ଭ ମାନଙ୍କର କମି ରହୁଛି ତାକୁ ସୁଧାର କରିବା ପାଇଁ ଚେଷ୍ଟା କରିବା ସବୁଠାରୁ ଭଲ । ଶାନ୍ତି ପୂର୍ଣ୍ଣ ଉପାୟରେ ଆମ ଅଞ୍ଚଳର ରାସ୍ତା ଘାଟ ଅସୁବିଧା ଜନିତ ସମସ୍ୟା ଉପସ୍ଥାନା କଲେ ହୁଏତ ସୁଧାର ହୋଇ ପାରିବ ।


ଆମ ପରିବେଶ କୁ ନଷ୍ଟ କରୁଥିବା ବ୍ୟକ୍ତି ଆମ ସମାଜର ଶତ୍ରୁ । ଆମେ ତାଙ୍କୁ ସତ ଉପଦେଶ ଦେଇ ମନ୍ଦ କାର୍ଯ୍ୟରୁ ନିବୃତ କରିପାରିବା । ଯଦି ତାହା ସେ ମାନିବାକୁ ନାରାଜ ସରକାରୀ ନିୟମ କାନୁନ ର ସହାୟତା ନେଇ ପାରିବା । ସମାଜରେ ଅନିଷ୍ଟ ହେଲା ଭଳି କାର୍ଯ୍ୟ କରିବା ନାହିଁ । କେହିବି ଏପରି କରୁଥିଲେ ଆମେ ତାହାର ଶାନ୍ତି ପୂର୍ଣ୍ଣ ପ୍ରତିରୋଧ କରିବା ।

ବ୍ୟକ୍ତି କେନ୍ଦ୍ରିକ ସ୍ୱାର୍ଥ ଠାରୁ ଦୂରରେ ରହି ଦେଶ, ଜାତୀ, ସମାଜର ସବୁ ଶ୍ରେଣୀର ଲୋକମାନଙ୍କ ସ୍ୱାର୍ଥ ରକ୍ଷା ଲାଗି କାର୍ଯ୍ୟ କରିବା ଆବଶ୍ୟକ । ଜାତୀ, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମିଳିମିଶି ସୁନ୍ଦର ସୁସ୍ଥ ପରିବେଶ ଗଠନ କରିପାରିବା । ଦେହର ବଳଠାରୁ ସମୁହ ମନ ବଳର ଆବଶ୍ୟକତା ଅଛି । ଆମ ସରକାର, ଆମ ଦେଶ, ଆମ ରାଜ୍ୟ । ତାର କଷ୍ଟ ଲବ୍ଧ ସ୍ୱାଧିନତା କୁ ବଞ୍ଚାଇବା ଆମର କର୍ତ୍ତବ୍ୟ । ଖାଲି ବଞ୍ଚିଲ ତ ହେବନି । ସୁଖ, ଶାନ୍ତି ଆନନ୍ଦର ସହିତ ସୁସ୍ଥ ନିରୋଗ ରହିବା ପାଇଁ ଆସ ଆମେ ଉଦ୍ୟମ କରିବା । ଏଣିକି ବିଶେଷ ଧ୍ୟାନ ଦେବା ରାସ୍ତା ଅବରୋଧ ଓ ପରିଚ୍ଛନ୍ନତା ଉପରେ ।

+ ଲୋକାପଡା, ଆଳି
୯୩୩୭୪୯୨୩୦୭

ପ୍ରଦୀପ୍ତ ଆଚାର୍ଯ୍ୟ

# କାଣି ବିଲେଇ କୁଜି ଅସରପା ଉପରେ ଟାଣ



ପ୍ରତ୍ୟେକଦିନ ସକାଳେ ମୁଁ ଓ ମୋର ପଡୋଶୀ ସଦାନନ୍ଦ ବାବୁ ସାଥୀହୋଇ ମର୍ଣ୍ଣିଙ୍ଗ ଓାକ୍‌ରେ ଗଲାବେଳେ,ଦୁଃଖ ସୁଖ,ବିଭିନ୍ନ ବିଷୟରେ ଗପସପ ହୋଇ ଯାଉ। ଆଜି ସକାଳୁ ଗଲାବେଳେ,ସେ କହିଲେ ଭାଇ,ଗତକାଲି ରାତିରେ ଟିଭି ଦେଖିଲା ବେଳକୁ ଦେଖିଲି,ଜଣେ ତହସିଲଦାର,ନାକତଳକୁ ମାସ୍କ ପିନ୍ଧିଥିବାରୁ,ଦୁଇଜଣ ନିରୀହ ଚାଷୀଙ୍କୁ ଜୋରିମାନା ମାଗିଲେ,ସେମାନେ ନଦେଇ ପାରିବାରୁ,ତାଙ୍କୁ କାନଧରାଇ ଉଠବସ କରାଇଲେ। ଏଇଟା କଣ ଭଲ ହେଲା ? ମୁଁ କହିଲି ଅସୁବିଧା ରହିଲା କୋଉଠି ? ସରକାର କୋରୋନା ମହାମାରୀର ନିୟନ୍ତ୍ରଣ ପାଇଁ,ଲୋକମାନଙ୍କର ସୁରକ୍ଷା ପାଇଁ ଏ ନିୟମ ପ୍ରଣୟନ କରିଛନ୍ତି,ଅଫିସର ମାନେ ତାକୁ କାର୍ଯ୍ୟକାରୀ କରାଉଛନ୍ତି। ତହସିଲଦାର ସାହେବତ ତାଙ୍କ କର୍ତବ୍ୟ ପାଳନ କରିଛନ୍ତି। ସଦାନନ୍ଦ ବାବୁ କହିଲେ,ହଁ ଆପଣ ଠିକ୍ କହିଛନ୍ତି ଯେ,ମୁଁ କିନ୍ତୁ ଗୋଟିଏ କଥା ଜାଣି ପାରୁନାହିଁ,ସରକାର ଏପରି ପାତର ଅନ୍ତର କରୁଛନ୍ତି କାହିଁକି ?ଗରିବ ଜନସାଧାରଣ କଣ ତାଙ୍କ ନିଜ ଲୋକ ଆଉ ଏ ରାଜନୈତିକ ବ୍ୟକ୍ତି ଓ ସରକାରୀ ଅଫିସର କଣ ତାଙ୍କ ନିଜ ଲୋକ ନୁହନ୍ତି ?ନହେଲେ ପୋଲିସ ଭାଇ, ଖାଲି ସାଧାରଣ ଲୋକ ଗୁଡାଙ୍କୁ ବାଡେଇ,ଉଠବସ କରେଇ,ଜୋରିମାନା ଆଦାୟ କରି ସୁରକ୍ଷା ଯୋଗାଇ ଦେଉଛି,କିନ୍ତୁ ବଡବଡିଆଙ୍କୁତ ସୁରକ୍ଷା ଦେଉନି ।ବଡବଡିଆଙ୍କୁ କଣ କରୋନା ଡରୁଛିକି ? ତାଙ୍କ ପାଖକୁ ଆସିବ ନାହିଁ ?ମୁଁ କହିଲି ଆପଣ କେମିତି ଜାଣିଲେ ଦେଉନି ବୋଲି ?ସେ କହିଲେ ଆପଣ କଣ ଟିଭି ଦେଖୁ ନାହାନ୍ତିକି ?ନିର୍ବାଚନ ରାଲିରେ କେତେ ସାମାଜିକ ଦୁରତା,କେତେ ଲୋକ ମାସ୍କ ପିନ୍ଧିଛନ୍ତି, ଆପଣ ବୋଧହୁଏ ଦେଖି ନାହାନ୍ତି ?ଗରିବ ଚାଷୀତ ନାକ ତଳକୁ ପିନ୍ଧିଥିଲେ, ସେମାନେତ ଜମା ପିନ୍ଧୁ ନାହାନ୍ତି। ମୁଁ ଶୁଣିଥିଲି ଆଇନ ଦୃଷ୍ଟିରେ ସମସ୍ତେ ସମାନ,କିନ୍ତୁ ବାସ୍ତବ କ୍ଷେତ୍ରରେତ ଠିକ୍ ତାର ଓଲଟା। ମୋଟରଯାନ ଆଇନ ସଂଶୋଧିତ ହେବାପରେ,ପୋଲିସ ଭାଇ ମାନଙ୍କର କର୍ତବ୍ୟ ପାଳନର ଯେଉଁ ନିଷ୍ଠା ଦେଖାଉଥିଲେ, ତାହା ଭୁବନେଶ୍ୱରର ଏକ ଛକରେ ପ୍ରମାଣିତ ହୋଇଥିଲା ।ଜଣେ ବ୍ୟକ୍ତି ଆଇନ ଖିଲାପ କରି ଜୋରିମାନା ଦେବାପରେ,ଚାହିଁଥିଲେ ପୋଲିସ ଭାଇଙ୍କ ଗାଡିର କାଗଜପତ୍ର ଦେଖିବାକୁ ।ତାପରେ ଆରମ୍ଭ ହୋଇଯାଇଥିଲା ଖଣ୍ଡ ପ୍ରଳୟ। ବିଧାୟକଙ୍କ ଶବ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଜନସାଧାରଣଙ୍କ ଆବେଗଭରା ଯୋଗଦାନ,ବିନା ମାସ୍କରେ କେତେ ସାମାଜିକ ଦୁରତ୍ୱ ରଖିଥିଲେ, ସମସ୍ତ ଗଣ ମାଧ୍ୟମରେ ଏ ପ୍ରସାରିତ ଦୃଶ୍ୟତ, ଆପଣ ନିଶ୍ଚୟ ଦେଖିଥିବେ। କରୋନା ସଂକ୍ରମିତ ମନ୍ତ୍ରୀମାନେ ମଧ୍ୟ ଶୋଭାଯାତ୍ରାରେ ସାମିଲ ଥିଲେ, ପ୍ରଶ୍ନ ହେବାରୁ ଉତର ଥିଲା, ଭାବପ୍ରବଣତାରୁ ଆମେ ଚାଲିଯାଇଥିଲୁ, ଭୁଲ ହୋଇଯାଇଛି। ଏ ଗରିବ ଚାଷୀ, ଦିନ ମଜୁରିଆ,ସାଧାରଣ ଲୋକ କେହି ଭାବପ୍ରବଣତାରୁ ପଦାକୁ ବାହାରୁ ନାହାନ୍ତି, ବାହାରୁଛନ୍ତି ଜୀବନ ଜୀବିକାର ସଂଘର୍ଷ ନିମନ୍ତେ,କିଏ ପରିବା ସଉଦା ପାଇଁତ, କିଏ ଦୁଇବେଳା ଦୁଇମୁଠା ଖାଦ୍ୟ ସଂଗ୍ରହର ଆବଶ୍ୟକତା ପାଇଁ।ପୋଲିସ ଭାଇ ମାନଙ୍କର ନିର୍ମମ ଯଷ୍ଟି ପ୍ରହାରର ଦୃଶ୍ୟକୁ ସାମାଜିକ ଗଣମାଧ୍ୟମରେ ଅବଲୋକନ କଲାପରେ ମଧ୍ୟ, ଏମାନେ ଖୁସି ମନାଇବାକୁ ପଦାକୁ ବାହାରୁ ନାହାନ୍ତି। ଦୀର୍ଘଦିନର ଗୃହବନ୍ଦୀ ସାଙ୍ଗକୁ ଅର୍ଥାଗମର ସମସ୍ତ ରୁଦ୍ଧରାସ୍ତା,ଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ପ୍ରଥମେ ପ୍ରଥମେ ଲକଡାଉନ ସମୟର, ରାଜ୍ୟ ଓ ଦେଶରେ ସାମରିକ ଶାସନ ଜାରି ହେବାପରି ଦୁର୍ବିସହ ପରିସ୍ଥିତି,ରୋଗୀ ଚିହ୍ନଟ ହେବାପରେ, ଦଳେ ପିପିଇ କିଟ ପିନ୍ଧା ବ୍ୟକ୍ତି, ପୋଲିସ ଗାଡି ଓ ଆମ୍ବୁଲାନସ୍‌ର ସାଇରନ ବଜାଇ,ଜଣେ ଦୁର୍ଦ୍ଧାନ୍ତ ହତ୍ୟା ଅପରାଧୀକୁ ଧରିବା ପରି,ରୋଗୀକୁ କୋଭିଡ ହସପିଟାଲ୍‌କୁ ନେଇ ଆସିବାର,ଗଣ ମାଧ୍ୟମରେ ପ୍ରସାରିତ ଦୃଶ୍ୟ,ବାସ୍ତବତା ଠାରୁ,ଲୋକ ମାନଙ୍କ ମନରେ ବହୁଗୁଣ ଅଧିକ ଭୟ ସୃଷ୍ଟି କରିଦେଇଛି ।ସେଥିପାଇଁ ମାନସିକ ଭୟ କରୋନା ପ୍ରତିରୋଧ ଶକ୍ତି ହ୍ରାସ କରିବାର ଅନ୍ୟତମ ମୁଖ୍ୟ କାରଣ ।ସରକାର ତାଙ୍କ ସାଧ୍ୟମତେ ଅନିଶ୍ଚିତ ଏବଂ ବାରମ୍ବାର ପରିବର୍ତୀତ ପରିସ୍ଥିତିର ଦୃଢ ମୁକାବିଲା କରିବା ପାଇଁ,ପଦକ୍ଷେପ ଗ୍ରହଣ କରୁଛନ୍ତି ଓ ଅନେକାଂଶରେ ସଫଳ ହୋଇଛନ୍ତି ମଧ୍ୟ ।ବାୟୁ ପ୍ରଦୂଷଣ ଯୋଗୁଁ, କରୋନା ସଂକ୍ରମଣ ଅଧିକ ହେବାର ଆଶଙ୍କା କରି, ସରକାର ଏବର୍ଷ ଦିପାବଳୀ ରେ ବାଣ ଫୁଟାକୁ ସଂପୂର୍ଣ ନିଷେଧ କରିଛନ୍ତି। କିନ୍ତୁ ବାଲେଶ୍ୱର ଓ ତିର୍ତୋଲ ଉପନିର୍ବାଚନର ବିଜୟୋତ୍ସବରେ ଯେତେ ବାଣ ଫୁଟିଛି, ତାହା ବୋଧହୁଏ ଏହି ନିୟମର ଅନ୍ତର୍ଭୂକ୍ତ ନଥିଲା ? ସରକାର ନିୟମ ପ୍ରବର୍ତନ କରୁଛନ୍ତି ଠିକ୍ ।ତାହା ଜନସାଧାରଣଙ୍କର ମଙ୍ଗଳ ଓ ସୁରକ୍ଷା ନିମନ୍ତେ ନିହାତି ଆବଶ୍ୟକ। ନିୟମକୁ କାର୍ଯ୍ୟକାରୀ କରାଉଥିବା ଅଧିକାରୀ ମାନେ ମଧ୍ୟ ଠିକ୍। ଦୃଢତା ନରହିଲେ ଶୃଙ୍ଖଳା ବ୍ୟାହତ ହେବାର ସମ୍ଭାବନାକୁ ଏଡାଇ ଦେଇ ହେବନି। କିନ୍ତୁ ଯଦି ନିୟମକୁ କାର୍ଯ୍ୟକାରୀ କରାଉଥିବା ଅଧିକାରୀ ମାନେ,କାଣୀ ବିରାଡି ସଦୃଶ ,ବଡ ବଡ ଗୋଧୀ, ନେଉଳ ପାହାଡି ମୂଷାଙ୍କ ପରି ହାଇଫାଇ ଲୋକଙ୍କ କ୍ଷେତ୍ରରେ, ଭୟଭୀତ ହୋଇ ପ୍ରୟୋଗ ନକରିପାରୁଛନ୍ତି,କିଛି କଥା ନାହିଁ। କିନ୍ତୁ କୁଜି ଅସରପା ସଦୃଶ ଏ ନିରିହ ଜନସାଧାରଣଙ୍କ ଉପରେ ମାତ୍ରାଧିକ ପ୍ରୟୋଗଟି ଅତ୍ୟନ୍ତ ଦୁଃଖଦାୟକ ଓ ହାସ୍ୟାସ୍ପଦ। ଆଗ୍ନେୟଗିରିରୁ ଲାର୍ଭା ଉଦ୍ଗୀରଣ ପରି, ସଦାନନ୍ଦ ବାବୁଙ୍କ ଅର୍ନ୍ତବେଦନାର ବର୍ହିଗତ ବକ୍ତବ୍ୟକୁ ନୀରବରେ ଶୁଣୁଥିଲି। ବୁଝି ପାରୁଥିଲି, ଅନୁଭବ କରିପାରୁଥିଲି, ସଦାନନ୍ଦ ବାବୁଙ୍କ ଅନ୍ତରର ଭାବୋଚ୍ଛ୍ୱାସ କୁ । କିନ୍ତୁ ଭାବୁଥିଲି, କହିବା କାହାକୁ, ଶୁଣିବ କିଏ ?ବିଲେଇ ବେକରେ ଘଂଟି ବାନ୍ଧିବ କିଏ ?ଯୁଗେ ଯୁଗେ କାଣି ବିଲେଇର, କୁଜି ଅସରପା ଉପରେ ଅତ୍ୟାଚାର ଚାଲିଛି,ଚାଲିଥିବ।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

## କବିତା କୋଣାର୍କ

### ସମୁଦ୍ର...

କସ୍ତୁରୀ ଚରଣ ରାଉତ

ଭାବର ସାମ୍ରାଜ୍ଞୀ ଭାବର ସଂପର୍କେ
ତନୟ ତବ ତପନ
ତୁମରି ଭରସ କରି ବିଦାରଣ
ଉଦୟ ହୁଅଇ ଜହ୍ନ ।

ତୁମେ ରତ୍ନଗର୍ଭା, ବହୁରୂପୀ ତୁମେ
ତୀର୍ଥ ସହସ୍ର ନଦୀର
ଅୟୁତ ଯୁଗର ସୃଷ୍ଟି ପ୍ରଳୟକୁ
କରିଅଛ ଆପଣାର ।

ଦୁଃଖର ପାହାଡ଼ ବତୁରି ଯାଇଚି
ତୁମ ଅନ୍ତର ଭିତରେ
ମନର ବେଦନା ଦେଉଛ ନିଗାଡ଼ି
ନିତି ବେଳାଭୂମି ପରେ ।

ବର୍ଷ ବର୍ଷ ଧରି କରୁଛ କ୍ରନ୍ଦନ
ହୋଇ ଉଚ୍ଛଳ ଅଶାନ୍ତ
ଆଖିରୁ ତୁମର ଝରୁଅଛି ଖାଲି
ଅଶ୍ରୁଧାରା ଅବିଶ୍ରାନ୍ତ ।

ଅଙ୍କାବଙ୍କା ରାସ୍ତା ବଣ ପାହାଡ଼କୁ
ଡେଇଁ ଗିରି ନଦୀ ଆସେ
କଣ୍ଠରେ ବେସୁରା ଆଦିମ ସଙ୍ଗୀତ
ସ୍ୱାଧୀନତା ତେଣୁ ସେ ହସେ ।

ତୁମେ ତପସ୍ୱିନୀ ଆଜନ୍ମ ବନ୍ଦିନୀ
ସେଥିପାଇଁ ଅବା କାନ୍ଦ
ବେଳା ଲଙ୍ଘି ଆସ ଆସ୍ୱାଦନ ପାଇଁ
ସ୍ୱାଧୀନତା ନବ ସ୍ୱାଦ ।

ବେଳା ଲଙ୍ଘିଗଲେ ସମାଜ ତୁମକୁ
କରୁଥାଏ ଖାଲି ଭୟ
ତେଜି ସୌମ୍ୟା ରୂପ କାଳ ଭଇରବୀ
ରଚିଥାଅ ହେ ପ୍ରଳୟ ।

ଧୈର୍ଯ୍ୟ ସାହସର ପ୍ରତୀକ ତ ତୁମେ
ଦୁଃଖ-ଶବ୍ଦର କୋଣାର୍କ
ଶବ୍ଦ ଅଛି ହେଲେ ଭାଷା ଭୁଲିଅଛ
ପାଲଟି ଯାଉଛ ମୂକ ।

+ ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ,
ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗିର
ମୋ: ୮୯୧୭୩୯୭୩୪୮

### ଏ ଶୀତ ରାତିରେ...

ସୁଧାକର ରାଉତ

ଏ ଶୀତ ରାତିରେ ଆକାଶ କାନ୍ଦୁଛି
ଝରାଇ ଶିଶିର ଲୁହ
ତା ସାଥିରେ ମିଶି ମୁଁ ବି କାନ୍ଦୁଛି
ଅହରହ ଉଠେ କୋହ ।

ବ୍ୟଥାତୁର ଏଇ ମନ ଦାବା ନଳେ
ଶୀତଟା ଢାଳଇ ଘିଅ
ଲିଭିବାର ନାମ ଧରୁ ନାହିଁ ସିଏ
କହେ ଜଳିବାକୁ ଦିଅ ।

ତୁମ ପ୍ରେମ ବାରି ସିକ୍ତ କରି ତାକୁ
ଏକା ହିଁ ପାରେ ଲିଭାଇ
ଏକଥା ଜାଣିବି କାହିଁ ପାଇଁ ପ୍ରିୟା
ରହିଲ ମୋ ଠୁ ଦୂରେଇ ।

ଭୁଲିଗଲ ସବୁ ପ୍ରଣୟ ଗୀତିକା
ପ୍ରୀତିର ସେ ଉଷ୍ମ ଛୁଆଁ
ବାହୁ ବନ୍ଧନର ଆଶ୍ଳେଷ ଭିତରେ
ଭୁଲିଥିଲି ଏ ଦୁନିଆଁ ।

କହିଥିଲ ସାଥୀ ଏ ଜୀବନସାରା
ଚାଲିବା ହାତ ମିଳାଇ
ଏ ଶୀତ ରାତିରେ ଏକା କରି ମୋତେ
କିପରି ରହିଲ ଯାଇ ।

ସପନ ଦୁଆର ଖୋଲା ରଖିଛି ମୁଁ
ଭୁଲରେ ବି ଥରେ ଆସ
ତୁମ ହାତରେ ସେ କୋମଳ ପରଶେ
ମାପ ମୋ ହୃଦୟ ତ୍ରାସ ।

ରାତିଟା ଏବେତ ଆସେ ପାହି ପାହି
ତଥାପି ଲିଭୁନି ନିଆଁ
ବିରହର ନିଆଁ ସତେକି ଚାହିଁଛି
ତୁମ ଶରୀରର ଛୁଆଁ ।

ମୁଁ ଗଲାପରେ ଶୀତ ଠାରୁ ବୁଝି
ନେବ ମୋ ଶେଷ ଠିକଣା
ତୁମେ ସିନା ମନୁ ପାଶୋରି ଯାଇଛ
ସେ କଥା ତାକୁହିଁ ଜଣା ।

+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

## କବିତା କୋଣାର୍କ

### ଆୟୁଷ...

ନିରଞ୍ଜନ ସାହୁ

ଲମ୍ବା ଆୟୁଷର ବର ପାଇ ଯଦି
ନ କଲ ଉଚିତ କର୍ମ
ନ ବୁଝିଲ ଯଦି ଜୀବନର ଧର୍ମ
ସତ୍ୟ ଚେତନାର ମର୍ମ
ନିଜ ପାଇଁ ଯଦି ନିଜେ ବଞ୍ଚିଅଛ
ତାହେଲେ ତୁମର କିଏ ? ?
ଅଳ୍ପାୟୁଷ ହୋଇ ଜନ୍ମ ହୋଇ କେହି
ମହତ କରମ କରେ
ଯୁଗେ ଯୁଗେ ତା'ର ଯଶ ସୁରଭି ଯେ
ଆଘ୍ରାଣ କରନ୍ତି ନରେ
ମରଣଜୟୀ ସେ ପାଲଟି ଯାଆଇ
ହେଉ କ୍ଷଣଜନ୍ମା ସିଏ ॥
ଝରା ଶେଫାଳିଟି ଝରିଯାଏ ସିନା
ମହକ ସଞ୍ଚରି ଦିଏ
ଅଳପ ଆୟୁଷ ହେଲେ ବି ସଭିଙ୍କ
ମନକୁ ଚୋରାଇ ନିଏ ॥

+ ନିହଲପ୍ରସାଦ, ଗନ୍ଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩

# ବିବିଧ ବିଶ୍ୱ

ଦେଶ ବିଦେଶର ଜଣାଅଜଣା

ଧ୍ୱନି ପ୍ରତିଧ୍ୱନି

୫ ♣ ବାଲେଶ୍ୱର ♣ ମଙ୍ଗଳବାର, ନଭେମ୍ବର ୨୪, ୨୦୨୦


# ଓବାମାଙ୍କ କଲମରୁ


ଗୋପାଳ ମହାପାତ୍ର




ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ଲିଖିତ ଏକ ପୁସ୍ତକ 'ଏ ପ୍ରେମିଜଡ୍ ଲ୍ୟାଣ୍ଡ୍'କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଏହି ପୁସ୍ତକଟି ଭାରତୀୟ ବଜାରରେ ଉପଲବ୍ଧ ହେବା ପରେ ଓବାମାଙ୍କର ଭାରତ ପ୍ରତି ଥିବା ଆକର୍ଷଣ କଥା ଜଣାପଡ଼ିଛି । ଓବାମା ଭାରତ ପ୍ରସଙ୍ଗରେ ତାଙ୍କ ପୁସ୍ତକରେ ଲେଖିଛନ୍ତି ଯେ ତାଙ୍କର ପିଲାଦିନ ଇଣ୍ଡୋନେସିଆରେ କଟାଇଥିଲେ । ସେତେବେଳେ ସେ ଇଣ୍ଡୋନେସିଆରେ ହିନ୍ଦୁ ମହାକାବ୍ୟ ରାମାୟଣ ଏବଂ ମହାଭାରତର କଥା ଶୁଣୁଥିଲେ । ଏଇଥିପାଇଁ ତାଙ୍କ ମନରେ ଭାରତ ପ୍ରତି ସ୍ୱତନ୍ତ୍ର ଆକର୍ଷଣ ରହିଛି । ସେ ଲେଖିଛନ୍ତି ଯେ ଭାରତର ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ଏକ ଷଷ୍ଠାଂଶ ଓ ଭାରତର ୭୦୦ରୁ ଅଧିକ ଭାଷାରେ ଲୋକେ କଥାବାର୍ତ୍ତା ବା ଭାବ ବିନିମୟ କରିଥା'ନ୍ତି । ୨୦୧୦ରେ ରାଷ୍ଟ୍ରପତି ଥିବା ବେଳେ ସେ ଭାରତ ଗସ୍ତରେ ଆସିଥିଲେ । ପୂର୍ବରୁ ସେ କେବେ ଭାରତ ଆସିନଥିଲେ ବୋଲି ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି । କିନ୍ତୁ ଭାରତ ତାଙ୍କ କଳ୍ପନାରେ ରହିଛି । ମହାତ୍ମା ଗାନ୍ଧୀଙ୍କ ପ୍ରତି ତାଙ୍କର ସ୍ୱତନ୍ତ୍ର ସମ୍ମାନ ଓ ଆକର୍ଷଣ ଥିଲା ଓ ଭାରତ ପ୍ରତି ତାଙ୍କର ଆକର୍ଷଣର ମୁଖ୍ୟ କାରଣ ହେଉଛନ୍ତି ମହାତ୍ମା ଗାନ୍ଧୀ ଯିଏ ଇଂରେଜ ଶାସନ ବିରୁଦ୍ଧରେ ଅହିଂସା ଆନ୍ଦୋଳନ କରି ସଫଳ ହୋଇଥିଲେ । ଆମେରିକାର ୪୪ତମ ରାଷ୍ଟ୍ରପତି ରହିଥିବା ଓବାମା ଭାରତର ଜାତି ବ୍ୟବସ୍ଥା ଉପରେ ଆଲୋଚନା କରିବା ସହିତ ମହାତ୍ମା ଗାନ୍ଧୀ ଜାତି ବ୍ୟବସ୍ଥା ଉପରେ ଅଧିକ ଧ୍ୟାନ ଦେଇନଥିଲେ ଓ ଧର୍ମ ଆଧାରରେ ଦେଶର ବିଭାଜନକୁ ରୋକିବାରେ ଅସମର୍ଥ ହୋଇଥିଲେ ବୋଲି ଉଲ୍ଲେଖ କରିଛନ୍ତି । ଏପରିକି ଏସବୁ ପାଇଁ ଦୁଃଖ ମଧ୍ୟ ପ୍ରକାଶ କରିଛନ୍ତି ।

ଓବାମା ତାଙ୍କ ଲିଖିତ ପୁସ୍ତକରେ ୨୦୦୮ରେ ତାଙ୍କର ନିର୍ବାଚନ ଅଭିଯାନଠାରୁ ଆରମ୍ଭ କରି ରାଷ୍ଟ୍ରପତି ଭାବେ ତାଙ୍କ ପ୍ରଥମ କାର୍ଯ୍ୟକାଳ କଥା ବିଶଦ ଭାବରେ ଆଲୋଚନା କରିଛନ୍ତି । ପୁସ୍ତକର ୨ୟ ଭାଗ ଖୁବ୍ ଶୀଘ୍ର ପ୍ରକାଶ ପାଇବ ବୋଲି ମଧ୍ୟ କହିଛନ୍ତି ଓବାମା । ଆମେରିକାର ରାଷ୍ଟ୍ରପତି ଭାବେ ଓବାମା ୨ୟ ଥର ଭାରତ ଗସ୍ତରେ ଆସିଛନ୍ତି । ସେ କହିଛନ୍ତି ଯେ ଆବ୍ରାହମ ଲିଙ୍କନ, ମାର୍ଟିନ ଲୁଥର କିଙ୍ଗ, ନେଲସନ ମାଣ୍ଡେଲା ଏବଂ ଗାନ୍ଧୀଙ୍କ ବିଚାରଧାରା ତାଙ୍କୁ ପ୍ରଭାବିତ କରିଥିଲା । ଯୁବାବସ୍ଥାରେ ସେ ଏମାନଙ୍କ ଲେଖା ସବୁ ପଢ଼ିଥିଲେ ଓ ଏମାନଙ୍କ ପ୍ରେରଣା ତାଙ୍କୁ ଅନୁପ୍ରାଣିତ କରିଥିଲା । ସତ୍ୟାଗ୍ରହ ବାବଦରେ ତାଙ୍କର ଧାରଣା ବା ସତ୍ୟ ପ୍ରତି ସମର୍ପଣ ଏବଂ ଅନ୍ତରାତ୍ମାକୁ ଜଗେଇବା ପାଇଁ ଅହିଂସକ ପ୍ରତିରୋଧର ଶକ୍ତି ସେ ଗାନ୍ଧୀଙ୍କଠାରୁ ଶିଖିଛନ୍ତି ବୋଲି ଓବାମା କହିଛନ୍ତି । ସବୁ ଧର୍ମ ପ୍ରତି ସମଭାବ, ଆର୍ଥିକ ଏବଂ ସାମାଜିକ ବ୍ୟବସ୍ଥା ମାଧ୍ୟମରେ ସମାଜର ଉତ୍ଥାନ ଏପରିକି ସମସ୍ତଙ୍କୁ ସମାନ ବ୍ୟବହାର କଥାକୁ ସେ ଗୁରୁତ୍ୱ ଦେଉଥିଲେ ବୋଲି ମଧ୍ୟ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଭାରତର ରାଜନୀତି ପ୍ରସଙ୍ଗରେ ଟିପ୍ପଣୀ ଦେଇ ସେ କହିଛନ୍ତି ଯେ ବିଭିନ୍ନ ରାଜନୈତିକ ଦଳମାନଙ୍କ ମଧ୍ୟରେ କଟୁ ବିବାଦ, ବିଭିନ୍ନ ଶସସ୍ତ୍ରବାଦୀ ଆନ୍ଦୋଳନ ଏବଂ ଭ୍ରଷ୍ଟାଚାର ଓ ଦୁର୍ନୀତି ସତ୍ତ୍ୱେ ଆଧୁନିକ ଭାରତର କାହାଣୀକୁ ଅନେକ ଦୃଷ୍ଟିରୁ ସଫଳ ବୋଲି କୁହାଯାଇ ପାରିବ । ସେ ଲେଖିଛନ୍ତି ଯେ ୧୯୯୦ ଦଶନ୍ଧିରେ ଭାରତର ଅର୍ଥବ୍ୟବସ୍ଥା ଅଧିକ ଭାବେ ବଜାର ଆଧାରିତ ହୋଇଥିଲା । ଦେଶର ବିକାଶ ହାର ବଢ଼ିଥିଲା । ଫଳରେ ମଧ୍ୟମବର୍ଗଙ୍କ ସଂଖ୍ୟା ବଢ଼ିଥିଲା । ଏଥିସହିତ ଓବାମା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ସହ ତାଙ୍କର ଆଲୋଚନା ପ୍ରସଙ୍ଗକୁ ମଧ୍ୟ ଉଲ୍ଲେଖ କରିଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଜଣେ ଅପରିପକ୍ୱ ନେତା ବୋଲି କହିବା ସହ କଂଗ୍ରେସ ଦଳ ଭିତରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ପ୍ରସଙ୍ଗକୁ ମଧ୍ୟ ସେ ଦର୍ଶାଇଛନ୍ତି । ଓବାମା ଲେଖିଛନ୍ତି ଯେ ସୋନିଆ ମନମୋହନଙ୍କୁ ପ୍ରଧାନମନ୍ତ୍ରୀ ଭାବେ ବାଛିବାର କାରଣ ହେଉଛି ମନମୋହନଙ୍କ ପଟରୁ ତାଙ୍କ ପ୍ରତି କୌଣସି ବିପଦର ଆଶଙ୍କା ନଥିଲା । ମନମୋହନଙ୍କୁ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବରେ ପୂର୍ବରୁ ମଧ୍ୟ ଦଳ ଉପସ୍ଥାପନ କରିନଥିଲା । ୨୦୧୦ରେ ଓବାମା ଭାରତ ଗସ୍ତରେ ଆସିଥିବାବେଳେ ମନମୋହନ ସିଂହଙ୍କ ବାସଭବନରେ ଆୟୋଜିତ ରାତ୍ରୀ ଭୋଜନରେ ଯୋଗଦେଇଥିଲେ । ସେହି ରାତ୍ରୀ ଭୋଜନରେ ସୋନିଆ ଓ ରାହୁଲ ମଧ୍ୟ ସାମିଲ ଥିଲେ । ଓବାମା ଲେଖିଛନ୍ତି ଯେ ସୋନିଆ ଅଧିକ କହିବା ଅପେକ୍ଷା ଅଧିକ ଶୁଣିବାକୁ ଭଲପାଆନ୍ତି ଓ ଆଲୋଚନାବେଳେ ସବୁ ପ୍ରସଙ୍ଗରେ ରାହୁଲଙ୍କ କଥା ହିଁ କହିଥାନ୍ତି । ଭାରତୀୟ ଶିଳ୍ପପତିମାନଙ୍କ ଉପରେ ମନ୍ତବ୍ୟ ଦେଇ ଓବାମା ଲେଖିଛନ୍ତି ଯେ ଭାରତୀୟ ଶିଳ୍ପପତିମାନଙ୍କ ଠାଣି, ଥାଟବାଟ ରାଜା ମହାରାଜାଙ୍କ ପରି । ଭାରତର ଲକ୍ଷଲକ୍ଷ ଲୋକଙ୍କର ବାସଗୃହ ନଥିବା ଏପରିକି ଅପରିଷ୍କାର ପରିବେଶରେ ରହିଛନ୍ତି ବୋଲି ପୁସ୍ତକରେ ଦର୍ଶାଯାଇଛି । ଭାରତ-ପାକିସ୍ତାନ ମଧ୍ୟରେ ଥିବା ତିକ୍ତତା ପ୍ରସଙ୍ଗକୁ ମଧ୍ୟ ପୁସ୍ତକରେ ଦର୍ଶାଯାଇଛି । ଏବେ ବି ଭାରତୀୟଙ୍କ ମନରେ ଓବାମାଙ୍କ ପ୍ରତି ସମ୍ମାନ ଭାବ ରହିଛି । କାରଣ ହେଉଛି ତାଙ୍କର ମାନବୀୟ ଦୃଷ୍ଟିକୋଣ ଏବଂ ରାଜନୈତିକ ପରିପକ୍ୱତା ଭାରତୀୟମାନଙ୍କୁ ପ୍ରଭାବିତ କରିପାରିଥିଲା । ଭାରତର ରାଜନୀତି ବିଶେଷକରି ମନମୋହନ, ସୋନିଆ ଓ ରାହୁଲଙ୍କ ବିଷୟରେ ଯାହା ଲେଖିଛନ୍ତି ଏପରିକି ଭାରତର ଶିଳ୍ପପତିମାନଙ୍କ ପ୍ରସଙ୍ଗରେ ତାଙ୍କ ମନ୍ତବ୍ୟ ଶତପ୍ରତିଶତ ସତ୍ୟ । ମହାତ୍ମାଗାନ୍ଧୀଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହୋଇଥିବା କଥାକୁ ପ୍ରକାଶ କରି ସେ ନିଜର ମହନୀୟତାକୁ ପ୍ରତିପାଦିତ କରିଛନ୍ତି । ତୀକ୍ଷ୍ଣ ବୁଦ୍ଧି ଏବଂ ଦୂରଦୃଷ୍ଟି ବଳରେ ସେ କେବଳ ଆମେରିକାରେ ନୁହେଁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ଓବାମା ଗାନ୍ଧୀଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇଥିଲେ ଓ ଆଜି ଭାରତର ଲୋକେ ଓବାମାଙ୍କ କାର୍ଯ୍ୟ ଓ କଥାରେ ପ୍ରଭାବିତ । ଓବାମା ଏବେ ଆମେରିକାର ରାଷ୍ଟ୍ରପତି ନାହାନ୍ତି କିନ୍ତୁ ତାଙ୍କ ପରବର୍ତ୍ତୀ ରାଷ୍ଟ୍ରପତିମାନେ ଓବାମା ଦେଖାଇଥିବା ରାସ୍ତାରୁ ବାହାରି ପାରି ନାହାନ୍ତି । ଓବାମାଙ୍କ ପ୍ରତି ଭାରତୀୟମାନଙ୍କ ଆକର୍ଷଣ ଓ ସମ୍ମାନର ମୁଖ୍ୟ କାରଣ ତାଙ୍କର ସରଳତା ଓ ମାନବତା ପ୍ରତି ତାଙ୍କର ଆଦରଭାବ । ଭାରତୀୟମାନଙ୍କ ମନରେ ଓବାମାଙ୍କ ପ୍ରତି ସମ୍ମାନଭାବ ସବୁଦିନ ପାଇଁ ଅତୁଟ ରହିବ ।


ରାମଚନ୍ଦ୍ରପୁର,
ରଣପୁର
ମୋ: ୯୪୩୮୪୮୫୦୯୪


# ଉଚ୍ଚ ସ୍ୱରରେ କହିବା ଦରକାର କି ?



**କାର୍ଯ୍ୟକ୍ଷେତ୍ରରେ ଅନେକ ସମୟରେ ଜଣେ ଅନ୍ୟ ଜଣଙ୍କୁ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ପରିବାରରେ ବୟସରେ ବଡ଼ ବ୍ୟକ୍ତିମାନେ ସାନମାନଙ୍କୁ ଉଚ୍ଚ ସ୍ୱରରେ କହିଥାନ୍ତି ଯାହାକୁ ଧୀର ସ୍ୱରରେ ଓ ସହଜରେ କହିହେବ । ତଥାପି ଅଯଥାରେ ଉଚ୍ଚ ସ୍ୱରରେ କଥା କହି ନିଜ ଶକ୍ତିର ଅପଚୟ ସହିତ ଆମେ ପାରସ୍ପରିକ ସମ୍ପର୍କ ନଷ୍ଟ କରିଥାଉ ।**

ପରିବାରରେ ଅବା କାର୍ଯ୍ୟକ୍ଷେତ୍ରରେ ଅନେକ ସମୟରେ ଜଣେ ଅନ୍ୟ ଜଣଙ୍କୁ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ସାଧାରଣତଃ କୌଣସି ଘଟଣାରେ ମତଭେଦ ହେଲେ ଯୁକ୍ତିତର୍କ ହୋଇ ଉଭୟେ ପରସ୍ପରଙ୍କୁ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ଏହା ଏକ ସାଧାରଣ ଘଟଣା । କିନ୍ତୁ ଅନେକ ସମୟରେ କୌଣସି ପ୍ରକାରର ମତଭେଦ ନ ଥାଇ ବି ଅନେକ ଲୋକ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ଉଦାହରଣ ସ୍ୱରୂପ କାର୍ଯ୍ୟକ୍ଷେତ୍ରରେ ଉପରିସ୍ଥ କର୍ମଚାରୀ ତାଙ୍କ ଅଧୀନରେ କାମ କରୁଥିବା ସହକର୍ମୀଙ୍କୁ କାମ ବିଷୟରେ ଉଚ୍ଚ ସ୍ୱରରେ କହିଥାନ୍ତି । ସେହିପରି ପରିବାରରେ ବୟସରେ ବଡ଼ ବ୍ୟକ୍ତିମାନେ ବି ସାନମାନଙ୍କୁ ଉଚ୍ଚସ୍ୱରରେ କହିଥାନ୍ତି ଯାହାକୁ ଧୀର ସ୍ୱରରେ ଓ ସହଜରେ କହିହେବ । ତଥାପି ଅଯଥାରେ ଉଚ୍ଚ ସ୍ୱରରେ କଥା କହି ନିଜ ଶକ୍ତିର ଅପଚୟ ସହିତ ଆମେ ପରସ୍ପରର ସମ୍ପର୍କକୁ ନଷ୍ଟ କରିଥାଉ । ଏହାର ବିଭିନ୍ନ କାରଣ ସମ୍ପର୍କରେ ଏ ସଂଖ୍ୟାରେ ଆଲୋଚନା କରିବା

### ଆତ୍ମବିଶ୍ୱାସର ଅଭାବ:

ଅନେକ ଲୋକଙ୍କର ନିଜ ଉପରେ ବିଶ୍ୱାସ ନଥାଏ । ସେମାନେ ନିଜ କଥାର ଗୁରୁତ୍ୱ ବା ମୂଲ୍ୟ ନିଜେ ଠିକ ରୂପେ ବୁଝି ନ ଥାନ୍ତି । ତେଣୁ ମନରେ ସନ୍ଦେହ ଥାଏ ଯେ ଅନ୍ୟମାନେ କାଳେ ତାଙ୍କ କଥାକୁ ଗୁରୁତ୍ୱ ଦେବେ ନାହିଁ । ଏଣୁ ସାଧାରଣ କଥାକୁ ବି ସେମାନେ ଉଚ୍ଚ ସ୍ୱରରେ କହିବାକୁ ପସନ୍ଦ କରନ୍ତି । ସେମାନଙ୍କର ଧାରଣା ଯେ ଉଚ୍ଚ ସ୍ୱରରେ କହିଲେ ହିଁ ଅନ୍ୟମାନେ ତାଙ୍କ କଥାକୁ ଗୁରୁତ୍ୱ ଦେବେ । କିନ୍ତୁ ଏହା ଏକ ଭ୍ରାନ୍ତ ଧାରଣା । ସେମାନେ ବୁଝି ପାରନ୍ତି ନାହିଁ ଯେ ଉଚ୍ଚ ସ୍ୱରରେ କହିବା ଦ୍ୱାରା ଶୁଣୁଥିବା ବ୍ୟକ୍ତିମାନଙ୍କର ମନ ଭିତରେ ଅସନ୍ତୋଷ ଭାବ ସୃଷ୍ଟି ହୋଇଥାଏ । ମନେ ମନେ ସେମାନେ ବିରକ୍ତ ହେଲେ ବି ସାଧାରଣ ଭଦ୍ରାମି ଦୃଷ୍ଟିରୁ କିଛି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ । କିନ୍ତୁ ଉଚ୍ଚ ସ୍ୱରରେ କହୁଥିବା ବ୍ୟକ୍ତିଙ୍କ ପ୍ରତି ତାଙ୍କର ଆନ୍ତରିକ ସମ୍ମାନ ଆଦୌ ଆସେ ନାହିଁ । ଦୁର୍ବଳ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତିମାନେ ସବୁବେଳେ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିଥାନ୍ତି । ଓ ନିଜକୁ ନ୍ୟୁନ ମନେ କରିଥାନ୍ତି । ଏଥିରେ ସେମାନେ ନିଜେ ହିଁ ନିଜର ସମ୍ମାନ ନଷ୍ଟ କରିଥାନ୍ତି । ଫଳରେ ତାଙ୍କର ଆତ୍ମବିଶ୍ୱାସ ହ୍ରାସ ପାଇଥାଏ । ଅନେକ ଜ୍ଞାନ ଓ ଅଭିଜ୍ଞତା ଥାଇ ବି ସେମାନେ ଛୋଟ କଥାକୁ ଉଚ୍ଚ ସ୍ୱରରେ କହି ନିଜର ପ୍ରାଧାନ୍ୟ ଦେଖାଇବା ପାଇଁ ଚେଷ୍ଟା କରନ୍ତି । ଅନ୍ୟକୁ କଷ୍ଟ ଦେବା ବା ଅନ୍ୟର କ୍ଷତି କରିବା ସେମାନଙ୍କର ଉଦ୍ଦେଶ୍ୟ ନଥାଏ । ନିଜ ଉପରେ ନିଜର ଭରସା ନଥିବାରୁ ବ୍ୟକ୍ତିଗତ ତଥା କର୍ମମୟ ଜୀବନରେ ସେମାନେ ସମସ୍ତଙ୍କୁ ଏହିପରି ଉଚ୍ଚ ସ୍ୱରରେ କଥା କହିଥାନ୍ତି ।



### ପଦପଦବୀର ନିଶା:

କର୍ମକ୍ଷେତ୍ରରେ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନେ ତଳସ୍ତରରେ ଥିବା କର୍ମଚାରୀମାନଙ୍କୁ କାମ ବିଷୟରେ କହିଲାବେଳେ ଉଚ୍ଚ ସ୍ୱରରେ କହିଥାନ୍ତି । ସେମାନଙ୍କର ଧାରଣା ଯେ ଅନ୍ୟମାନଙ୍କୁ ଆଦେଶଦେବା ବେଳେ ଉଚ୍ଚ ସ୍ୱରରେ କହିଲେ ହିଁ କଥାର ଓଜନ ରହିବ । ସେମାନେ ଉଚ୍ଚ ପଦବୀରେ ଥିବାରୁ ଉଚ୍ଚ ସ୍ୱରରେ କଥା ଗମ୍ଭୀର ଭାବରେ କାମ ବିଷୟରେ କହିଲେ ହିଁ ତାଙ୍କର ଗୁରୁତ୍ୱ ବଢ଼ିବ । ପଦପଦବୀର ନିଶା ତାଙ୍କୁ ଏପରି ଘାରିଥାଏ । ଯେ ସେମାନେ ବିଭିନ୍ନ ସାମାଜିକ ଉତ୍ସବରେ ବି ସେହିଭଳି ଗମ୍ଭୀର ଭାବରେ କଥାବାର୍ତ୍ତା କରିଥାନ୍ତି । ତାଙ୍କ ବ୍ୟବହାରରୁ ଜଣାପଡ଼େ ସତେ ଯେପରି ସେମାନେ ନିଜର ପଦପଦବୀକୁ ସାଙ୍ଗରେ ନେଇ ଘୂରି ବୁଲୁଛନ୍ତି । ଲୋକମାନଙ୍କ ସହିତ ଏକ ସାଧାରଣ ମଣିଷ ହିସାବରେ କଥା ହେବା ପାଇଁ ସେମାନେ କୁଣ୍ଠାବୋଧ କରନ୍ତି । ସେମାନଙ୍କ ମତରେ ହସିହସି ଧୀର ସ୍ୱରରେ କଥା କହିଲେ ଅନ୍ୟମାନେ ତାଙ୍କର ପଦଦପଦବୀକୁ ଗୁରୁତ୍ୱ ଦେବେ ନାହିଁ । କିନ୍ତୁ ଏହା ଆଦୌ ଠିକ ନୁହେଁ । ସେହିଭଳି ପରିବାରରେ ମଧ୍ୟ ଘରର ମୁରବୀମାନେ ଅଧିକାଂଶ ସ୍ଥଳରେ ପରିବାରର ଅନ୍ୟମାନଙ୍କୁ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ବିଶେଷ କରି ଯେତେବେଳେ ପୁଅ, ଝିଅ, ବୋହୂ ଅବା ସ୍ତ୍ରୀଙ୍କ ସହିତ ମତଭେଦ ହୁଏ ଘରର ମୁଖିଆ ନିଜର ବ୍ୟକ୍ତିତ୍ୱକୁ ଜାହିର କରିବା ପାଇଁ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ତାଙ୍କ ମତରେ ଏହିପରି କହିଲେ ଅନ୍ୟମାନଙ୍କର ତାଙ୍କ ପ୍ରତି ଭୟ ରହିବ । ପରିବାରରେ ସମସ୍ତେ ତାଙ୍କୁ ସମ୍ମାନ ଦେବା ସହିତ ତାଙ୍କ କଥା ମାନି ଚଳିବା ନିହାତି ଜରୁରୀ ବୋଲି ସେମାନଙ୍କର ଧାରଣା । ସେମାନଙ୍କର ଏହି ଭୁଲ ଭାବନା ଯୋଗୁଁ ପରିବାର ମଧ୍ୟରେ ମନାନ୍ତର ହୋଇ ଅଶାନ୍ତି ସୃଷ୍ଟି ହୋଇଥାଏ । ସେମାନେ ଏ କଥାକୁ ବହୁତ

### ଅହଂକାର ମନୋଭାବ:

ଅନେକ ଲୋକ ଉଚ୍ଚ ପଦପଦବିରେ ନଥାଇ ମଧ୍ୟ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ସେମାନଙ୍କର ଆତ୍ମବିଶ୍ୱାସର ଅଭାବ ବି ନଥାଏ । ବରଂ ମାତ୍ରାଧିକ ଆତ୍ମବିଶ୍ୱାସ ଯୋଗୁଁ ସେମାନଙ୍କ ଭିତରେ ଗର୍ବ ବା ଅହଂକାର ମନୋଭାବ ରହିଥାଏ । ସେମାନେ ଅନ୍ୟମାନଙ୍କୁ ନୀଚ ଦୃଷ୍ଟିରେ ଦେଖନ୍ତି । ନିଜକୁ ଅତି ଜ୍ଞାନୀ, ଗୁଣୀ ତଥା ଅଭିଜ୍ଞତାସମ୍ପନ୍ନ ବୋଲି ଭାବିଥାନ୍ତି । ଅନ୍ୟମାନେ ତାଙ୍କ ବିଷୟରେ କ'ଣ ଭାବୁଛନ୍ତି ସେଥିପ୍ରତି ତାଙ୍କର ନଜର ନଥାଏ । ସେମାନେ କେବଳ ନିଜ କଥାକୁ ଅନ୍ୟମାନଙ୍କ ଉପରେ ଲଦି ଦେଇଥାନ୍ତି । କିନ୍ତୁ ଅନ୍ୟମାନଙ୍କ କଥା ଶୁଣି ବୁଝିବାର ଇଚ୍ଛା ତାଙ୍କର ଆଦୌ ନଥାଏ । ଅନ୍ୟମାନେ ଯେ ମଣିଷ ଏବଂ ସେମାନଙ୍କର ବି ସ୍ୱାଭିମାନ ରହିଛି ସେଥିପ୍ରତି ଏହି ଅଂହକାରୀ ଲୋକଗୁଡ଼ିକଙ୍କର ନଜର ନଥାଏ । ସବୁବେଳେ ଖାଲି ଉଚ୍ଚ ସ୍ୱରରେ ବଡ଼ ବଡ଼ କଥା କହିବା ସେମାନଙ୍କର ପ୍ରକୃତି । ସେଭଳି ଲୋକଙ୍କୁ କେହି ବି ସମ୍ମାନ ଅବା ଗୁରୁତ୍ୱ ଦିଅନ୍ତି ନାହିଁ । ଏହିପରି ଉଚ୍ଚ ସ୍ୱରର କଥା ଯୋଗୁ ବିଜ୍ଞ ଲୋକମାନେ ଏମାନଙ୍କଠାରୁ ଦୂରେଇ ରହିବାକୁ ପସନ୍ଦ କରନ୍ତି । ପରିସ୍ଥିତି ଯାହା ହେଉ ପଛେ ଉଚ୍ଚ ସ୍ୱରରେ କାହା ସହିତ କଥା ହେବାର କିଛି ଆବଶ୍ୟକତା ନାହିଁ ଧୀରସ୍ଥିର ଭାବରେ କହିଲେ ହିଁ କଥାର ଗୁରୁତ୍ୱ ରହିବ । ସେହି କଥାକୁ ଅନ୍ୟମାନେ ଠିକ ଭାବେ ଶୁଣିବେ ଏବଂ ବୁଝିବେ । ଏହାଦ୍ୱାରା ପାରସ୍ପରିକ କଥୋପକଥନ ଫଳପ୍ରଦ ହେବ ଏବଂ ସମ୍ପର୍କ ଅତୁଟ ରହିବ। ଏଣୁ ଉଚ୍ଚ ସ୍ୱରରେ କହିବା ଦରକାର ନାହିଁ ।

# କଦଳୀ ଦହିବରା

**ଦହିବରା ତ ସମସ୍ତେ ଖାଇଥିବେ । ଏବେ କଦଳୀରେ ଦହିବରା ପ୍ରସ୍ତୁତ କରି ସ୍ୱାଦ ଜାଣନ୍ତୁ । କଞ୍ଚା କଦଳୀକୁ ଡାଲମା, ଭଜାରେ ବ୍ୟବହାର କରାଯାଉଥିବାବେଳେ ଏପରି ଏକ ନୂଆ ଖାଦ୍ୟ ନିଶ୍ଚୟ ସ୍ୱାଦରେ ପରିବର୍ତ୍ତନ ଆଣିବ ।**

### ଆବଶ୍ୟକ ସାମଗ୍ରୀ:

ପ୍ରସ୍ତୁତି କଦଳୀକୁ ସିଝାଇ ବାହାର କରିଦିଅନ୍ତୁ ମଟରଗୁଡ଼ିକୁ ଖଣ୍ଡ ଖଣ୍ଡ କରି ବାଟି ଦେବେ । କଞ୍ଚାଲଙ୍କା ଓ ଅଦାକୁ ଛୋଟଛୋଟ କରି କାଟି ରଖିବେ । କଦଳୀ ସିଝାରେ ଲଙ୍କା ଓ ଅଦା କଟା, ଲଙ୍କାଗୁଣ୍ଡ, ମଟର,



ଲୁଣ ଏବଂ କଟା ଧନିଆପତ୍ର ଭଲଭାବେ ମିଶାଇ ଚକଟି ଦିଅନ୍ତୁ । ଏହାର ପ୍ରାୟ ୨୦ଟି ଗୁଳା କରି ସାମାନ୍ୟ ଚେପଟା କରିଦେଇ ରଖନ୍ତୁ । କଡ଼େଇରେ ତେଲ ଗରମ କରି ଏହି ଗୁଳାଗୁଡ଼ିକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଛାଣିବେ । କଦଳୀ ବରା ପ୍ରସ୍ତୁତ ହୋଇଗଲା । ଏବେ ଦହିରୁ ପାଣି ଛାଣିଦେବା ପରେ ସେଥିରେ ସ୍ୱାଦନୁସାରେ ଲୁଣ ଏବଂ ଜିରାଗୁଣ୍ଡ ମିଶାଇ ରଖିବେ । ଖାଇବାର ୧୦ମିନିଟ ପୂର୍ବରୁ ଦହିରେ ଏହି ବରା ପକାଇ ଦିଅନ୍ତୁ । ଉପରେ ବି ଅଳ୍ପ ଦହି ପକାଇବା ସହ ଲଙ୍କାଗୁଣ୍ଡ ଜିରାଗୁଣ୍ଡ ଏବଂ ଧନିଆ ପତ୍ରରେ ସଜାଇ ପରିଷିଦେବେ ।

### ଆବଶ୍ୟକ ସାମଗ୍ରୀ:

୬ଟି କଞ୍ଚା କଦଳୀ, ଛୋଟ ଚାମଚରେ ୨ଚାମଚ ଲଙ୍କାଗୁଣ୍ଡ ଏବଂ ୨ ଚାମଚ ଭଜା ଜିରାଗୁଣ୍ଡ ୧୨୫ ଗ୍ରାମ ଗ୍ରୀନ ମଟର, ଚାରୋଟି କଞ୍ଚାଲଙ୍କା, ଛୋଟ ଅଦା ଖଣ୍ଡେ, ୫୦ଗ୍ରାମ ଧନିଆପତ୍ର, ୫୦୦ ଗ୍ରାମ ଦହି ଏବଂ ସ୍ୱାଦନୁସାରେ ଲୁଣ ଓ ଛାଣିବା ଲାଗି ରିଫାଇନ ତେଲ ।

# ଶାକାହାରରେ ଭାରତ ପ୍ରଥମ



ପ୍ରାଚୀନ ଭାରତରେ ଶୁଦ୍ଧ, ସାତ୍ତ୍ୱିକମମ ଓ ଶାକାହାର ଭୋଜନକୁ ସମସ୍ତ ବର୍ଗ ସାଦରେ ଗ୍ରହଣ କରୁଥିଲେ । ପରବର୍ତ୍ତୀ ସମୟରେ ଯେତେବେଳେ ଇଂରେଜ ଶାସନ ଆରମ୍ଭ ହେଲା, ଭାରତର ପ୍ରତ୍ୟେକ ପ୍ରାନ୍ତରେ ଆମିଷ ବ୍ୟଞ୍ଜନର ଲୋକପ୍ରିୟତା ବଢ଼ିଥିଲା ନିକଟରେ ହୋଇଥିବା ଏକ ଆଲୋଚନା ଅନୁସାରେ ଶରୀରକୁ ପୋଷକତତ୍ତ୍ୱ ଯୋଗାଇବା ନିମନ୍ତେ ଅଳ୍ପ ପରିମାଣର ଆମିଷ ଭୋଜନ କରିବା ଉଚିତ, କିନ୍ତୁ ଆବଶ୍ୟକତା ଠାରୁ ଅଧିକ ସେବନ କରିବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ବିଶେଷଜ୍ଞ ଦଳ ମଧ୍ୟ ପରାମର୍ଶ ଦେଉଛନ୍ତି ଯେ ସୁସ୍ଥ ଜୀବନ ଅତିବାହିତ କରିବା ନିମନ୍ତେ ଶାକାହାର ଭୋଜନ କରିବା ଉଚିତ । ଆୟରଲାଣ୍ଡରେ ହୋଇଥିବା ଅନୁଧ୍ୟାନ ଅନୁସାରେ ଶାକାହାର ତାଲିକାରେ ଭାରତ ଶୀର୍ଷରେ ଅଛି । ବର୍ତ୍ତମାନ ଭାରତର ୩୮% ରୁ ଅଧିକ ଲୋକ ପ୍ରତ୍ୟହ ଶାକାହାର ଭୋଜନ କରି ଏକ ସୁସ୍ଥ ଜୀବନ ଅତିବାହିତ କରୁଛନ୍ତି । ଏଇ ତାଲିକାରେ ଇସ୍ରାଏଲ ଦ୍ୱିତୀୟରେ ତୃତୀୟରେ ତାଇୱାନ, ଚତୁର୍ଥରେ ଇଟାଲୀ, ପଞ୍ଚମରେ ଅଷ୍ଟ୍ରିଆ, ଷଷ୍ଠରେ ଜର୍ମାନୀ ରହିଛି ।



# ମଧୁମେହର ତିନି ମହୌଷଧି

ସାରାବିଶ୍ୱରେ ମଧୁମେହ ଏକ ସାଧାରଣ ସମସ୍ୟା ପାଲଟିଗଲାଣି । ଏଥିରେ ଶରୀରରେ ଏକାଧିକ ଏକାଧିକ ମେଟାବଲିକ ଡିଜଅର୍ଡର ଦେଖାଯାଇଥାଏ । ଯାହା ଫଳରେ ଶର୍କରା ସ୍ତର ସଠିକ୍ ରହେନାହିଁ । ଏହା ପାରିବାରିକ ତଥା ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ଖାଦ୍ୟଚାର ଯୋଗୁ ହୋଇଥାଏ । ଏହି ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ କଷ୍ଟସାଧ୍ୟ । ତବେ ଖାଦ୍ୟରେ କିଛି ପରିବର୍ତ୍ତନ କରି ଏହାକୁ ଯଥେଷ୍ଟ ନିୟନ୍ତ୍ରଣ କରାଯାଇପାରେ ଆୟୁର୍ବେଦ ଶାସ୍ତ୍ରରେ ମଧୁମେହ ନିୟନ୍ତ୍ରଣ ଲାଗି ତିନୋଟି ଚମତ୍କାରୀ ସୂତ୍ର ରହିଛି।

### ତେଜପତ୍ର:

ମଧୁମେହ ରୋଗୀଙ୍କ ଲାଗି ତେଜପତ୍ର ଏକ ମହୌଷଧି ବୋଲି କୁହାଯାଇପାରେ । ନିୟମିତ ଖାଦ୍ୟ ପ୍ରସ୍ତୁତିରେ କିମ୍ବା ସିଛଝାଇ ଏହାର ପାଣିକୁ ବ୍ୟବହାର କଲେ ମଧୁମେହ ନିୟନ୍ତ୍ରଣରେ ରଖାଯାଇପାରିବ ।

### ହଳଦି:

ଯେକୌଣସି ବୟସରେ ହଳଦି ଖାଇପାରିବେ । ଏହା ରକ୍ତ ପରିଷ୍କାର କରିବା ସହ ମଧୁମେହ ରୋଗରେ କୌଣସି କ୍ଷତ ହେଲେ ଏହାର ତୁରନ୍ତ ଉପଚାର କରିବାରେ ସହାୟକ ହୋଇଥାଏ ।

### ଘିକୁଆଁରୀ:

ଏହା ମଧୁମେହ ରୋଗୀଙ୍କ ପାଇଁ ଖୁବ ଉପକାରୀ । କାରଣ, ରକ୍ତଶର୍କରା ପରିମାଣ ସଠିକ୍ ରଖିବାରେ ଏହା ସହାୟକ ହୋଇଥାଏ । ଏଥିରେ ଥିବା ଇମୋଡିନ ତତ୍ତ୍ୱ ଶରୀରରେ ବଢ଼ିଥିବା ଗ୍ଲୁକୋଜ ସ୍ତର କମ କରିବାରେ ସହାୟକ ହୋଇଥାଏ । ଏଇଥିସହିତ ଗ୍ଲୁକୋଜ ମାନନ ଏବଂ ମୁସିଲେଜ ତନ୍ତୁ ଓଜନ କମାଇବା ସହ ଭୋକ ଶାନ୍ତ କରେ । ଇନସୁଲିନ ସ୍ତର ନିୟନ୍ତ୍ରଣ କରିବା ସହ ମଧୁମେହରୁ ସୁରକ୍ଷା ଦିଏ ।

# କେନ୍ଦୁଝରଃ ବିକାଶର ବିକଳ ଚିତ୍ର :ଅଧକିଲୋମିଟର ଚାଲିବାକୁ ବାଧ୍ୟହେଲେ ପ୍ରସବଯନ୍ତ୍ରଣାଜର୍ଜରିତା ଗର୍ଭବତୀ

କନ୍ଦୁଝର,୨୩।୧୧ (ନି.ପ୍ର): ସବୁଠାରୁ ଧନୀ କେନ୍ଦୁଝର ଜିଲ୍ଲାର ଅନେକ ସ୍ଥାନରେ ପ୍ରାୟତଃ ସମୟରେ ଦେଖିବାକୁ ମିଳୁଛି ଜିଲ୍ଲାର ବିକାଶର ବିକଳ ଚିତ୍ର । ଏଭଳି ଏକ ନିଛକ ଚିତ୍ର ଦେଖିବାକୁ ମିଳିଛି ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ବିଧାନସଭା ନିର୍ବାଚନ କ୍ଷେତ୍ର ରେ । ଯେଉଁ ନିର୍ବାଚନ କ୍ଷେତ୍ରକୁ ରାଜ୍ୟ ମନ୍ତ୍ରୀମଣ୍ଡଳ ର ଜଣେ ସଦସ୍ୟ ପ୍ରେମାନନ୍ଦ ନାୟକ ପ୍ରତିନିଧିତ୍ୱ କରୁଛନ୍ତି । ଏଠାରେ ରାସ୍ତାର ଅଭାବ କାରଣରୁ ଜଣେ ପ୍ରସବ ଯନ୍ତ୍ରଣା ଜର୍ଜରିତ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ନିକଟରେ ପହଂଚିବାକୁ ନିଜ ପାଦରେ ପ୍ରାୟ ଅଧ କିଲୋମିଟରରୁ ଉର୍ଦ୍ଧ ରାସ୍ତା ଚାଲିବାକୁ ପଡିଛି । ଜିଲ୍ଲାର ବିକାଶର ଏହା ହିଁ ଚିତ୍ର । ଜିଲ୍ଲାର କେଉଁଠାରେ ରାସ୍ତା ନଥିବାରୁ ପ୍ରସବ ଯନ୍ତ୍ରଣା ଜର୍ଜରିତ ମହିଳାଙ୍କୁ କିଲୋମିଟର କିଲୋମିଟର ରାସ୍ତା ଭାରରେ ବା ଦୋଳାରେ ନହେଲେ ପାଦରେ ଚାଲି ଯିବାକୁ ପଡୁଛି ତ ଆଉ କେଉଁଠାରେ କୋମଳମତି ସ୍କୁଲ ପିଲାମାନଙ୍କୁ ନିଜ ଜୀବନକୁ ବାଜିରେ ଲଗାଇ ଉଛୁଳା ନଦୀରେ ଡଙ୍ଗାରେ ନିଜେ ଆହୁଲାମାରି ପାଠ ପଢିବାକୁ ସ୍କୁଲକୁ ଯିବାକୁ ପଡୁଛି । ଗ୍ରାମାଚଂଳ ମାନଙ୍କରେ ଏଭଳି ସମସ୍ୟା ବହୁ ଅଧିକ ରହିଛି । ଏପରିକି ଏଥିପାଇଁ ଗୁରୁତର ରୋଗୀମାନେ ଜୁରୁରୀ ଚିକିତ୍ସା ପାଇଁ ଡାକ୍ତରଖାନାରେ ଠିକ ସମୟରେ ପହଂଚିପାରୁ ନାହାଁନ୍ତି । ସରକାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଜିଲ୍ଲାର ବିକାଶ ପାଇଁ ଅର୍ଥର ଅଭାବ ନଥିବା କଥା ବାରମ୍ବାର କହୁଥିଲେ ମଧ୍ୟ ତାହା ଲୋକହିତରେ ବିନିଯୋଗ ହୋଇପାରୁନାହିଁ । ଏବଂ ବାସ୍ତବ ଠାରୁ ସମସ୍ତେ ଦୂରଇ ଯାଉଥିବା ବାରମ୍ବାର ପ୍ରମାଣିତ ହେଉଥିଲେ ମଧ୍ୟ କାହାର ନିଦ୍ରା ଭଙ୍ଗ ନ ହେବା ଦୁର୍ଭାଗ୍ୟପୁର୍ଣ୍ଣ। ଫଳରେ ଜିଲ୍ଲାବାସୀ ହିଁ କେବଳ ବିଭିନ୍ନ ଭାବରେ ନିର୍ଯ୍ୟାତନା ଭୋଗୁଛନ୍ତି । କିନ୍ତୁ ଏପଟେ ଜିଲ୍ଲାର ଡି.ଏମ୍. ଏଫ. ପାଣ୍ଠିରେ ଗଛିତ ଅର୍ଥ ଖର୍ଚ୍ଚ ହୋଇ ପାରୁ ନଥିବା ବେଳେ ସଠିକ ଭାବେ ବିନିଯୋଗ ହେଉ ନଥିବା ଏପରିକି ଜିଲ୍ଲାର ବିକାଶ ଦିଗରେ ଅଧିକାରୀ ମାନଙ୍କର ଆନ୍ତରିକତାର ଅଭାବ ଆଦି ସଂପର୍କ ରେ ବାରମ୍ବାର ଚର୍ଚ୍ଚା ହେଉଛି । ଡି.ଏମ୍. ଏଫ. ଅର୍ଥକୁ ଏନ.ଜି.ଓ.ଙ୍କ ମାଧ୍ୟମରେ ବୃକ୍ଷ ରୋପଣ ଭଳି କାର୍ଯ୍ୟ ରେ ବିନିଯୋଗ କରାଯାଉଥିବା ବେଳେ ଲୋକଙ୍କର ରାସ୍ତା ଭଳି ସର୍ବନିମ୍ନ ଆବଶ୍ୟତା ପ୍ରତି ଉପଯୁକ୍ତ ଗୁରୁତ୍ୱ ଦିଆଯାଉନାହିଁ । ଯେଉଁଥିପାଇଁ ଜିଲ୍ଲାର ଆଜି ଏଭଳି ଦୁଖଃଦ ଅବସ୍ଥା । ତଥା ଆମ୍ବୁଲାନ୍ସ ପାଖରେ ପହଚଂିବାକୁ ଗର୍ଭବତୀ ମହିଳାଙ୍କୁ ଅଧକିଲୋମିଟର ଚାଲିବାକୁ ପଡୁଛି । କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକର ଜଗମୋହନପୁର ପଂଚାୟତ ଟୁଙ୍ଗୁରୁବାହାଲ ଗ୍ରାମର ଜୁଆଙ୍ଗ ସାହୀ । ଯେଉଁ ସାହୀରେ ଆଦିମ ଜୁଆଙ୍ଗ ଜନଜାତି ସଂପ୍ରଦାୟ ବାସ କରୁଛନ୍ତି । ଏହି ଟୁଙ୍ଗୁରୁବାହାଳ ଗ୍ରାମର ଜୁଆଙ୍ଗ ସାହୀର ଦୀନବନ୍ଧୁ ଜୁଆଙ୍ଗଙ୍କ ପତ୍ନୀ ପ୍ରମିଳା ଜୁଆଙ୍ଗଙ୍କର ହଠାତ୍ ପ୍ରସବ ବେଦନା ଆରମ୍ଭ ହୋଇ ଯାଇଥିଲା । ଫଳରେ ସ୍ଥାନୀୟ ଅଚଂଳର ଆଶାକର୍ମୀ ମଞ୍ଜରୀ ସାହୁ ପ୍ରମିଳାଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ଡାକିଥିଲେ । ଆମ୍ବୁଲାନ୍ସ ଯଦିଓ ତୁରନ୍ତ ଆସି ପହଂଚିଥିଲା କିନ୍ତୁ ରାସ୍ତା ନଥିବା କାରଣରୁ ଜୁଆଙ୍ଗ ସାହୀ ପର୍ଯ୍ୟନ୍ତ ଯାଇ ପାରି ନଥିଲା । ଫଳରେ ବାଧ୍ୟ ହୋଇ ପ୍ରସବ ବେଦନାରେ ପପୀଡିତା ପ୍ରସୂତିଙ୍କୁ ପ୍ରାୟ ଦେଢ କିଲୋମିଟରରୁ ଉର୍ଦ୍ଧ ଖାଲ ଖମାର ଦୁର୍ଗମ ରାସ୍ତାରେ ଚଲାଇ ଚଲାଇ ଆମ୍ବୁଲାନ୍ସ ନିକଟକୁ ନିଆଯାଇଥିଲା । ଏବଂ ସେ ଆମ୍ବୁଲାନ୍ସ ଯୋଗେ ମେଡିକାଲ ଯାଇଥିଲେ । ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ହେଉଛି ଯେ ଟୁଙ୍ଗୁରବାହାର ଗ୍ରାମର ଏହି ଜୁଆଙ୍ଗ ସାହୀକୁ ରାସ୍ତା ସଂଯୋଗ ପାଇଁ ଗତ ଦୁଇ ବର୍ଷ ପୂର୍ବରୁ ୫ ଲକ୍ଷ ଲେଖାଁଏ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ମନରେଗା ଯୋଜନାରେ ସାହୀର ଦୁଇ ପାର୍ଶ୍ୱରେ ଦୁଇଟି ରାସ୍ତା ନିର୍ମାଣ ଆରମ୍ଭ କରାଗଲା ସତ କିନ୍ତୁ ଉକ୍ତ ରାସ୍ତା ସାହୀ ଠାରୁ ଅଧ କିଲୋମିଟର ପୂର୍ବରୁ ଅଟକି ରହିଛି । ଫଳରେ ଜୁଆଙ୍ଗ ସାହୀ ଲୋକଙ୍କ ପାଇଁ ରାସ୍ତାର ସ୍ୱପ୍ନ ସେହି ସ୍ୱପ୍ନରେ ରହିଗଲା । କେଉଁ କାଳରୁ ପ୍ରାୟ ୨୫ ଟି ଜୁଆଙ୍ଗ ପରିବାର ଏହି ସାହୀରେ ରହି ଆସୁଥିବା ବେଳେ ଏହି ଆଦିମ ଜନଜାତି ଜୁଆଙ୍ଗଙ୍କ ପାଇଁ ସରକାର ଓ ପ୍ରାଶାସନର କେତେ ଦରଦ ରହିଛି ତାହା ଏହି ଘଟଣାରୁ ଏକ ପ୍ରକାର ସ୍ୱଷ୍ଟ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

## ବଣିଜାରୀ ପୀଠରୁ ଏନଏସି ଅଫିସ ରାସ୍ତା ଅବସ୍ଥା ଶୋଚନୀୟ, ଅନ୍ଧକାର ମୟ

ଭୁବନ,୨୩।୧୧ (ନି.ପ୍ର):- ଭୁବନ ଏନଏସି ଅନ୍ତର୍ଗତ ୪ ନମ୍ବର ୱାର୍ଡର ମା ବଣିଜାରୀଙ୍କ ପୀଠରୁ ଏନଏସି ଅଫିସ ପର୍ଯ୍ୟନ୍ତ ରାସ୍ତାଟି ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ଭୁବନର ଏହା ବାଇପାସ ରୋଡ ଭାବେ ପରିଚିତ ହେଉଥିବାରୁ ଗାଁ ଭିତର ଲୋକମାନେ ଏହିରାସ୍ତା ଉପରେ ନିର୍ଭର କରିଥାନ୍ତି । ଏହି ରାସ୍ତାଟି ଏବେ ଖାଲଖମାରେ ପରିଣତ ହୋଇଥିବା ବେଳେ ସଂଧ୍ୟା ବେଳେ ସଂପୂର୍ଣ୍ଣ ଅନ୍ଧାର ରହୁଥିବାରୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ହେଉଛି । ଏହି ରାସ୍ତା କଡରେ ବିଦ୍ୟୁତ ଖୁଣ୍ଟ ପଡିଥିବା ବେଳେ ଲାଇଟ ଲଗାଯାଉ ନଥିବାରୁ ସଂଧ୍ୟା ଓ ରାତି ସମୟରେ ଯିବାକୁ ଭୟ ଲାଗୁଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା ନିର୍ମାଣ କରିବା ସହ ରାସ୍ତାକୁ ଆଲୋକୀକରଣ କରିବାକୁ ଦାବି ହୋଇଛି ।

## ଏବିଭିପିର କେନ୍ଦ୍ରାପଡା ର ନୂତନ ନଗର କାର୍ଯ୍ୟକାରିଣୀ ଘୋଷଣା

କେନ୍ଦ୍ରପଡ଼ା,୨୩।୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କେନ୍ଦ୍ରାପଡା ନଗର କାର୍ଯ୍ୟକାରିଣୀ ଗଠନ କରାଯାଇଛି । ଅଧ୍ୟାପକ ପ୍ରଦୀପ୍ତ କିଶୋର ମୁଦୁଲି ନଗର ସଭାପତି ଓ ପଙ୍କଜ କୁମାର ପ୍ରଧାନ ନଗର ସଂପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଗର ସହ ସଂପାଦିକା ଲକ୍ଷ୍ମୀମୁଦ୍ରା ଓ ସହ ସଂପାଦକ ଭାବେ ଶଶି ପ୍ରସାଦ ମହାରଣା, ଜଗଦିଶ୍ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି । ରବିବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ରାଜ୍ୟ ସହ ସଂପାଦିକା ସୁଶ୍ରୀ ସଙ୍ଗିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ କାର୍ଯ୍ୟକର୍ତାଙ୍କା ନାମ ଘୋଷଣା କରିବା ସହ ପ୍ରତିଷ୍ଠା ସମୟରୁ ଏବିଭିପି ରାଷ୍ଟ୍ରବାଦୀ ଛାତ୍ର ସଂଗଠନ ଭାବେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକରି ଆସୁଛି ବୋଲି ସୂଚାଇ ଦେଇଥିଲେ । ଜିଲ୍ଲା ପ୍ରମୁଖ ବୈଲୋଚନ ଦାସ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଛାତ୍ରୀ ପ୍ରମୁଖ ଲକ୍ଷ୍ମୀପ୍ରିୟା ଦାସ ଜିଲ୍ଲା ସହ ସଂଯୋଜକ ଭବାନୀ ଶଙ୍କର ଦାସ ଜିଲ୍ଲାର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଗୌତମ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ଭିତିହୀନ ଅଭିଯୋଗ ଓ ଅପପ୍ରଚାରର ଅନ୍ତ ହେଉ; ଡିଲର ବିଷ୍ଣୁ ମଲ୍ଲିକ

ଭଦ୍ରକ, ୨୩/୧୧ (ହି.ସ.) - ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଂଚାୟତର ଖାଦ୍ୟସୁରକ୍ଷା ଡିଲର ବିଷ୍ଣୁ ମଲ୍ଲିକଙ୍କ ସମ୍ପର୍କରେ ହୋଇଥିବା ସମସ୍ତ ଅଭିଯୋଗ ଓ ଖବର ପରିବେଷଣ ଉପରେ ରବିବାର ସ୍ୱଷ୍ଟୀକରଣ ଦିଆଯାଇଛି। ଏଭଳି ଅଭିଯୋଗକୁ ଭିତିହୀନ ଓ ପ୍ରାୟୋଜିତ ଏବଂ ଗତ ଗୁରୁବାର ଠାରୁ ଏ ସମ୍ପର୍କରେ ପ୍ରକାଶିତ ଓ ପ୍ରସାରିତ ସମସ୍ତ ଖବରକୁ ବିଭ୍ରାନ୍ତିକର ବୋଲି ଦର୍ଶାଯାଇଛି। କୋଭିଡ ସମସ୍ୟା ପାଇଁ ସାମୟିକ ଭାବେ ପିତାଙ୍କ ରାସନ ସାମଗ୍ରୀ ବିତରଣ ଦାଇତ୍ୱ ତୁଲାଉଥିବା ପୁତ୍ର ବିଶ୍ୱନାଥ ମଲ୍ଲିକ ଏଥିନେଇ ଗଣମାଧମ ପ୍ରତିନିଧିଙ୍କ ନିକଟରେ ତଥ୍ୟମୂଳକ ବିବରଣୀ ଉପସ୍ଥାପନ କରିଛନ୍ତି। ପିତାଙ୍କ ଦ୍ୱାରା ରାସନ ସାମଗ୍ରୀ ପ୍ରାପ୍ତି, ବିତରଣ ଓ ମହଜୁଦ ପରିମାଣ ଅତ୍ୟନ୍ତ ସ୍ୱଚ୍ଛ ଓ ତଦାରଖ ଯୋଗ୍ୟ। ଗୁରୁବାର ଜବତ ହୋଇଥିବା ଚାଉଳ ସହ ଡିଲର ବିଷ୍ଣୁ ମଲ୍ଲିକଙ୍କ କୌଣସି ସମ୍ପର୍କ ନାହିଁ। ଅନ୍ୟପକ୍ଷରେ କେବଳ ଗତ ଶୁକ୍ରବାର କେତେକ ହିତାଧିକାରୀ ରାସନ ସମାଗ୍ରୀ ହଡପ ଅଭିଯୋଗ କରି ପଂଚାୟତ ଗୋଦାମ ସମ୍ମୁଖରେ ଧାରଣାରେ ବସିବା ଉଚିତ ନଥିଲା। ଡିଲରଙ୍କ ପକ୍ଷରୁ ପଂଚାୟତ ଗୋଦାମ ଗୃହରେ ଓ ବିଶୋଳ ଗ୍ରାମରେ ରିଟେଲ ପଏଂଟ ଖୋଲାଯାଇ ପାଳିକରି ସାମଗ୍ରୀ ବିତରଣ ଅହରହ କରାଯାଉଛି। ଚଣା ବିଳମ୍ବରେ ପ୍ରାପ୍ତି ହୋଇଥିବାରୁ ଅନ୍ୟାନ୍ୟ ସାମଗ୍ରୀ ସମସ୍ତଙ୍କୁ ଗତ ଅକ୍ଟୋବର ମାସ ପର୍ଯ୍ୟନ୍ତ ବିତରଣ କରାଯାଇ ସାରିଛି। ନଭେମ୍ବର ଓ ଡିସେମ୍ବର ମାସର ସାମଗ୍ରୀ ଓ ପୂର୍ବମାସର ଚଣା ସମ୍ପ୍ରତି ବିତରଣ କରାଯାଉଛି। ଶତକଡା ଅଶୀ ଭାଗ ହିତାଧିକାରୀ ସାମଗ୍ରୀ ପାଇସାରିଛନ୍ତି। ମାତ୍ର କୋଡିଏ ଭାଗ ହିତାଧିକାରୀ ପ୍ରରୋଚିତ ହୋଇ ସାମଗ୍ରୀ ନେବା ପରିବର୍ତେ ଅଯଥା ଅଡି ବସୁଛନ୍ତି। ଏପରିକି ମାତ୍ର ଶୁକ୍ରବାର ଦିନ ଧାରଣା ଦେଇ କ୍ରମାଗତ ଧାରଣାରେ ଅଛୁ ବୋଲି ପ୍ରଚାର ଚଳାଇଛନ୍ତି। ଏଥିସହ ପଂଚାୟତ ଗୋଦାମ ଗୃହ ଫାଟକରେ ବେଆଇନ ଭାବେ ଅନ୍ୟଏକ ତାଲା ପକାଇ ସାମଗ୍ରୀ ବିତରଣରେ ବାଧାସୃଷ୍ଟି କରୁଛନ୍ତି। ଏଭଳି ନକାରାତ୍ମକ କାର୍ଯ୍ୟରୁ କ୍ଷାନ୍ତ ରହି ହିତାଧିକାରୀମାନେ ଯେ କୌଣସି ସମୟରେ ସେମାନଙ୍କ ସାମଗ୍ରୀ ନେଇଯିବାକୁ ଓ ପଂଚାୟତ ଗୋଦାମ ଘରେ ପକାଇଥିବା ତାଲାକୁ ଖୋଲିଦେବାକୁ ଶ୍ରୀ ମଲ୍ଲିକ ନିବେଦନ କରିଛନ୍ତି।

## କରୋନା କଟକଣା ମଧ୍ୟରେ ଅଁଳା ନବମୀ ଉପଲକ୍ଷେ ରାଧା ପାଦ ଦର୍ଶନ ଓ ଅଷ୍ଟପ୍ରହରୀ ନାମ ଯଜ୍ଞ



ଗୁଣୁପୁର,୨୩।୧୧ (ନି.ପ୍ର): ଆଜି କାର୍ତ୍ତିକ ମାସ ର ଶୁକ୍ଳ ପକ୍ଷ ନବମୀ ତିଥି , ଆଜିର ଏହି ଦିନକୁ ଅଁଳା ନବମୀ କୁହାଯାଏ । ପୁରାଣ ଶାସ୍ତ୍ର ରେ ଏହି ପବିତ୍ର ତିଥି ର ବିଶେଷତ୍ୱ ମହାନ୍ ଅଟେ। ପୁଣ୍ୟ କାର୍ତ୍ତିକରେ ମାସ ତମାମ ପୂଜାର୍ଚ୍ଚନା କରୁର୍ଛି ଲୋକେ । ବର୍ଷସାରା ମା' ଶ୍ରୀରାଧାଙ୍କ ପାଦ ଲୁଗାରେ ଘୋଡ଼ାଇ ହୋଇ ରହିଥାଏ । କାର୍ତ୍ତିକ ମାସ ଅଁଳାନବମୀ ତିଥିରେ ମା'ଙ୍କ ପାଦ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି ଭକ୍ତ । କିନ୍ତୁ ଚଳିତ ବର୍ଷ କରୋନା କଟକଣା ଲାଗି ରାଧାପାଦ ଦର୍ଶନ କରିବାର ସୁଯୋଗ ଭକ୍ତ ପାଇପାରିବେ କି ନାହିଁ ବୋଲି ସଂଶୟ ରେ ଥିଲେ । କିନ୍ତୁ କରୋନା କଟକଣା ମଧ୍ୟରେ ଭକ୍ତ ରାଧାଙ୍କ ପାଦ ଦର୍ଶନ କରିବା ର ସୁଯୋଗ ପାଇଛନ୍ତି । ଶଙ୍ଖ, ହରିବୋଲ ଓ ହୁଳହୁଳି ଧ୍ୱନିରୁ ବଞ୍ଚିତ ହୋଇଛି ମନ୍ଦିର ସବୁ । ଗୁଣୁପୁର ସହର ରେ ସ୍ଥିତ ରାଧାକୃଷ୍ଣ ମନ୍ଦିର, କୁମ୍ଭାର ସାହି ମଦନ ମୋହନ ମନ୍ଦିର ଓ ସହର ର ନିକଟରେ ଥିବା ଭାଲେରି ଗ୍ରାମରେ ଥିବା ରାଧା କୃଷ୍ଣ ମନ୍ଦିର କୁ ରାଧା ଙ୍କ ପାଦ ଦର୍ଶନ ପାଇଁ ଭକ୍ତଙ୍କ ସୁଅ ଛୁଟିଥିଲା । ପ୍ରତିବର୍ଷ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବା ବେଳେ ଆଜି ଭକ୍ତ ଶୂନ୍ୟ ମନ୍ଦିର ହୋଇଥିବା ଜଣାପଡିଛି। ଭକ୍ତ ର ମନ ସବୁବେଳେ ଅବୁଝା ହୋଇଥାଏ । ଭକ୍ତଙ୍କ ଆଗମନକୁ ଭଗବାନ ସର୍ବଦା ଅପେକ୍ଷା କରିଥାନ୍ତି । କିନ୍ତୁ ଚକିତ ବର୍ଷ ଅପେକ୍ଷା, ଅପେକ୍ଷା ରେ ହିଁ ରହିଯାଇଥିବା ଜଣାପଡ଼ିଛି। ଅଁଳା ନବମୀ ଅବସରରେ ଗୁଣୁପୁର ସହର ବହୁ ମନ୍ଦିର ରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଶେଫାଳୀ ପାହାଡ଼ ଉପରେ ଦେବ ଦେବ ମହାଦେବ ଙ୍କ ଆକର୍ଷଣୀୟ ମନ୍ଦିର ଅଛି , ସେଠାରେ ଏହି ପବିତ୍ର ଦିନରେ ସବୁବର୍ଷ ଭଳି ଏହି ବର୍ଷ ମଧ୍ୟ କରୋନା କଟକଣା ମଧ୍ୟରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜନସମାଗମ ନହେବା ପାଇଁ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ଅଁଳାନବମୀ ନିୟମକୁ ମାନି ରାଧାପାଦ ଦର୍ଶନ କରିଛନ୍ତି ଭକ୍ତ ।

## ଆସନ୍ତା ୨୬ ରେ ଦେଶବ୍ୟାପୀ ଧର୍ମଘଟ ସଫଳ କରିବାକୁ ଶୋଭାଯାତ୍ରା

ଜୟପୁର,୨୩।୧୧ (ନି.ପ୍ର): ଆସନ୍ତା ୨୬ ରେ ଅନୁଷ୍ଠିତ ହେବାକୁ ଥିବା ଦେଶ ବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ନେଇ ଏକ ଶୋଭାଯାତ୍ରା ଆଜି ସହର ପରିକ୍ରମା କରିଥିଲା । ଦେଶର ସାଧାରଣ ମଣିଷ ନ୍ୟୁନତମ ଜୀବନ ଧାରଣରେ ଆବଶ୍ୟକତା ପ୍ରତି କେନ୍ଦ୍ର ସରକାରଙ୍କ ସାମଗ୍ରୀକ ଭାବରେ ନିରବିଚ୍ଛିନ୍ନ ଉଦସୀନତା, ଗରୀବ, ବେରୋଜଗାର ସହ ଦର ନିୟନ୍ତ୍ରଣରେ ସରକାର ବିଫଳ ହୋଇଥିବା ନେଇ ଉଦବେଗ ପ୍ରକାଶ କରଥିଲେ । ଆସନ୍ତା ୨୬ ତାରିଖରେ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ନିଷ୍ପତି ହୋଇଥିବା ବେଳେ ଚକ, ଅଖ, ଦୋକାନ, ବଜାର, ବ୍ୟାଙ୍କ, ଏଲଆଇସି ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ । ଦର ଦାମ ନିୟନ୍ତ୍ରଣ କରାଯାଉ, ଶ୍ରମିକ ଓ କୃଷକ ବିରୋଧୀ ଶ୍ରମ ଓ କୃଷି ଆଇନ ପ୍ରତ୍ୟାହାର, ରେଳ, ବିମା, ପ୍ରତିରକ୍ଷା ଓ ଅନ୍ୟାନ୍ୟ ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ, ଗ୍ରାମାଚଂଳରେ ୨ ଶହ ଦିନର କାମ, ମନରେଗାରେ ୫ ଶହ ଟଙ୍କା ମଜୁରି ସହରାଚଂଳ ରୋଜଗାର ଗରିବ ପରିବାରଙ୍କୁ ମାସକ ୭ ହଜାର ୫ ଶହ ଟଙ୍କା ସହାୟତା ଓ ମାସିକ ୧୦ କେଜି ଚାଉଳ ପ୍ରଦାନ, ଆଶା, ପାଚିକା, ଅଙ୍ଗନବାଡିକୁ ସରକାରୀ ମାନ୍ୟତା ଓ ସାମାଜିକ ସୁରକ୍ଷା ପ୍ରଦାନ ଆଦି ଦାବୀରେ ସର୍ବ ଭାରତ ସାଧାରଣ ଧର୍ମଘଟ ହେଉଛି । ଏହାକୁ ସଫଳ କରିବା ପାଇଁ ଶ୍ରମିକ କର୍ମଚାରି ସଂଗଠନ ମାନଙ୍କ ମିଳିତ ତରଫରୁ ଜୟପୁର ସହରରେ ଶୋଭାଯାତ୍ରା ବାହାର କରାଯାଇ ସଚେତନ କରାଯାଇଛି । ସଂଗଠନର ସଦସ୍ୟ ମାନେ ପ୍ଲା ଗାର୍ଡ ଓ ବେନର ଧରି ମୁଖ୍ୟ ରାସ୍ତାରେ ଶୋଭାଯାତ୍ରା କରି ସ୍ଥାନୀୟ ଦୋକାନ, ବଜାର, ସରକାରୀ କାର୍ଯ୍ୟାଳୟ, ଚକ ଅଖ ବନ୍ଦ କରିବାକୁ ସଚେତନ କରିଥିଲେ ।

## ଭଡ଼ାଟିଆ ବିବାହିତା ମହିଳାଙ୍କୁ ଘର ମାଲିକ ଯୌନ ନିର୍ଯାତନା ଓ ବ୍ଲାକ ମେଲିଂକୁ ନେଇ ଥାନାରେ ମାମଲା

### ଅଭିଯୁକ୍ତ ଘର ମାଲିକକୁ ଧରିବା ନିମନ୍ତେ ପୁଲିସର ଉଦ୍ୟମ ଜାରି

ବାରିପଦା,୨୩।୧୧ (ନି.ପ୍ର): ବାରିପଦା ପୌରପରିଷଦରେ ଭଡ଼ାଟିଆ ବିବାହିତା ମହିଳାଙ୍କୁ ଘର ମାଲିକ ଯୌନ ନିର୍ଯ୍ୟାତନା ଓ ବ୍ଲାକ ମେଲିଂକୁ ନେଇ ବାରିପଦା ଟାଉନ ଥାନାରେ ଭାରତୀୟ ଦଣ୍ଡବିଧି ଆଇନ ଧାରା ୪୪୮, ୩୪୨, ୩୭୬(୨)(ଏନ), ୫୦୬ ଅନୁସାରେ କେଶ ନମ୍ବର ୮୩୧/୨୦୨୦ରେ ଏକ ମାମଲା ରୁଜୁ କରିବା ସହିତ ମହିଳା ଅଧିକାରୀଙ୍କ ଦ୍ୱାରା ପଡ଼ିତାଙ୍କ ପରୀକ୍ଷା କରାଯାଇଥିବା ବେଳେ ଅଭିଯୁକ୍ତ ଘର ମାଲିକକୁ ଧରିବା ନିମନ୍ତେ ପୁଲିସ ପକ୍ଷରୁ ଏକ ଟିମ ଗଠନ କରାଯାଇ ଉଦ୍ୟମ ଜାରି ରହିଛି । ଖବରର ବିବରଣୀରୁ ଜଣାପଡ଼ିଛି, ୨୦୧୦ ମସିହାରେ ବିବାହ କରିଥିବା ଜନୈକ ୨୭ ବର୍ଷିୟା ବିବାହିତା ମହିଳା ନିଜ ସ୍ୱାମୀ ଦ୍ୱାରା କୌଣସି କାରଣରୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନାର ଶିକାର ହୋଇଥିଲା ଏବଂ ନିର୍ଯ୍ୟାତନା ସହି ନ ପାରି ନିଜ ବାପ ଘର ଭଦ୍ରଖ ଜିଲ୍ଲା ବାଁଶଦା ଥାନା ଅଂଚଳରେ ୨୦୨୦ ଜୁନ ୧ ପର୍ଯ୍ୟନ୍ତ ରହିବା ପରେ ବାରିପଦା ପୌରପରିଷଦର ରାମଚନ୍ଦ୍ରପୁର ଅଂଚଳର ଜଳଧର ନାୟକଙ୍କ ଘରେ ଘର ଭଡ଼ା ନେଇ ଏକାକୀ ରହିଆସୁଥୁଲେ । ଏହାର ସୁଯୋଗ ନେଇ ରାତିରେ ଜଳଧର ନାୟକ ବିବାହିତାଙ୍କ କୋଠରୀ ଭିତରେ ପ୍ରବେଶ କରି ତାଙ୍କର ଅନିଚ୍ଛା ସତ୍ୱେ ବଳପୂର୍ବକ ଦୁଷ୍କର୍ମ କରିଥିଲା । ଏହି ଘଟଣାକୁ ନେଇ ପୁଲିସ ସମ୍ମୁଖରେ ମୁହଁ ନ ଖୋଲିବା ନିମନ୍ତେ ଧମକ ମଧ ଦେଇଥିଲା । ଏଥି ସହିତ ଜଳଧର କୌଶଳ କରି ବିବାହିତା ମହିଳାଙ୍କ ସହିତ ଦୁଷ୍କର୍ମ କରୁଥିବା ଅବସ୍ଥାର ଦୃଶ୍ୟକୁ ଭିଡ଼ିଓ ରେକର୍ଡ଼ିଂ କରି ତାଙ୍କୁ ବ୍ଲାକ ମେଲିଂ କରିବା ସଂଗେସଂଗେ ବିଭିନ୍ନ ସମୟରେ ବାଧ କରାଇ ବଳପୂର୍ବକ ଦୁଷ୍କର୍ମ କରି ଆସୁଥିଲା । ମାତ୍ର ୨୦୨୦ ଜୁଲାଇ ୭ରେ ପିଡ଼ିତା ବାରିପଦାରୁ ଖସି ଯାଇ ବାଲେଶ୍ୱରରେ ଭଡ଼ା ନେଇ ରହୁଥିବା ବେଳେ ଜଳଧର ନାୟକ ବିବାହିତା ମହିଳାଙ୍କ ଭିଡ଼ିଓ ଓ ଫଟୋକୁ ଭାଇରାଲ କରାଇଦେବାର ଧମକ ଦେବା ଆରମ୍ଭ କରିଦେଇଥିଲା । ଫଳରେ ଅନ୍ୟ ଉପାୟ ନ ପାଇ ଗତ ନଭେମ୍ବର ୨୧ ତାରିଖ ରାତି ୮.୧୫ ସମୟରେ ପିଡ଼ିତା ଜଣକ ବାରିପଦା ଟାଉନ ଥାନାରେ ପହଁଚି ଅଭିଯୁକ୍ତ ଜଳଧର ନାୟକଙ୍କ ନାମରେ ଲିଖିତ ଅଭିଯୋଗ କରିଥିବାର ଜଣାପଡ଼ିଛି ।

## କେନ୍ଦୁଝରରେ ଜିଲ୍ଲାସ୍ତରୀୟ ପୁରୁଷ ବନ୍ଧ୍ୟାକରଣ (ଏନ୍.ଏସ୍.ଭି.) ପକ୍ଷ ପାଳନ

କେନ୍ଦୁଝର,୨୩।୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଜିଲ୍ଲା ତାଲିମ କେନ୍ଦ୍ର ଠାରେ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁପାଳନ ପୂର୍ବକ ଜିଲ୍ଲାସ୍ତରୀୟ ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ ହୋଇଛି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜନ ସଚେତନତା ନିମିତ ଏକ ହୋଡ଼ିଂ ସ୍ଥାପନ କରାଯାଇଥିଲା । ଏତଦ୍‌ବ୍ୟତୀତ ସଚେତନତା ନିମିତ ଏକ ସ୍ୱାକ୍ଷର ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆରମ୍ଭ କରାଯାଇଅଛି । ଏହି ସ୍ୱାକ୍ଷର ଅଭିଯାନ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅଶୋକ କୁମାର ଦାଶ ପ୍ରଥମେ ସ୍ୱାକ୍ଷର କରି ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ଜିଲ୍ଲାର ୧୩ ଗୋଟି ବ୍ଲକ୍‌ର ଡାକ୍ତର, ବି. ପି. ଏମ୍ .ଓ ପିଏଚ୍‌ଇଓମାନଙ୍କର ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ଡିସେମ୍ବର ମାସ ୪ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଏହି ଉପଲକ୍ଷେ ସଚେତନତା ଅଭିଯାନ ପାଇଁ ପ୍ରସ୍ତୁତ କରାଯାଇଥିବା ପୋଷ୍ଟର, ବ୍ୟାନର, ଲିଫଲେଟ୍, ଷ୍ଟାଣ୍ଡିଂର ଉନ୍ମୋଚନ ହୋଇଥିଲା । ଏହି ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ପ୍ରଣତିନୀ ନାୟକ ପାଳନ ହେଉଥିବା ଏହି ପକ୍ଷ ବିଷୟରେ ଆଲୋଚନା କରିଥିଲେ ଏବଂ ଗ୍ରାମସ୍ତରରେ ଏ ସଂପର୍କୟ ସଚେତନତା ବାର୍ତା କିପରି ଲୋକମାନଙ୍କ ପାଖରେ ପହଂଚିପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡାଃ ଦେବେନ ଦାସ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ମ୍ୟାଲେରିଆ ଡାଃ ଶୃତିକ୍ରିତି ମହାନ୍ତି, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ), ଦିଲ୍ଲିପ ଦୁବେ, ଡିପିଏମ ଉପସ୍ଥିତ ରହି ସଭାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ଡି. ପି. ଏଚ୍. ସି. ଓ . ଶ୍ରୀ ପିତବାସ ମିଶ୍ର, ଏଡି. ପିଏଚ. ସି. ଓ. ଶ୍ରୀକାନ୍ତ ସେଠୀ, ପରିସଂଖ୍ୟାନ ସହାୟକ ନୃସିଂହ ଚରଣ ନନ୍ଦ ଏବଂ ଆଇସିଏ ଚିତରଞ୍ଜନ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

## ପିପିଲି ଥାନାରେ ୫ ଯୁବକଙ୍କୁ ଥାର୍ଡ଼ ଡ଼ିଗ୍ରୀ ଅଭିଯୋଗ ଘଟଣା

### ପୁଅକୁ ଭେଟିବାକୁ ପୋଲିସର ଅନୁମତି ମିଳୁନଥିବା ପରିବାର ଲୋକଙ୍କ ଅଭିଯୋଗ

ପିପିଲ,୨୩।୧୧ (ନି.ପ୍ର): ପୁରୀ ଜିଲ୍ଲା ପିପିଲି ଥାନାରେ ୫ ଯୁବକଙ୍କୁ ଥାର୍ଡ଼ ଡ଼ିଗ୍ରୀ ଅଭିଯୋଗ ଘଟଣାରେ ଗୁରୁତର ଜଗନ୍ନାଥ ପୁଷ୍ପାଳକଙ୍କୁ ଭେଟିବାକୁ ଦିଆଯାଉନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । କଟକ ବଡ଼ ମେଡ଼ିକାଲରେ ଗୁରୁତର ଅବସ୍ଥାରେ ଅବସ୍ଥାରେ ଚିକିତ୍ସାଧିନ ରହିଛନ୍ତି ଜଗନ୍ନାଥ । ବାପା ଭାଇ ଦେଖା କରିବାକୁ ଆସିଥିଲେ । ହେଲେ ପୋଲିସ ତାଙ୍କ ପୁଅକୁ ଦେଖା କରାଇନଥିଲା । ଏଥିସହ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି।

## ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଦାବି

ଭୁବନ,୨୩।୧୧ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡର ରାମଚନ୍ଦ୍ର ସାହୁଙ୍କ ଘର ଠାରୁ ୫୩ ନମ୍ବର ଜାତୀୟ ରାଜପଥ (ପୁରୁଣା ସିନେମାହଲ/ରେଙ୍ଗାଳି ଅଫିସ ) ପର୍ଯ୍ୟନ୍ତ ରାସ୍ତାରେ ଡ୍ରେନ ନଥିବାରୁ ସବୁବେଳେ ରାସ୍ତାରେ ପାଣି ଚାଲୁଛି । ବର୍ଷାଦିନେ ଲୋକଙ୍କ ଘରେ ପାଣି ପଶୁଥିବା ବେଳେ ଖରା ଓ ଶୀତ ଦିନେ ରାସ୍ତାଟି ପାଣି କାଦୁଅରେ ଭର୍ତି ହେଉଛି । ବାରମ୍ବାର ସ୍ଥାନୀୟ ଏନଏସି ଅଫିସରେ ଅଭିଯୋଗ କରିବା ସତ୍ୱେ ମଧ ଡ୍ରେନ ନିର୍ମାଣ କରାଯାଉନଥିବାରୁ ସ୍ଥାନୀୟ ଅଂଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ଅନୁରୂପ ଭାବେ ଭୁବନ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡର ପୂର୍ତବିଭାଗ ରାସ୍ତା (ତହସିଲଦାରଙ୍କ କ୍ୱାଟର) ଠାରୁ ଗୌରାଙ୍ଗ ବେହେରା ଙ୍କ ଘର ପର୍ଯ୍ୟନ୍ତ ରାସ୍ତା ଆଜିଯାଏଁ ସିମେଣ୍ଟ କଂକ୍ରିଟ ହୋଇନଥିବା ବେଳେ ଡ୍ରେନ ମଧ ନିର୍ମାଣ ହୋଇନାହିଁ । ଏଥିପାଇଁ ରାସ୍ତାରେ ସବୁବେଳେ ପାଣି ଚାଲୁଛି । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ଓ ଡ୍ରେନ ନିର୍ମାଣ କରିବାକୁ ଦାବି ହୋଇଛି ।

## ମୟୂରଭଞ୍ଜରୁ ନୂଆ ୫୦ କରୋନା ପଜିଟିଭ୍ ଚିହ୍ନଟ

ବାରିପଦା,୨୩।୧୧ (ନି.ପ୍ର): ନଭେମ୍ବର ୨୩ ଓଡ଼ିଶାରୁ ଚିହ୍ନଟ ହୋଇଥିବା ୬୬୮ ଜଣ କରୋନା ପଜିଟିଭ କେଶ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୫୦ ଜଣ କରୋନା ଆକ୍ରାନ୍ତ ରହିଛନ୍ତି ଏବଂ ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲା ସର୍ବାଧିକ ଆକ୍ରାନ୍ତ ତାଲିକାର ଚତୁର୍ଥ ସ୍ଥାନରେ ରହିଛି । ଏଥି ସହିତ ଜିଲ୍ଲାରେ କୋଭିଡ଼-୧୯ ଭୂତାଣୁ ସଂକ୍ରମିତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୨, ୯୦୧ରେ ପହଁଚିଛି । କରୋନା ସଂକ୍ରମିତମାନଙ୍କ ମଧ୍ୟରୁ କ୍ରିଟିକାଲମାନଙ୍କୁ କୋଭିଡ୍ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଥିବା ବେଳେ ସ୍ୱଳ୍ପ ଓ ଲକ୍ଷଣ ନ ଥିବା ବ୍ୟକ୍ତିମାନଙ୍କୁ ହୋମ ଆଇସୋଲେସନରେ ରଖାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ସେହିପରି ନଭେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସୁସ୍ଥ ସଂଖ୍ୟା ୧୨, ୨୭୬ ରହିଥିବା ସମୟରେ ନଭେମ୍ବର ୨୩ ପର୍ଯ୍ୟନ୍ତ ୫୪୪ ଜଣ ସକ୍ରିୟ ଥାଇ କୋଭିଡ୍ ହସପିଟାଲ ଓ ହୋମ୍ ଆଇସୋଲେସନରେ ଚିକିତ୍ସା ହେଉଛନ୍ତି ଏବଂ ଅଦ୍ୟାବଧି ଜିଲ୍ଲାରେ ମୋଟ୍ ୮୧ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି ।

## ଖତ ଖାଉଚି ୨୦ଲକ୍ଷ ଟଙ୍କାର ରୋଲର

କେନ୍ଦ୍ରପଡ଼ା,୨୩।୧୧ (ନି.ପ୍ର): କେନ୍ଦ୍ରାପଡା ପୁର୍ତ ଡିଭିଜନର ହତା ମଧ୍ୟରେ ପରିତ୍ୟକ୍ତ ଅବସ୍ଥାରେ ରୋଲର ଗୁଡିକ ପଡିରହି ଖତ ଖାଉଥିବା ଦେଖିବାକୁ ମିଳିଛି । ରାସ୍ତା ନିର୍ମାଣ କାର୍ଯ୍ୟରେ ମେଣ୍ଟାଲ ଗୁଡିକୁ ସମତଳ କରିବା ପାଇଁ ଏହାକୁ ବ୍ୟବହାର କରାଯାଇ ଥାଏ । ମାତ୍ର ବିଭାଗର ଏହି ଯାନ୍ତ୍ରିକ ରୋଲର ଗୁଡିକ ପ୍ରାୟ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ହତା ମଧ୍ୟରେ ଖରାବର୍ଷାରେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨ଗୋଟି ରୋଲର ର ଯତ୍ନ ନିଆ ଯାଉ ନଥିବାରୁ ପଡିରହି କଳଙ୍କି ଲାଗିବା ସହ ଏହାର ଯନ୍ତ୍ରାଂଶ ଗୁଡିକ ନଷ୍ଟ ହେବାକୁ ବସିଲାଣି । ବିଭାଗର ଅବହେଳା ଯୋଗୁଁ ଏହି ସରକାରୀ ସମ୍ପତି ମାଟି ଖାଉଥିବା ଦେଖିବାକୁ ମିଳିଛି । ତେବେ ଡ୍ରାଇଭର ନିଯୁକ୍ତି ହୋଇ ନଥିବାରୁ ଏହାର ବ୍ୟବହାର ନହୋଇ ନିଲାମ ପାଇଁ ବିଭାଗୀୟ ଅନୁମତି ମଗାଯାଇ ଥିବାବେଳେ ଏହାର କୌଣସି ଅନୁମୋଦନ ପତ୍ର ଏପର୍ଯ୍ୟନ୍ତ କେନ୍ଦ୍ରାପଡା ଡିଭିଜନକୁ ମିଳିନାହିଁ। ଫଳରେ ରୋଲର ୨ଟି ଅକାମୀ ହୋଇ କ୍ଷତ ହେଉଥିବା ଦେଖିବାକୁ ମିଳିଛି ।

## ଖେଳୁଥିବା ବେଳେ ଘରପାଖ ପୋଖରୀରେ ପଡି ଶିଶୁ ମୃତ

କେନ୍ଦ୍ରପଡ଼ା,୨୩।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ଜଶୁଆ ପଲ୍ଲୀ ଗ୍ରାମର ଜଣେ ୫ବର୍ଷର ବାଳିକା ଶିଶୁ ଖେଳୁଥିବା ସମୟରେ ପୋଖରୀରେ ପଡି ବୁଡି ଯାଇଥିବା ଜଣାପଡିଛି । ରବିବାର ମଧ୍ୟାହ୍ନ ୧୨ଟା ସମୟରେ ଗ୍ରାମର ସତ୍ୟ ରଞ୍ଜନ ବାରିକଙ୍କ ଝିଅ ତେଜସ୍ୱନୀ ବାରିକ(୫) ଘର ନିକଟରେ ଖେଳୁଥିବା ବେଳେ ଅସାବଧାନତା ବଶତଃ ପୋଖରୀକୁ ଖସି ପଡିଥିଲେ । ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ଗାଁ ଲୋକଙ୍କ ସହାୟତାରେ ବିଭିନ୍ନ ଆଡେ ଖୋଜାଖୋଜି କରି ପୋଖରୀ ଭିତରୁ ଶିଶୁର ମୃତଦେହ ଉଦ୍ଧାର କରିଥିଲେ । ପରେ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ପଥରପୁରା କ୍ରିକେଟ୍ ଟିମ୍ ଓ ରାଜ ଇଲେକ୍ଟ୍ରନିକ୍ସ ପକ୍ଷରୁ ରକ୍ତଦାନ ଶିବିର : ୯୮ ୟୁନିଟ ସଂଗୃହିତ

ଜଳେଶ୍ୱର, ୨୩/ ୧୧ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଅଧିନରେ ୨ଟି ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ମୋଟ ୯୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଆଜି ସୋମବାର ରାଜ ଇଲେକ୍ଟ୍ରୋନିକ୍ସ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଜଳେଶ୍ୱର ଆଇଆଇସି ମାନସ କୁମାର ଦେଓ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରଥମ ରକ୍ତଦାତା ଭାବେ ବାଲେଶ୍ୱର ଜିଲା ରକ୍ତଦାତା କମିଟିର ସଭାପତି କମଳ ଚକ୍ରବର୍ତ୍ତୀ ଆଜି ରକ୍ତଦାନ କରିଥିଲେ । ସେହିପରି ଗତକାଲି ରବିବାର ପଥରପୁରସ୍ଥିତ ଏଥେଲେଟିକ୍ କ୍ରିକେଟ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ରକ୍ତାଦାନ ଶିବିରକୁ ଜଳେଶ୍ୱର ବିଡିଓ ଦୀପ୍ତୀରଂଜନ ସେଠୀ ଉଦ୍‌ଘାଟନ କରିଥିଲେ । ଯୁବ ଉଦ୍ୟଗୀ ମାନଙ୍କ ପ୍ରଚେଷ୍ଟାରେ ସେଠାରେ ୬୭ ୟୁନିଟ୍ ସଂଗୃହୀତ ହୋଇଥିଲା । ୨ଟି ରକ୍ତଦାନ ଶିବିରରେ ଡ. ମହେଶ ବିଶ୍ୱାଳ ରକ୍ତ ସଂଗ୍ରହରେ ସହାୟତା କରିଥିଲେ । କ୍ରିକେଟ୍ କ୍ଲବର ସଭାପତି ଅଶ୍ୱିନୀ କୁମାର କର ସଭାପତିତ୍ୱ କରିଥିଲେ । ରକ୍ତଦାନର ଆବଶ୍ୟକତା ଏବଂ କରୋନା ସମୟରେ ଥାଲାସେମିଆ ରୋଗୀ, ଦୁର୍ଘଟଣାଗ୍ରସ୍ତ ରୋଗୀ ଓ ପସୂତୀମାନଙ୍କୁ ରକ୍ତ ଦେବାଲାଗି ସେଚ୍ଛାକୃତ ରକ୍ତଦାନ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଶଂକର ଚାନ୍ଦ, ସୁଶାନ୍ତ ସେଠୀ, ମାନସ ସେନାପତି, ମହେଶ୍ୱର ସେନାପତି, ମନୋରଂଜନ ଗିରି, ସନ୍ତୋଷ ତରାଇ, ଫିରୋଜ ଖା, ସୁଶାନ୍ତ ମାଇତି, ଗୋପିନାଥ ଧଳ, ସନ୍ତୋଷ ସେନାପତି, ଦିପେନ୍ଦୁ କର, ପ୍ରଶାନ୍ତ ସେଠୀ, ମାନସ ନାଥ, ବଂଶୀ ନାୟକ, ରାଜୀବ ସାହୁ, ସତ୍ୟବାନ ଚନ୍ଦ, ଶୁଭକାନ୍ତ କାଷ୍ଠ, ପ୍ରବୀର ଚାନ୍ଦ, ବରେନ୍ଦ୍ର ଧଳ, ସତ୍ୟରଂଜନ ଗିରି, ପାର୍ଥ ଦାସ, ପଂକଜ ଜେନା, ଜୟନ୍ତ କର, ବିବେକାନନ୍ଦ ପରିଡା, ଅଲୁ ପାତ୍ର, ନିଗମା ନନ୍ଦ ପରିଡା ଓ ମିଟୁରଣା ପ୍ରମୁଖ ସହାୟତା କରିଥିଲେ ।

## ଗଞ୍ଜାମ ଜିଲ୍ଲାରେ ନୂଆ ୧୨ କରୋନା ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୨୩।୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ନୂଆ ୧୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଭର୍ତ୍ତି କରାଯାଇଛି । ସାମାନ୍ୟ ଆକ୍ରାନ୍ତ ମାନଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୧,୫୭୯ କୁ ବୃଦ୍ଧି ପାଇଛି ।

# ମୟୂରଭଞ୍ଜ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ପାଳିତ




ଉଦଳା,୨୩।୧୧ (ନି.ପ୍ର): ମୟୂରଭଞ୍ଜ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଓ ବାର୍ଷିକ ଉତ୍ସବ ଚଳିତ ନଭେମ୍ବର ୨୨ ତାରିଖ ରବିବାର ଦିନ ଯସିପୁର ଠାରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଦିବଂଗତ ସାମ୍ବାଦିକ ମାନଙ୍କ ପାଇଁ ନୀରବ ପ୍ରାର୍ଥନା, ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ପାଇଁ ପାଞ୍ଚ ପିଢ଼ ଉପଖଣ୍ଡର କାର୍ଯ୍ୟରତ ସାମ୍ବାଦିକ ମାନଙ୍କର ନେତୃତ୍ୱରେ ଦିର୍ଘ ଏକ ସପ୍ତାହ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ସାମ୍ବାଦିକା ପ୍ରମିଳା ପଣ୍ଡା ଉକ୍ତ ଉତ୍ସବରେ ସଂଯୋଜନା କରିଥିବା ବେଳେ କୋଭିଡ଼୍‌କୁ ଲକ୍ଷ କରି ସବୁ ପ୍ରକାର ସତର୍କତା ଅବଲମ୍ବନ କରାଯାଇଥିଲା । ସଂଘର ସଭାପତି ଅରୁଣ କୁମାର ଓଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହିତ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରି ଦିବଂଗତ ସାମ୍ବାଦିକ ମାନଙ୍କ ଉଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇବା ପାଇଁ ଅନୁରୋଧ କରିଥିଲେ । ଏହାପରେ ଭାରତୀୟ ସୌନ୍ୟବାହିନୀ ଚାକିରିରୁ ଅବସର ନେଇଥିବା ମେଜର ଦେବେନ୍ଦ୍ର ନାଥ ଦାସ ପ୍ରଦୀପ ପ୍ରଜ୍ୱଳନ ଓ ବେଦମନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସେ ନିଜେ କିପରି ପଞ୍ଜାବ ରେଜିମେଣ୍ଟରେ ଦିର୍ଘ ୩୫ ବର୍ଷ କାଳ ଜଣେ ସୌନିକ ଭାବରେ ଦେଶ ସେବାରେ ନିୟଜିତ ଥିଲେ , ସେ ଦିନର ଅଙ୍ଗେଲିଭା ଘଟରାକୁ ବର୍ଣ୍ଣନା କରିବା ସହିତ ବନ୍ଧୁକର ଗର୍ଜନ ଠାରୁ କଲମର ମୁନ ଅଧିକ ଶକ୍ତିଶାଳୀ ବୋଲି ସ୍ୱୀକାର କରିଥିଲେ । ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ ତାଙ୍କରବକ୍ତବ୍ୟରେ ସୋଚଟତା ପାଇଁ ମୟୂରଭଞ୍ଜବାସୀ ସମଗ୍ର ଓଡ଼ିଶାର ଜନମାନସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ବୋଲି କହିବା ସହିତ ସାମ୍ବାଦିକ ମାନଙ୍କର ଖବର ପରିବେଷଣ ପରେ ଏହାକୁ କେନ୍ଦ୍ର କରି ବିଧାନସଭାରେ କିପରି ଚର୍ଚ୍ଚା ଜୋର ଧରିଥାଏ, ସେ ବିଷୟରେ ଆଲୋକପାତ କରିଥିଲେ । ଏହାପରେ ମୟୂରଭଞ୍ଜ ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଦସ୍ୟ ତଥା ଉତ୍କଳ ସାମ୍ବାଦିକ ସଂଘର ପୁର୍ବତନ ରାଜ୍ୟ ସଭାପତି ମନୋଜ ଦାସ ତାଙ୍କର ବକ୍ତବ୍ୟରେ ଆଜିର ଉତ୍ସବ କବି, ଲେଖକ, ସମ୍ବକାର, ସୌନିକ, ରାଜନୈତିକ ନେତା, ପ୍ରାାସନିକ ଅଧିକାରୀଙ୍କର ମିଳିତ ମଞ୍ଚରେ ପରିଣତ ହୋଇଛି ଓ ଏହା ଆମ ପାଇଁ ସୁଭଙ୍କର ବୋଲି କହିବା ସହିତ ସାମ୍ବାଦିକ ମାନଙ୍କର ଦିର୍ଘଦିନର ଦାବୀକୁ ସରକାର କିପରି ଅଣଦେଖା କରିଆସୁଛନ୍ତି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ମହାରାଷ୍ଟ୍ର ସରକାର ଯେଉଁଭଳି ଭାବରେ ତାଙ୍କ ରାଜ୍ୟରେ ସାମ୍ବାଦିକ ଚିହ୍ନଟିକରଣ ଓ ସୁରକ୍ଷା ବିଲ ପାସ କରିଛନ୍ତି ଓଡ଼ିଶା ସରକାର ଏହାକୁ ଅନୁକରଣ କରିବା ଉଚିତ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ଶଶିରଂଜନ ମଲ୍ଲିକ, କବି ପ୍ରଶାନ୍ତ ଦାସ, କରଞ୍ଜିଆ ଉପଜିଲ୍ଲାପାଳ ରଜନୀକାନ୍ତ ବିଶ୍ୱାଳ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଦେଶ ଗଠନରେ ସାମ୍ବାଦିକ ମାନଙ୍କର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ଏହାପରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁବ୍ରତ ମହାନ୍ତି, ଗୋଲକ ମହାରଣା, ମନୋଜ ପଣ୍ଡା, ମନୋଜ ବେହେରା ଓ ଜନାର୍ଦ୍ଦନ ମହାନ୍ତଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ସଂପାଦକ ସଂଜୟ ଅଗ୍ରୱାଲ ପ୍ରାରମ୍ଭରେ ବାର୍ଷିକ ବିରଣୀ ପାଠ କରିଥିବା ବେଳେ କରଞ୍ଜିଆର ବରିଷ୍ଠ ସାମ୍ବାଦକି ରଣଜିତ ଦାସ ଅଧିକାରୀ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଦୀନଦୟାଲ ଉପାଧାୟ ଗ୍ରାମୀଣ କୌଶଳ ଯୋଜନାରେ ଅଂଶିଦାରମାନଙ୍କ ଜିଲ୍ଲାସ୍ତରୀୟ କର୍ମଶାଳା

ଜଗତସିଂହପୁର,୨୩।୧୧ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ଜଗତସିଂହପୁର ସମ୍ମିଳନୀ କକ୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ଓର୍‌ମାସ ଓ ଓଡିଶା ଜୀବିକା ମିଶନ୍ ଆନୁକୂଲ୍ୟରେ ଦୀନଦୟାଲ ଉଧାୟ ଗ୍ରାମୀଣ କୌଶଲ୍ୟ ଯୋଜନା (ଡିଡିୟୁଜିକେଓାଇ)ରେ ବିଭିନ୍ନ ଅଂଶିଦାର ମାନଙ୍କ ଜିଲ୍ଲାସ୍ତରୀୟ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ଏହି କର୍ମଶାଳାରେ ଯୋଗଦେଇ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସରୋଜ କାନ୍ତ ମହାନ୍ତି କହିଲେ ଜଗତସିଂହପୁର ଜିଲ୍ଲାର ଗ୍ରାମୀଣ ବେକାର ଯୁବକ ଯୁବତୀ ମାନେ ଏହି ଯୋଜନାରେ ତାଲିମ ପ୍ରାପ୍ତ ହୋଇ ଅଧିକରୁ ଅଧିକ ନିଯୁକ୍ତି ପାଇପାରିବେ । ଗ୍ରାମାଂଚଳର ଯୁବକ ଯୁବତୀମାନଙ୍କ ପାଇଁ ଜିଲ୍ଲାସ୍ତରରେ ଜିଲ୍ଲା କର୍ମ ନିୟୋଜନ କାର୍ଯ୍ୟାଳୟ,ଜିଲ୍ଲା ଶିଳ୍ପ କେନ୍ଦ୍ର,ଓଡିଶା ଜୀବିକା ମିଶନ ଓ ଆର୍‌ସେଟି ମାଧ୍ୟମରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ବ୍ଲକ ଓ ପଂଚାୟତ ସ୍ତରରେ କାର୍ଯ୍ୟ କରୁଥିବା କ୍ଷେତ୍ରୀୟ ଅଧିକାରୀମାନେ ଡିଡିୟୁଜିକେଓାଇ ଯୋଜନା ସଂପର୍କରେ ବେକାର ଯୁବକ ଓ ଯୁବତୀ ମାନଙ୍କୁ ପ୍ରେରଣା ଦେଇ ତାଲିମ ଓ ନିଯୁକ୍ତି ପ୍ରଦାନ ସଂପର୍କରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ଯୋଗଦେଇ ଓର୍‌ମାସର ଡେପୁଟୀ ସି ଇ ଓ ଶ୍ରୀ ସତ୍ୟସୁନ୍ଦର ଶିବରାମ ପାଇଟାଳ କହିଲେ ଏହି ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେଉଛି । ଗ୍ରାମାଂଚଳରେ ବସବାସ କରୁଥିବା ୧୮ରୁ ୩୫ ବର୍ଷ ଯୁବକ ଓ ଯୁବତୀମାନେ ଏହି ଯୋଜନାରେ ସାମିଲ ହୋଇ ପାରିବେ । ପ୍ରାର୍ଥୀ /ପ୍ରାର୍ଥୀନି ମାନଙ୍କର ନାଁରେ କିମ୍ବା ସେମାନଙ୍କ ବାପା ମାଙ୍କ ନାଆଁରେ ବି.ପି.ଏଲ୍ କାର୍ଡ ଥିବା ଜରୁରୀ କିମ୍ବା ନରେଗା ଯୋଜନାରେ ଅନ୍ତତଃ ୧୫ଦିନ କାମ କରିଥିବେ କିମ୍ବା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବିମା ଯୋଜନାରେ କାର୍ଡ ଥିବ କିମ୍ବା ଅନ୍ତୋଦ୍ୱୟ କାର୍ଡଥିବା ଆବଶ୍ୟକ କିମ୍ବା ଏସ୍.ଇ.ସି.ସିରେ ପଞ୍ଜିକୃତ ହୋଇଥିବା ଜରୁରୀ ଅଟେ । ଓରମାସ୍ ଦ୍ୱାରା ନିୟୋଜିତ ପ୍ରୋଜେକ୍ଟ ଇମ୍ପ୍ଲିମେଣି ଏଜେନ୍ସି(ପି.ଆଇ.ଏ) ଏହି କାର୍ଯ୍ୟକ୍ରମ ପାଇଁ ପ୍ରାର୍ଥୀ ମାନଙ୍କୁ ତାଲିମ ପ୍ରଦାନ କରନ୍ତି । ଏହି ପ୍ରଶିକ୍ଷଣ ସଂପୂର୍ଣ୍ଣ ମାଗଣା । ପ୍ରଥମ ଥର ପାଇଁ ନିଜ ଘର ଠାରୁ ପ୍ରଶିକ୍ଷଣ କେନ୍ଦ୍ରକୁ ପ୍ରାର୍ଥୀଙ୍କ ଯାତାୟାତ ଖର୍ଚ୍ଚ,ମାଗଣା ପ୍ରଶିକ୍ଷଣ,ମାଗଣା ଖାଇବା ରହିବା, ୟୁନିଫର୍ମ ,ପ୍ରଶିକ୍ଷଣ ଉପକରଣ, ଏନ୍.ସି.ଭି.ଟି/ଏସ୍.ଏସ୍.ସି ସାର୍ଟିଫିକେଟ୍ ପ୍ରଦାନ କରାଯାଇଥାଏ । ଏହି କର୍ମଶାଳାରେ ଡି.ଡି.ଏମ୍,ନାବାର୍ଡ ଶ୍ରୀ ବିଶ୍ୱଭୂଷଣ ମହାନ୍ତି,ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ଶ୍ରୀ ସତୀଶ ପାତ୍ର ଯୋଗଦେଇ ଡି.ଡି.ୟୁ.ଜି.କେ.ଓାଇ ଯୋଜନା ସଂପର୍କରେ ବକ୍ତବ୍ୟ ରଖିଥିଲେ । ସାହି ଏକ୍ସପୋର୍ଟସ୍ ପ୍ରାଇଭେଟ୍‌ଲି,ସିଏଷ୍ଟା ହସ୍ପିଟାଲ୍‌ଲିଟି ସର୍ଭିସେସ୍ ଲିମିଟେଡ୍,ବଳରାମ ପଣ୍ଡା ଟ୍ରଷ୍ଟ,ସିପେଟ୍ ଓ ଉପାସନା ଏଜୁକେଶନ ଟ୍ରଷ୍ଟ ଭଳି ପ୍ରୋଜେକ୍ଟ ଇମ୍ପ୍ଲିମେଟିଙ୍ଗ ଏଜେନ୍ସି ମାନେ ଏହି କର୍ମଶାଳାରେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନର ସୁବିଧା ସୁଯୋଗ,ଏକ୍ସପୋଜର ଭିଜିଟ୍ ,ପ୍ଲେସ୍‌ମେଣ ସଂପର୍କରେ ପାଓାର ପଏଣ ପ୍ରେଜେଣେସନ୍ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ,ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି,ଜିଲ୍ଲା କର୍ମ ନିୟୋଜନ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ପ୍ରତିନିଧି,ସମସ୍ତ ବ୍ଲକର ଓଡିଶା ଜୀବିକା ମିଶନର ବି.ପି.ଏମ୍,ସ୍କିଲ ଡେଭଲପ୍‌ମେଣ କୋ-ଅର୍ଡିନେଟର,ଆର୍‌ସେଟି ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ । ଶେଷରେ ଓଡିଶା ମିଶନର ଡି.ପି.ଏମ୍ ଶ୍ରୀମତୀ ପ୍ରେମଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

O-584

**OFFICE OF THE EXECUTIVE ENGINEER, RWS&S DIVISION, BALASORE**
**Tel: 06782-262249, Fax: 262931, email: eerwss_bls@nic.in, eerwssbls@gmail.com.**
**NATIONAL COMPETITIVE BIDDING THROUGH e-Tendering**

**Identification No. 13 Dt. 17-11-2020**

1. Nos. of Work : 4 Nos RPWS schemes in Balasore district.
2. Estimated cost : Rs. 5.85 lakhs to Rs. 12.97 lakhs
3. Period of completion : 90 days
4. Availability of bid document in Portal: Dt. 25-11-2020 at 10.00 hours to 03-12-2020 up to 17.00 hours through online.
5. Seeking of Clarification : Dt. 25-11-2020 at 10.00 hours to Dt. 02-12-2020 up to 15.00 hours
6. Date of opening of Bid : Dt. 08-12-2020 at 11.00 hours in the O/O EE, RWSS Division, Balasore.
7. Name and address of the Officer Inviting Tender :Executive Engineer, RWS&S Division, Balasore

Bid Cost & Bid Security will be receipt through electronic payment by NEFT / RTGS.

Further details can be seen from the e-procurement portal:http://tendersodisha.gov.in

EXECUTIVE ENGINEER,
RWS&S DIVISION,
BALASORE

OIPR: 25013/11/0004/2021

## କାର୍ଯ୍ୟରତ ଶିକ୍ଷକଙ୍କ ପରଲୋକ

ଜଳେଶ୍ୱର,୨୩।୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କେନ୍ଦୁଖୁଣ୍ଟା ସରକାରୀ ଆଶ୍ରମ ସ୍କୁଲର ଶିକ୍ଷକ ଭାବେ କାର୍ଯ୍ୟରତ ଶ୍ୟାମସୁନ୍ଦର ସିଂ (୫୨)ଙ୍କର ପରଲୋକ ଘଟିଛି । ସେ ଗତକିଛି ଧରି ଅସୁସ୍ଥ ଥିବା ବେଳେ ଛାତିରେ ଯନ୍ତ୍ରଣା ଦେଖାଦେବାରୁ ତାଙ୍କୁ ଚିକିତ୍ସା ପାଇଁ ହସ୍‌ପିଟାଲ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଗାଁ ଶ୍ମସାନରେ ଏକମାତ୍ର ନାବାଳକ ପୁତ୍ର ତାଙ୍କୁ ମୁଖାଗ୍ନି ଦେଇଥିଲେ । ତାଙ୍କ ସ୍ତ୍ରୀ ଓ ନାବଳାକ ପୁତ୍ର ଏବେ ବେସାହାରା ହୋଇଛନ୍ତି । ଖବରପାଇ ଜଳେଶ୍ୱର ବିଇଓ ବିରଂଜନ ଦାସମହାପାତ୍ରଙ୍କ ନିର୍ଦ୍ଦେଶରେ ଖୁଆର୍ଡ କ୍ଲଷ୍ଟରର ସିଆର୍‌ସିସି ରଂଜନ କୁମାର ବେହେରା ମୃତ ଶ୍ୟାମସୁନ୍ଦର ସିଂଙ୍କ ପରିବାରକୁ ୫ହଜାର ଟଙ୍କା ପ୍ରଦାନ କରିଛନ୍ତି । ପ୍ରକାଶଯୋଗ୍ୟ ଶ୍ୟାମସୁନ୍ଦର ସିଂଙ୍କ ଘର ରାଇବଣିଆ ଥାନା ଅନ୍ତର୍ଗତ ପଥରଖୋଲା ବୋଲି ଜଣାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ତିନୋଟି ବିଲ ବିଧାନସଭାରେ ...

ଅବକାରୀ, ଜଙ୍ଗଲ, କାରାଗାର ଓ ସଂସ୍କାର ସେବା, ଖାଦ୍ୟ ଶସ୍ୟ କ୍ରୟ, ସଂଗ୍ରହ, ସଂରକ୍ଷଣ, ଯୋଗାଣ ଓ ବଂଟନ କାର୍ଯ୍ୟରେ ସମ୍ପୃକ୍ତ ରାଜ୍ୟ ସରକାରଙ୍କର ମାଲିକାନାଭୁକ୍ତ ଓ ନିୟନ୍ତ୍ରଣାଧିନ ଯେ କୌଣସି ସଂସ୍ଥା ଉଦ୍ୟୋଗ ଅଥବା ଏଜେନସି, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ଓ ଯୋଗାଯୋଗ ସହ ଜଡ଼ିତ ରାଜ୍ୟ ସରକାରଙ୍କର ନିୟନ୍ତ୍ରଣାଧିନ କୌଣସି ସଂସ୍ଥା ଉଦ୍ୟୋଗ । ଯଦି ସରକାରଙ୍କ ବିଚାରରେ ଅନ୍ୟ ଯେ କୌଣସି ସେବା ପ୍ରସଙ୍ଗରେ ଧର୍ମଘଟ କାରଣରୁ କୌଣସି ଲୋକ ଉପଯୋଗୀ ସେବା ଓ ସାଧାରଣ ସୁରକ୍ଷା ବିପନ୍ନ ହୁଏ ସେହି ସେବା ଗୁଡ଼ିକ ସରକାରୀ ଅଧିସୂଚନା ମାଧମରେ ଅତ୍ୟାବଶ୍ୟକ ସେବା ଭାବେ ଅଧିସୂଚୀତ ହେବ । ଶେଷରେ ସେ କହିଲେ ଯେ, ବେଆଇନ ଧର୍ମଘଟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଜାଣି ଶୁଣି ଅର୍ଥ ଖର୍ଚ୍ଚ କରୁଥିବା କିମ୍ବା ତାହାକୁ ସମର୍ଥନ କରି ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଥିବା ବ୍ୟକ୍ତିକୁ ୧ ବର୍ଷ ଜେଲ୍ ଦଣ୍ଡ ଓ ୫ ହଜାର ଟଙ୍କା ଜୋରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି । ଅଧିନିୟମ ଅନୁଯାୟୀ ଧର୍ମଘଟରେ ଅଂଶଗ୍ରହଣ କରିବା ବେଆଇନ୍ ହୋଇଥିଲେ ବି ଏଥିରେ ଅଂଶ ଗ୍ରହଣ କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଅତ୍ୟାବଶ୍ୟକ ସେବା ନିୟମରେ କୌଣସି ବ୍ୟବସ୍ଥା ନାହିଁ । ତେଣୁ ବର୍ତ୍ତମାନ ଏହି ବ୍ୟବସ୍ଥାକୁ ସାମିଲ କରାଯାଇଛି । ଯଦି କୌଣସି କର୍ମଚାରୀ ଧର୍ମଘଟରେ ଅଂଶ ଗ୍ରହଣ କରନ୍ତି ତାକୁ ବେଆଇନ ଭାବେ ବିବେଚନା କରାଯିବ କିମ୍ବା ଅନ୍ୟକୁ ଧର୍ମଘଟ କରିବା ପାଇଁ କିମ୍ବା ଏଥିରେ ସାମିଲ ହେବା ପାଇଁ ପ୍ରରୋଚନା କରନ୍ତି ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ବିଲ୍ ଆଲୋଚନାରେ ବିରୋଧି ଦଳର ନେତା ପ୍ରଦୀପ ନାୟକ, କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, ସୁରେଶ କୁମାର ରାଉତରାୟ, ବିଜେପି ବିଧାୟକ ମୁକେଶ ମହାଲିଙ୍ଗ ଅଂଶ ଗ୍ରହଣ କରିଥିଲେ । ସେମାନେ ଏହି ବିଲ୍‌କୁ କଳା ବିଲ କହିଥିଲେ । ତୁରନ୍ତ ଏହାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ । ମାତ୍ର ସରକାର ଏହାକୁ ଗ୍ରହଣ କରିନଥିଲେ । ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଓ ବିଜେଡ଼ି ବିଧାୟକ ଅମର ଶତପଥି ଏହି ବିଲ୍‌କୁ ସମର୍ଥନ କରିଥିଲେ । ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା (ସଂଶୋଧନ ବିଲ୍-୨୦୨୦) ଆଗତ କରିଥିଲେ । ଏହା ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା । ସେହିପରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆଣିଥିବା ଓଡ଼ିଶା ଲୋକାୟୁକ୍ତ (ସଂଶୋଧନ ବିଲ୍-୨୦୨୦) ମଧ୍ୟ ଗୃହୀତ ହୋଇଥିଲା । ଏହି ବିଲ୍ ଆଲୋଚନାରେ ନରସିଂହ ମିଶ୍ର ଅଂଶଗ୍ରହଣ କରି ତାଙ୍କର ମତାମତ ରଖିଥିଲେ । ଆଲୋଚନାରେ ଉତର ଦେଇ ମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ ଯେ, ଓଡ଼ିଶା ଲୋକାୟୁକ୍ତ ଅଧିନିୟମ, ୨୦୧୪ର ଧାରା ୮ (୧) ବ୍ୟବସ୍ଥା ଅନୁଯାୟୀ ଅଧକ୍ଷ ଓ ସଦସ୍ୟମାନେ ପଦତ୍ୟାଗ କରିବା ପରେ ସେମାନଙ୍କର ଉଭୟ ରାଜ୍ୟ ଭିତରେ ତଥା ସାରା ଦେଶରେ ପୂର୍ଣ୍ଣ ନିଯୁକ୍ତି କିମ୍ବା ନିୟୋଜନ ପାଇଁ କେତେକ କଟକଟା ବ୍ୟବସ୍ଥା ରହିଛି ।

## ଗତ ୬ବର୍ଷରେ ଓଡ଼ିଶା...

ଆତ୍ମନିର୍ଭର କରିବା ପାଇଁ ପଦକ୍ଷେପ ନିଆଯାଇଛି । ମୋଦି ସରକାର ୨୦୧୪-୧୫ ରୁ ୨୦୧୯-୨୦ ମଧ୍ୟରେ ଓଡ଼ିଶାର ଚାଷୀଙ୍କ ଠାରୁ ଏମଏସପି ମୂଲ୍ୟ ବାବଦରେ ଧାନ କିଣି ବ୍ୟାଙ୍କ୍ ଖାତାକୁ ସିଧାସଳଖ ୫୩ ହଜାର ୬୮୦.୨୫ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଗତ ୬ ବର୍ଷ ମଧ୍ୟରେ ଏମଏସପିର ଦ୍ରୁତ ବୃଦ୍ଧି ଚାଷୀ ମାନଙ୍କୁ ଅଧିକ ଲାଭ ଦେଇଛି । ବର୍ଷ ୨୦୧୩- ଙ୍କ୧୪ରେ ଧାନର ଏମଏସପି ମୂଲ୍ୟ ୧୩୧୦ ଟଙ୍କା ଥିଲା ବେଳେ ବର୍ଷ ୨୦୧୪ରେ-୧୫ରେ ଯଥାକ୍ରମେ ୧୩୬୦ ଟଙ୍କା, ବର୍ଷ ୨୦୧୫-୧୬ରେ ୧୪୧୦ ଟଙ୍କା, ବର୍ଷ ୨୦୧୬-୧୭ରେ ୧୪୭୦ ଟଙ୍କା, ବର୍ଷ ୨୦୧୭-୧୮ରେ ୧୫୫୦ ଟଙ୍କା, ବର୍ଷ ୨୦୧୮-୧୯ରେ ୧୭୫୦ ଟଙ୍କା, ବର୍ଷ ୨୦୧୯- ୨୦ରେ ୧୮୧୫ ଟଙ୍କା ଏବଂ ବର୍ଷ ୨୦୨୦-୨୧ରେ ଧାନର ଏମଏସପି ମୂଲ୍ୟ ୧୮୬୮ ଟଙ୍କାକୁ ବୃଦ୍ଧି ହୋଇଛି । ଚଳିତ ଆର୍ଥିକ ବର୍ଷ ନଭେମ୍ବର ଶେଷ ସୁଦ୍ଧା ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ରାଜ୍ୟର ସମସ୍ତ ଯୋଗ୍ୟ କ୍ଷୁଦ୍ର ଏବଂ ମଧ୍ୟମ ଚାଷୀ ଉପକୃତ ହୋଇଛନ୍ତି । ଫସଲ କରିବା ପାଇଁ ଅତିରିକ୍ତ ସହଯୋଗ ଏବଂ ପରିବାରର ଭରଣପୋଷଣ ପାଇଁ ୨୦୧୮-୧୯ ଠାରୁ ଚାଷୀଙ୍କ ସିଧାସଳଖ ବ୍ୟାଙ୍କ୍ ଖାତାକୁ ୨ ହଜାର ୭୩୧.୮୭ କୋଟି ଟଙ୍କା ପ୍ରଦାନ କରାଯାଇଛି । ବର୍ଷ ୨୦୧୮-୧୯ରେ ଯଥାକ୍ରମେ ୧୯୪.୭୫ କୋଟି, ବର୍ଷ ୨୦୧୯ -୨୦ରେ ୧୬୮୬.୫୮ କୋଟି ଏବଂ ୨୦୨୦-୨୧ ନଭେମ୍ବର ମାସ ସୁଦ୍ଧା ୮୫୦.୩୫ କୋଟି ଟଙ୍କା ସମସ୍ତ ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ୍ ଆକାଉଂଟକୁ ଟ୍ରାନ୍ସଫର୍ କରାଯାଇଛି । ୨୦୧୬-୧୭ ଠାରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଓଡ଼ିଶାର ୨୦.୯୪ ଲକ୍ଷ ଚାଷୀଙ୍କୁ ମୋଟ ୪,୪୨୪.୮୫ କୋଟି ଟଙ୍କା ଦିଆଯାଇଛି । ମୋଦି ସରକାର ଆମ ଅର୍ଥନୀତିର ମେରୁଦଣ୍ଡକୁ ସୁଦୃଢ଼ କରିବା ଏବଂ ଓଡ଼ିଶା ସମେତ ସମଗ୍ର ଦେଶର ଚାଷୀଙ୍କ କଲ୍ୟାଣ କରିବା ପାଇଁ ସଂକଳ୍ପବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ୬ଟି ବିଶ୍ୱବିଦ୍ୟାଳୟର ...

ସବିତା ଆଚାର୍ଯ୍ୟ - ଉତ୍କଳ ବିଶ୍ୱ ବିଦ୍ୟାଳୟ, ପ୍ରଫୁଲ୍ଲ ମହାନ୍ତି - ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ, ଦୀନବନ୍ଧୁ ସାହୁ - ଫକୀରମୋହନ ବିଶ୍ୱ ବିଦ୍ୟାଳୟ, ଏନ.ନାଗ ରାଜୁ - ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଛନ୍ତି । ରାଜ୍ୟର ପ୍ରଥମ ମହିଳା ତଥା ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ ଧର୍ମପତ୍ନୀଙ୍କ ବିୟୋଗରେ ମ୍ରିୟମାଣ ହୋଇଥିବା ସତ୍ୱେ ରାଜ୍ୟପାଳ ତାଙ୍କର କର୍ତବ୍ୟ ନିର୍ବାହ କରିଥିଲେ ।

## ମାସ୍କ କିଣାରେ ଦୁର୍ନୀତି ...

ଶ୍ରୀ ହେମନ୍ତ ଶର୍ମାଙ୍କୁ ଅପସାରଣ କରାଗଲା ତା'ର ଉତର ରଖିବାକୁ ଓଡିଶାର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହି ନିର୍ଦ୍ଦେଶ ମୁତାବକ ଆଜି ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଓଡିଶା ସରକାରଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ଚୋପ୍ରା ଉତର ରଖିଥିଲେ । ମାତ୍ର ଏହି ଉତରରେ ଅସନ୍ତୋଷ ପ୍ରକାଶ କରିଥିଲେ ଲୋକାୟୁକ୍ତ । ଏହି ମାମଲାର ଚୂଡାନ୍ତ ଶୁଣାଣୀ ଆସନ୍ତା ଡିସେମ୍ବର ୭ ତାରିଖରେ ହେବ । ଉଭୟ ପକ୍ଷକୁ ଏଥିପାଇଁ ପ୍ରସ୍ତୁତ ହୋଇ ଆସିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି । ସେହିଦିନ ଲୋକାୟୁକ୍ତର ପୂର୍ଣ୍ଣ ବେଂଚ୍ ବସିବ ବୋଲି ମଧ କହିଛନ୍ତି । ଆଜିର ଶୁଣାଣି ବେଳେ ଲୋକାୟୁକ୍ତର ଅଧକ୍ଷ ନ୍ୟାୟମୂର୍ତି ଅଜିତ୍ ସିଂ ଏବଂ ନ୍ୟାୟମୂର୍ତି ବି.କେ. ନାୟକ ଉପସ୍ଥିତ ଥିଲେ ।

## ରାଜ୍ୟରେ ଆଉ ୧୭ ଜଣଙ୍କର...

ସମ୍ବଲପୁର ଜିଲ୍ଲାର ୭୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ୫୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୮୪ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୫୩ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୫୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ଭୁବନେଶ୍ୱରରେ ୨୪...

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୪୯୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୯,୭୧୩ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୫୫୬ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୦୮ ଜଣଙ୍କର ମୃତ୍ୟୁ ହୋଇଛି । ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପଟିଆରୁ ୫ ଜଣ, ୟୁନିଟ୍ ୯ ଓ ଝାରପଡାରୁ ୩ ଜଣ ଲେଖାଏଁ , ଓଲ୍ଡ ଟାଉନ୍ , ବମିଖାଲ, ନିଳାଦ୍ରୀବିହାର, ଡମଣା, ରସୁଲଗଡରୁ ୨ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି ।

## ରାୟଗଡା ଜିଲ୍ଲା ପୌରପାଳିକାର...

କେଳେଙ୍କାରିକୁ ପଦାରେ ପକାଇଛି । ମିଳିଥିବା ସୂଚନା ପ୍ରକାରେ ୨୦୧୯-୧୯ ଆର୍ଥିକ ବର୍ଷରେ ଠିକାଦାରଙ୍କ ଠାରୁ କାଟ ହୋଇଥିବା ୧ ଲକ୍ଷ ୫୧ ହଜାର ୨୩୭ ଟଙ୍କା ଟ୍ରେଜେରି ଜରିଆରେ ପୌର ପରିଷଦ କର୍ତୃପକ୍ଷ ଡିପୋଜିଟ କରିନାହାଁନ୍ତି । ସେଥି ମଧ୍ୟରୁ ଭାଟ ଓ ଜିଏସଟି ବାବଦର ୯୬ ହଜାର ୧୨୪, ଆଇଟି ବାବଦର ୩୫ ହଜାର ୮୭୪, ସେସ ବାବଦର ୧୬ ହଜାର ୩୧୬ ଏବଂ ରୟାଲ୍ଟି ବାବଦର ୨ ହଜାର ୯୨୩ ଟଙ୍କା ରହିଛି । ଏହି ଅର୍ଥ ସଂଗ୍ରହ କରିବାର ୩ ଦିନ ମଧ୍ୟରେ ଟ୍ରେଜେରି ଜରିଆରେ ଡିପୋଜିଟ କରିବାର ନିୟମ ଥିବା ସତ୍ୱେ ଏହାର ଖୋଲା ଉଲ୍ଲଂଘନ ବିଭାଗୀୟ କର୍ତୃପକ୍ଷ କରିଥିବା ଅଡ଼ିଟ ରିପୋର୍ଟରେ ସ୍ୱଷ୍ଟ ଭାବେ ଉଲ୍ଲେଖ ରହିଛି । ଏଣେ ୨୦୧୭-୧୮ ଆର୍ଥିକ ବର୍ଷରେ କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତି ନେଇଥିବା ୩ କୋଟି ୧୮ ଲକ୍ଷ ୪୮ ହଜାର ୭୦୦ ଟଙ୍କାର କୌଣସି ରସିଦ ପୌର ପରିଷଦ କାର୍ଯ୍ୟାଳୟରେ ପ୍ରଦାନ ହୋଇନାହିଁ । କାହାପାଇଁ ଓ କେଉଁ ବାବଦରେ ଉକ୍ତ ଅର୍ଥ ଖର୍ଚ୍ଚ ହୋଇଛି ତାହାର କୌଣସି ଲିଖିତ ନଥି ଅଫିସରେ ମହଜୁଦ ନାହିଁ । କେବଳ ପାଟିରେ ସଙ୍ଗାତ ଭଳି ସବୁକିଛି ମୌଖିକ ଭାବେ ଏଠି ଚାଲିଥିବା ଜଣାପଡ଼ିଛି । ଏହାକୁ ମଧ ଧରିଛି ଅଡ଼ିଟ । କନିଷ୍ଟଯନ୍ତ୍ରୀ ଆର.ଆର ବେହେରାଙ୍କ ନାମରେ ୨ ଲକ୍ଷ ୬୦ ହଜାର, ସାନିଟାରି ଇନ୍ସପେକ୍ଟର ପି.ବାଲାରାଜୁଙ୍କ ନାମରେ ୭ ଲକ୍ଷ ୬୦ ହଜାର ଟଙ୍କା ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ନାମରେ ମଧ ବ୍ୟାପକ ଅର୍ଥ ଅଗ୍ରୀମ ଉଠାଯାଇଛି । ସଫେଇ ଗାଡ଼ିରେ ଡିଜେଲ, ରିଲିଫ କ୍ୟାମ୍ପ ସଫେଇ, ଗଛ କାଟିବା, ସ୍ୱାଧୀନତା ଦିବସ ପାଳନ, ସ୍ୱାୟତ ଶାସନ ଦିବସ ପାଳନ, ସ୍ୱଚ୍ଛସାଥୀ ସେବା ଇତ୍ୟାଦି ନାମରେ ଟଙ୍କା ଉଠାଯାଇଥିବା ଜଣାପଡ଼ିଛି । ତେବେ ଉକ୍ତ ଟଙ୍କା କେଉଁ ବାବଦରେ ଓ କେତେ ତାରିଖରେ ଖର୍ଚ୍ଚହେଲା ତାହାର କୌଣସି ରସିଦ ପୌର କାର୍ଯ୍ୟାଳୟରେ ମହଜୁଦ ନାହିଁ । ଏହାକୁ ନେଇ ଅଡ଼ିଟ ଆପତି ଉଠାଇଛି । ସେହିଭଳି ୨୦୧୮-୧୯ ଆର୍ଥିକ ବର୍ଷରେ ୩ କୋଟି ୩୬ ଲକ୍ଷ ୫ ହଜାର ୬୦୦ ଟଙ୍କା କାର୍ଯ୍ୟାଳୟରୁ ଅଗ୍ରୀମ ଉଠାଯାଇଥିବା ବେଳେ ଏହାର ମଧ କୌଣସି ରସିଦ କିମ୍ବା ମନି ରିସିପ୍ଟ କାର୍ଯ୍ୟାଳୟରେ ନାହିଁ । ସାନିଟାରି ଇନ୍ସପେକ୍ଟର ପି.ବାଲାରାଜୁଙ୍କ ନାମରେ ୭ ଲକ୍ଷ ୫୦ ହଜାର ଟଙ୍କା, କନିଷ୍ଟଯନ୍ତ୍ରୀ ଆର.ଆର ବେହେରାଙ୍କ ନାମରେ ୧୧ ଲକ୍ଷ ୬୦ ହଜାର ଟଙ୍କା ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ନାମରେ ମଧ ବ୍ୟାପକ ଅର୍ଥ ଅଗ୍ରୀମ ଉଠାଯାଇଛି । ଏଣେ ୨୦୦୩-୦୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଯେଉଁ ଅଗ୍ରୀମ ଅର୍ଥ ଉଠାଯାଇଛି ତାହାର କୌଣସି ହିସାବ ବିଭାଗ ନିକଟରେ ନାହିଁ । ୧ କୋଟି ୫୬ ଲକ୍ଷ ୬୭ ହଜାର ୮୦୦ ଟଙ୍କାର ହିସାବ ବିଭାଗ ପାଇପାରୁନାହିଁ । ଏଣେ ୨୦୧୭-୧୮ ଆର୍ଥିକ ବର୍ଷରେ ୪ ଲକ୍ଷ ୫୭ ହଜାର ଟଙ୍କାର ଅଗ୍ରୀମ ଅର୍ଥ ବିଭାଗୀୟ ମୁଖିଆଙ୍କ ନାମରେ ଗଡୁଛି । ଏଥିପାଇଁ ତତ୍କାଳିନ ନିର୍ବାହୀ ଅଧିକାରୀ ଶାନ୍ତିପ୍ରଭା ପ୍ରଧାନ, ସୂର୍ଯ୍ୟମଣି ପାଟଯୋଶୀ, ସାନିଟାରି ଇନ୍ସପେକ୍ଟର ପି.ବାଲାରାଜୁ ଏବଂ ଅନ୍ୟାନ୍ୟ କର୍ମଚାରୀ ମଧ ଟଙ୍କା ଅଗ୍ରୀମ ନେଇ ରସିଦ ମଧ ଅଦ୍ୟାବଧି ପ୍ରଦାନ ହୋଇନାହିଁ । ତେଣୁ ଏହି କର୍ମଚାରୀଙ୍କୁ ଅଡ଼ିଟ ବିଭାଗ ଦାୟୀ କରିଛି । ତେବେ ଏଥିପାଇଁ ସରକାରଙ୍କ ଅର୍ଥ ବିଭାଗକୁ ଅଡ଼ିଟ ବିଭାଗ ପକ୍ଷରୁ ଏହି ଅନିୟମିତତା ସମ୍ପର୍କରେ ଅବଗତ କରାଯାଇଛି ।

## 'ମୋନା' ପକ୍ଷରୁ ପୂର୍ବତନ...

ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ମୋନାର ଉପଦେଷ୍ଟା ରୋଟାରିଆନ୍ ସୁବ୍ରତ କର, ସାହିତ୍ୟିକା ଅରୁଣା ରାୟ ପ୍ରମୁଖ ଏଥିରେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ନୀତିଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତ୍ରିଦୀପ ନାୟକ, କମଳାକାନ୍ତ ଦାସ, ଗୀତାଞ୍ଜଳି ସିଂ, ଯୋଗେଶ ପ୍ରଧାନ, ଡାକ୍ତର ତାରକାନ୍ତ ନନ୍ଦ, କଲ୍ୟାଣୀ ନନ୍ଦ, ଗୌରାଙ୍ଗ ପାଣିଗ୍ରାହୀ, ସରସ୍ୱତୀ ପଣ୍ଡା, ବନ୍ଦନା ପାତ୍ର, ପ୍ରସନ୍ନ କୁମାର ପାତ୍ର ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

ମଙ୍ଗଳବାର,୨୪ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ରାଜ୍ୟପାଳଙ୍କ ଧର୍ମପତ୍ନୀ ସୁଶୀଳା ଦେବୀଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର ,୨୩।୧୧ (ନି.ପ୍ର): ରାଜ୍ୟପାଳଙ୍କ ଧର୍ମପତ୍ନୀ ସୁଶୀଳା ଦେବୀଙ୍କ ଅକାଳ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ ନାଏକ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ପରେ ରାଜ୍ୟ ସଭାପତି ସମୀର ମହାନ୍ତି ରାଜଭବନ ଠାରେ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସ୍ୱର୍ଗତାଃ ସୁଶୀଳା ଦେବୀଙ୍କ ଆକସ୍ମିକ ବିୟୋଗ ରାଜ୍ୟବାସୀଙ୍କ ପ୍ରତି ଏକ ଦାରୁଣ ଦୁଃସମ୍ବାଦ । ଏହି ଖବର ପାଇବା ପରେ ଶ୍ରୀ ମହାନ୍ତି ରାଜଭବନ ପହଂଚି ତାଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଏହି ଦୁଃଖଦ ପରିସ୍ଥିତିକୁ ସାମ୍ନା କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ମହାମହିମଙ୍କୁ ସାହାସ ଓ ଧୈର୍ଯ୍ୟ ପାଇଁ ଶକ୍ତି ଦିଅନ୍ତୁ ବୋଲି ପାର୍ଥନା କରିଛନ୍ତି । ଓଡିଶାରେ ଅବସ୍ଥାନ କାଳରେ ମହାମହିମ ରାଜ୍ୟପାଳ ଓଡିଶାର ଜନସାଧାରଣ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଯେଭଳି ଶ୍ରଦ୍ଧା ଓ ସମ୍ମାନ ଜଣାଇ ଆସିଛନ୍ତି ତା ସହିତ ପୁରୀ ସ୍ୱର୍ଗଦ୍ୱାରରେ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ସୁଶୀଳା ଦେବୀଙ୍କର ଶେଷ କୃତ୍ୟ ସଂପନ୍ନ ଆଉ ଏକ ନୂଆ ଅଧ୍ୟାୟ ଯୋଡି ଦେଇଛି ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ସହିତ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ସୁଶୀଳା ଦେବୀଙ୍କ ଶେଷ ଦର୍ଶନ ପାଇଁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଉପନେତା ବିଷ୍ଣୁ ସେଠୀ, ବିଜେପି ବିଧାୟକଗଣ, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ମନ୍ତ୍ରୀ କେ.ଭି ସିଂହଦେଓ ଓ ସୁରମା ପାଢୀ ପ୍ରମୁଖ ରାଜଭବନରେ ପହଂଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଅଁଳା ନବମୀରେ ବାଲେଶ୍ୱର ଶ୍ରଦ୍ଧାଳୁଙ୍କ ରାଧାପାଦ ଦର୍ଶନ



ବାଲେଶ୍ୱର,୨୩।୧୧ (ନି.ପ୍ର): ଧର୍ମ ମାସ ପବିତ୍ର କାର୍ତ୍ତିକ ମାସର ଅଁଳା ନବମୀ ତିଥି ଅବସରରେ ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଯାଇଛି । ବିଧି ଓ ପରାମ୍ପରା ଅନୁସାରେ ଏହି ଦିନ ଭକ୍ତମାନେ ରାଧାପାଦ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ବାଲେଶ୍ୱର ସହରର ବିଭିନ୍ନ ମନ୍ଦିର ସମେତ ରାଜାବଗିଚା ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଭକ୍ତମାନେ ରାଧାରଣୀଙ୍କ ଦିବ୍ୟ ପାଦ ଦର୍ଶନ କରିଥିଲେ। କୋଭିଡ କଟକଣା ଯୋଗୁଁ ମନ୍ଦିରରେ ଭକ୍ତମାନଙ୍କ ଭିଡ ପରିଲକ୍ଷିତ ହୋଇନଥିଲା । ବାହାରୁ ରହି ଭକ୍ତମାନେ ଭକ୍ତିମୟୀ ରାଧାରଣୀଙ୍କ ପାଦ ଦର୍ଶନ କରିଥିଲେ । ଶାସ୍ତ୍ର ଅନୁଯାୟୀ ଅଁଳା ନବମୀରେ ରାଧାରାଣୀଙ୍କ ପାଦ ଦର୍ଶନ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ପଦ୍ମ ପାଖୁଡା ସଦୃଶ ରାଧାରାଣୀଙ୍କ ପଦଯୁଗଳର ବର୍ଷ ତମାତ ଦର୍ଶନ ହୋଇନଥାଏ । କେବଳ ଅଂଳା ନବମୀ ତିଥିରେ ଓଡିଆଣୀ ବେଶରେ ସଜ୍ଜିତ ହେଉଥିବାରୁ ଏହି ଦିନ ରାଧାରାଣୀଙ୍କ ପାଦଦ୍ୱୟକୁ ଭକ୍ତମାନେ ବେଶ ଶ୍ରଦ୍ଧା ଓ ଭକ୍ତିର ସହ ଦର୍ଶନ କରିପାରିଥାନ୍ତି । ଅଂଳା ନବମୀ ପରଦିନଠାରୁ ପ୍ରତ୍ୟେକ ଓଡିଆଙ୍କ ଘରେ ମହାବ୍ରତ ପଂଚୁକ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଗୋଟିଏ ଦିନରେ ୬୬୮ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୧୩୯୬୧

ଭୁବନେଶ୍ୱର,୨୩।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୬୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୧୪୬୨୯ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୦୫୮୧୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୭୧୦୬ ରହିଛି । ଆଜି ଚିହ୍ନଟ ହୋଇଥିବା ୬୬୮ ଜଣଙ୍କ ମଧ୍ୟରୁ ୩୭୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୬୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ




ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୫୬ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୪୬ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୩୮ ଜଣ, ବରଗଡ଼ରୁ ୧୮ ଜଣ, ଭଦ୍ରକରୁ ୧୫ ଜଣ, ବଲାଙ୍ଗୀରରୁ ୨୮ ଜଣ ରହିଛନ୍ତି ।

'ସେହିପରି ବୌଦ୍ଧ ଜିଲ୍ଲାରୁ ୭. କଟକରୁ ୩୭ ଜଣ, ଦେବଗଡ଼ରୁ ୨ ଜଣ, ଢେଙ୍କାନାଳରୁ ୬ ଜଣ, ଗଜପତିରୁ ଜିଲ୍ଲାରୁ ୪, ଗଞ୍ଜାମରୁ ୧୨ ଜଣ, ଜଗତ୍‌ସିଂହପୁରରୁ ୨୫ ଜଣ, ଯାଜପୁରରୁ ୧୮ ଜଣ, ଝାରସୁଗୁଡ଼ାରୁ ୨୩ ଜଣ, କଳାହାଣ୍ଡିରୁ ୧୧ ଜଣ, କନ୍ଧମାଳରୁ ୩ ଜଣ, କେନ୍ଦ୍ରାପଡ଼ାରୁ ୨୧ ଜଣ, କେନ୍ଦୁଝରରୁ ୩୮ ଜଣ, ଖୋର୍ଦ୍ଧାରୁ ୫୬ ଜଣ, କୋରାପୁଟରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ମାଲକାନଗିରିରୁ ୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୫୦ ଜଣ, ନବରଙ୍ଗପୁରରୁ ୯ ଜଣ, ନୟାଗଡ ଜିଲ୍ଲାରୁ ୮ ଜଣ, ନୂଆପଡ଼ାରୁ ୬୮ ଜଣ, ପୁରୀରୁ ୨୩ ଜଣ, ରାୟଗଡା ଜିଲ୍ଲାରୁ ୨ ଜଣ, ସମ୍ବଲପୁରରୁ ୨୫ ଜଣ, ସୋନପୁରରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୫୫ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୧୨ ଜଣ ଚିହ୍ନଟ ହୋଇଛନ୍ତି ।

# କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୮୫ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୩।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୮୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୬୩୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୭୦୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ଏମ୍ସ ସେଟଲାଇଟ୍ ସେଣ୍ଟର ପ୍ରତିଷ୍ଠା ନେଇ କଂଗ୍ରେସ ସାଂସଦଙ୍କ ଉଦ୍ୟମକୁ ପ୍ରଶଂସା

ବାଲେଶ୍ୱର,୨୩।୧୧ (ନି.ପ୍ର): ବାଲେଶ୍ୱରରେ ଏମ୍ସ ସେଟଲାଇଟ ସେଣ୍ଟର ପ୍ରତିଷ୍ଠା ନେଇ ବିଭିନ୍ନ ମହଲରୁ ଦାବି କ୍ରମଶଃ ତୀବ୍ର ହେଉଥିବା ବେଳେ ଏଥିରୁ ବାଦ୍ ପଡ଼ିନି କଂଗ୍ରେସ । ତତ୍କାଳୀନ କେନ୍ଦ୍ରର କଂଗ୍ରେସ ସରକାରଙ୍କ ସମୟରେ ୨୦୧୪ ମସିହାରେ ଅନୁମୋଦିତ ହୋଇଥିବା ଏହି ପ୍ରକଳ୍ପର ବିଳମ୍ବିତ କାର୍ଯ୍ୟଧାରାକୁ ନେଇ ଏବେ ବିଭିନ୍ନ ଗଣସଂଗଠନ ପକ୍ଷରୁ ଦାବି ହୋଇଥିବା ବେଳେ କଂଗ୍ରେସ ମଧ୍ୟ ପ୍ରୟାସ ଆରମ୍ଭ କରିଛି ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଜିଲ୍ଲାବାସୀଙ୍କ ସମେତ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ପଡ଼ୋଶୀ ଝାଡ଼ଖଣ୍ଡ ତଥା ପଶ୍ଚିମବଙ୍ଗ ରାଜ୍ୟର ଲୋକଙ୍କୁ ଉତ୍ତମ



ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ଓଡ଼ିଶାର ଏକମାତ୍ର ସାଂସଦ କରାପୁଟର ସପ୍ତଗିରି ଉଲାକା ଓ କଂଗ୍ରେସ ପ୍ରଭାରୀ ଡକ୍ଟର ଚେଲାକୁମାର ଉଦ୍ୟମ କରିଥିବା ଶ୍ରୀ ଗିରି ସୂଚନା ଦେଇଛନ୍ତି । ସାଂସଦ ଶ୍ରୀ ଉଲାକା ସାଂସଦରେ ପ୍ରଶ୍ନ ଉପସ୍ଥାପନ ସହ ଏମ୍ସ ସେଟଲାଇଟ୍ ସେଣ୍ଟର ପ୍ରତିଷ୍ଠା ପାଇଁ ଦାବି କରିଥିଲେ । ଏଥି ସହିତ ପ୍ରଭାରୀ ଡକ୍ଟର ଚେଲାକୁମାରଙ୍କ ସହ ମିଶି ସାଂସଦ ଶ୍ରୀ ଉଲାକା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କୁ ଚିଠି ଦେବାସହ ବ୍ୟକ୍ତିଗତ ଭାବେ ସାକ୍ଷାତ କରିଥିଲେ । ଏମ୍ସ ସେଟଲାଇଟ୍ ସେଣ୍ଟର ବାଲେଶ୍ୱରରୁ ସ୍ଥାନାନ୍ତର ହେବନାହିଁ ଏବଂ ଖୁବଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ଗିରି ସୂଚନା ଦେଇଛନ୍ତି । ଏନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରଭାରୀ ଡକ୍ଟର ଚେଲା କୁମାର ଓ ସାଂସଦ ସପ୍ତଗିରି ଉଲାକାଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି । କଂଗ୍ରେସ ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପକୁ ଶେଷ କରିବା ପାଇଁ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ତା'ର ଉଦ୍ୟମ ଜାରି ରଖିବ ବୋଲି ସେ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ଦିନ ଦ୍ୱିପ୍ରହରେ କଳା ପଲସର ଆତଙ୍କ

## ଜନଗହଳିପୂର୍ଣ୍ଣ ସ୍ଥାନରୁ ଠିକାଦାରଙ୍କ ଡିକିଭାଙ୍ଗି ଲୁଟିନେଲେ ଲକ୍ଷେ ଟଙ୍କା



ବାରିପଦା ,୨୩।୧୧ (ନି.ପ୍ର): ବାରିପଦା ଟାଉନ ଥାନା ଅନ୍ତର୍ଗତ ବଡ଼ବଜାର ଶିତଳା ମନ୍ଦିର ନିକଟରୁ ଜଣେ ଠିକାଦାରଙ୍କ ବାଇକ ଡିକି ଭାଙ୍ଗି ୧ ଲକ୍ଷ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି । ବାରିପଦା ପୌର ପରିଷଦ ୱାର୍ଡ ନମ୍ବର ୧୭ରେ ରହୁଥିବା ଜୀବନ କୁମାର ଦଣ୍ଡପାଟଙ୍କ (୫୨) ଆଜି ସ୍ଥାନୀୟ ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ ଶାଖାରୁ ୧ଲକ୍ଷ ଟଙ୍କା ଉଠାଇଥିଲେ । ସମୟ ପ୍ରାୟ ୧୨ ବେଳେ ଶ୍ରୀ ଦଣ୍ଡପାଟ ବଡ଼ ବଜାରରେ ଥିବା ଏକ ଦୋକାନକୁ ଟେଣ୍ଡର ପେପର ପକେଇବା ପାଇଁ ଆସିଥିଲେ । ତାଙ୍କର ଓଡ଼ି-୧୧ -ଏଫ-୮୪୫୫ ନମ୍ବର ମଟର ସାଇକେଲ ଦୋକାନ ସମ୍ମୁଖରେ ରଖି ସେ ଦୋକାନ ଭିତରକୁ ଯିବାବେଳେ ଖୁବ ଅଳ୍ପ ସମୟ ମଧରେ ମୁଖା ପିନ୍ଧିଥିବା ଜଣେ ଅଜଣା ବ୍ୟକ୍ତି ବାଇକ ଡିକି ଭାଙ୍ଗି ସେଥିରେ ଏକ ବ୍ୟାଗରେ ଥିବା ଟଙ୍କା ଧରି ଚମ୍ପଟ ମାରିଥିଲା । ପୂର୍ବରୁ ପାଖରେ ଆଉ ଜଣେ ଏକ କଳା ରଙ୍ଗର ବାଇକ ଷ୍ଟାର୍ଟ କରି ଧରି ଛିଡା ହୋଇଥିବା ଲୁଟର ଶିକାର ହୋଇଥିବା ଶ୍ରୀ ଦଣ୍ଡପାଟ ସୂଚନା ଦେଇଛନ୍ତି । ଲୁଟେରା ଦ୍ୱୟ ଟାଉନ ଥାନା ସାମ୍ନା ଦେଇ ଅମ୍ବିକା ମନ୍ଦିର ଦିଗରେ ପଳେଇ ଥିବା ପ୍ରକାଶ । ଏନେଇ ଶ୍ରୀ ଦଣ୍ଡପାଟ ଥାନାରେ ସୂଚନା ଦେବା ସହିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ସିସିଟିଭି ଫୁଟେଜ ।।ଦାରରେ ଘଟନାର ଅଧିକ ତଦନ୍ତ କରୁଛି ।


# ରାୟଗଡା ଜିଲ୍ଲା ପୌରପାଳିକାର ଦୁର୍ନିତୀ ଖାତା ଧୀରେଧୀରେ ଖୋଲୁଛି

ରାୟଗଡ଼ା,୨୩।୧୧ (ନି.ପ୍ର): ରାୟଗଡା ପେଉରପାଳିକା ଆଜକୁ ୧୫ ବର୍ଷରୁ ଉର୍ଦ୍ଧ୍ୱ ଧରି ଏକ ଆଙ୍ଗୁଠି ଗଣିତ ଟାଉଟର ନେତାଙ୍କ ହାତ ବାସୀର ହୋଇ ପରିଚାଳିତ ହୋଇ ଆସୁଥିଲା, ବିନା କାଗଜ କଲମରେ ବିଭିନ ନୂତନ କାର୍ଯ୍ୟକୁ ଦେଖାଇ କୋଟି କୋଟି ଟଙ୍କା ରାୟଗଡା ପୌରପାଳିକାର ସଦସ୍ୟ, ଅଧିକାରୀ ଓ ଚାଟୁକର ନେତା ଲୁଟି ନେଇ ଥିବାର ଗୁମର ଖୋଲିଛି । ଗତ ମାସ ରାୟଗଡା ପୌରପାଳିକାକୁ ଭୁବନେଶ୍ୱରରୁ ଆସିଥିବା ଅଡିଟ ଟିମ ଦୀର୍ଘ ଏକ ମାସ ଧରି ପୌରପାଳିକା କୁ ଆସୁଥିବା ଅନୁଦାନ ଟଙ୍କା କେଉଁ କେଉଁ ବାବଦରେ ଖର୍ଚ୍ଚ ହୋଇଛି କିନ୍ତୁ ତାର ହିସାବ ପାଇ ପାରିଲେ ନାହିଁ କି ଖର୍ଚ୍ଚ ହୋଇଥିବା ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରର ରସିଦ ବି ମିଳୁ ନଥିବା ଅଡିଟ ଟିମ ଗଣମଧମକୁ ସୂଚନା ପ୍ରଦାନ କରିବା ପରେ



ରାୟଗଡା ଜିଲ୍ଲା ଭାରତୀୟ ଜନତା ପାର୍ଟି ରାୟଗଡା ବିଧାୟକ ପର୍ଥୀ ଶ୍ରୀ ବସନ୍ତ ଉଲକା,ରାୟଗଡା ସଦର ସଭାପତି ଶ୍ରୀ ଶ୍ୟାମ ସୁନ୍ଦର ଦାସଙ୍କ ନେତୃତ୍ୱରେ ଜିଲ୍ଲା ବିଜେପିର ମହିଳା ଓ ଯୁବକ ପୌରପାଳିକାର କଳେଙ୍କାରୀ ଲୁ ର ପର୍ଦ୍ଦା ଫାସ କରିବା ସହ ରାୟଗଡ଼ା ପୌରପାଳିକାର ଅର୍ଥକୁ ଚଳୁ କରିଥିବା କର୍ମଚାରୀ ନେତାଙ୍କ ଠାରୁ ଆଦାୟ କରାଯାଉ ଓ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶତାଧିକ ବିଜେପି କର୍ମୀ ରାୟଗଡା ଜିଲ୍ଲାପାଳ, ଏ ସ ପି, ରାୟଗଡା ଭଜିଜିଲାନ୍ସ ଡି ଏସ ପି ଓ କୋରାପୁଟ ଭିଜିଲାନ୍ସ ଏ ସ ପି ଙ୍କୁ ଦାବି ପତ୍ର ପ୍ରଦାନ କରିଚନ୍ତି । ଦାବି ପତ୍ରରେ ଏହାବି ଉଲେଖ କରିଛନ୍ତି ପ୍ରଶାସନ ଯଥା ।ଶୀଘ୍ର ଦୋଷୀ ଙ୍କ ବିରୁଦ୍ଧରେ ଦୃର୍ଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ରାୟଗଡା ଜିଲ୍ଲାର ବିଜେପି ସଂଗଠନ ରାଜରାସ୍ତାକୁ ଓଲ୍‌ହାଇ ବିଦ୍ରୋହ କରିବ ବୋଲି ଜଣାଇଥିଲେ । ରାୟଗଡ଼ା ପୌର ପରିଷଦ ଦୁର୍ନୀତି ଗନ୍ଧକୁ ନେଇ ସାରା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ବିଜେପି ପକ୍ଷରୁ ଏହାର କାର୍ଯ୍ୟାନୁଷ୍ଠାନ ପାଇଁ ଭିଜିଲ୍ଲାସର ଦ୍ୱାରସ୍ଥ ହୋଇଥିବା ବେଳେ କଂଗ୍ରେସ ପକ୍ଷରୁ ଆନ୍ଦୋଳନର ଚେତାବନୀ ଦେଇଛି । ବିଗତ ଦୁଇ ବର୍ଷ ଧରି ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ କର୍ମଚାରୀ ମାନେ ମିଳିମିସି ଯେଉଁ କୋଟି କୋଟି ଟଙ୍କା ଚଳୁ କରିଦେଇଛନ୍ତି । ଏବଂ ଯାହାକୁ ନେଇ ଅଡ଼ିଟ ରିପୋର୍ଟରେ ପ୍ରକାଶ ପାଇଛି ତାହାର ପର୍ଦ୍ଦାଫାସ କରିଛନ୍ତି ସ୍ୱେଚ୍ଛାସେବୀ ରାଜେନ୍ଦ୍ର ମହାପାତ୍ର । ଏହାକୁ ନେଇ ଆଜି ସ୍ଥାନୀୟ ଏକ ହୋଟେଲରେ ସାମ୍ବାଦି ସମ୍ମିଳନୀ କରି ସୂଚନା ଦେଇଛନ୍ତି । ରେ ୨୦୧୭-୧୮ ଓ ୬ଟି ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ପରିଚାଳନା କରାଯାଇନାହିଁ । ଖୋଦ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପୌରାଧକ୍ଷା ପର୍ଯ୍ୟନ୍ତ ସମସ୍ତେ ଏହି ଅନିୟମିତତା କରିଥିବା ଅଡ଼ିଟ ରିପୋର୍ଟରେ ପ୍ରକାଶ ପାଇଛି । ଏଭଳିକି ବିଭିନ୍ନ ଠିକା କାମପାଇଁ ଠିକାଦାରଙ୍କ ଠାରୁ ଯେଉଁ ବିଭାଗୀୟ ଅର୍ଥ କାଟ କରାଯାଉଛି ତାହା ମଧ ଟ୍ରେଜେରି ଜରିଆରେ ଡିପୋଜିଟ ହୋଇନାହିଁ । ଯାହାକି ପୌର ପରିଷଦରେ ଚାଲିଥିବା ▶▶ପୃଷ୍ଠା ୭

# ସ୍କୁଲ ବନ୍ଦ ନିର୍ଦ୍ଦେଶ ପ୍ରତ୍ୟାହାର ନହେଲେ କଂଗ୍ରେସ ଆନ୍ଦୋଳନ କରିବ



ଭଦ୍ରକ,୨୩।୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲରେ ଛାତ୍ର ଛାତ୍ରୀ ଉପସ୍ଥାନ କମ୍ ଥିବା ଦର୍ଶାଇ କେତେକ ପ୍ରାଇମେରୀ ଏବଂ ଅପରପ୍ରାଇମେରୀ ସ୍କୁଲକୁ ବନ୍ଦ କରିଦିଆଯାଇଛି । ବନ୍ଦ କରିଦିଆଯାଇଥିବା ସ୍କୁଲ ଗୁଡିକରେ ପାଠ ପଢୁଥିବା ଛାତ୍ର ଛାତ୍ରୀଙ୍କୁ ନିକଟସ୍ଥ ସ୍କୁଲରେ ନାମ ଲେଖାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ଦ ହେଉଥିବା ବିଦ୍ୟାଳୟ (ସାଟେଲାଇଟ ସ୍କୁଲ)ର ପ୍ରଧାନ ଶିକ୍ଷକ ମାନଙ୍କୁ ସେମାନଙ୍କ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ସରକାରଙ୍କ ଦ୍ୱାରା ସ୍ଥିତିକୃତ ଲିଡ୍ (ପାଖ) ସ୍କୁଲରେ ନାମ ଲେଖାଇବା ସହିତ ସେମାନଙ୍କ ସ୍କୁଲର ସମସ୍ତ ରେକର୍ଡ ଏବଂ ଆସବାବପତ୍ର ଲିଡ୍ ସ୍କୁଲକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାହାକୁ ନେଇ ଜିଲ୍ଲାବ୍ୟାପୀ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ମାଧ୍ୟମରେ ସ୍କୁଲ ବନ୍ଦ ନ କରିବାକୁ ଅନୁରୋଧ କରାଯାଇଛି । ୭ ଦିନ ମଧ୍ୟରେ ଦାବୀ ପୂରଣ ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଚେତାବନୀ ମଧ ଦେଇଛି । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗ ନୂଆ ଶିକ୍ଷାନୀତି ଅନୁଯାୟୀ ୧୫ ଅଥବା ଏହା ଠାରୁ କମ୍ ଛାତ୍ର ଉପସ୍ଥାନ ଥିବା ଏବଂ ଏକ କିମି ଦୂରତା ମଧ୍ୟରେ ୨୦ ରୁ କମ୍ ପିଲା ଥିବା ବିଦ୍ୟାଳୟ ଗୁଡିକୁ ବନ୍ଦ କରିଦେଇ ସେହି ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ପାଖ ସ୍କୁଲରେ ଆଡମିଶନ କରିବାକୁ ଘୋଷଣା କରିଛନ୍ତି । ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ସକାସେ ସରକାରଙ୍କ ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗ ପକ୍ଷରୁ ଏହି ଗାଇଡଲାଇନ ଜାରି କରାଯାଇଥିଲେ ମଧ୍ୟ କେତେକ ସ୍ଥାନରେ ସାଟେଲାଇଟ ସ୍କୁଲ ଏବଂ ଲିଡ ସ୍କୁଲ ଗୁଡିକର ଦୂରତା ଏବଂ ଯାତାୟତ ଅସୁବିଧାକୁ ନେଇ ଅବିଭାବକ ମାନେ ତୀବ୍ର ଆପତ୍ତି ଉଠାଇଛନ୍ତି । ସରକାରଙ୍କ ଏହି ନିଷ୍ପତି ଆଗାମୀ ଦିନରେ ଏକ ଝଡ ହୋଇ ଠିଆହେବ ବୋଲି କଂଗ୍ରେସ ଜିଲ୍ଲା ସଭାପତି ସୁବ୍ରତ ଦାସ କହିଛନ୍ତି । ଭଦ୍ରକ ଜିଲ୍ଲାର କୌଣସି ଗୋଟିଏ ବୋଲି ସ୍କୁଲ ଯେପରି ବନ୍ଦ ନହୁଏ ସେ ନେଇ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ପ୍ରଦାନ କରାଯାଇଛି । ସ୍କୁଲ ବନ୍ଦ ହେଲେ ଜିଲ୍ଲାର ଶାସନ କଳକୁ ବନ୍ଦ କରିଦିଆଯିବ ବୋଲି ଗଣମାଧମକୁ ଶ୍ରୀ ଦାସ ସୂଚନା ଦେଇଛନ୍ତି । ଆଜି ଏହି ଦାବୀପତ୍ର ପ୍ରଦାନରେ ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତି, ବରିଷ୍ଠ ନେତା ଦିଲିପ ନାୟକ, ଅବଦୁଲ ମୁକିତ ଖାଁ, ଅସ୍‌ରପ୍ ଅଲ୍ଲି ଖାଁ, ରାଜକିଶୋର ସ୍ୱାଇଁ, ନିରଞ୍ଜନ ମଲ୍ଲିକ, ଅମୂଲ୍ୟ କୁମାର ବେହୁରିଆ, ନରେନ୍ଦ୍ର କୁମାର ମହାନ୍ତି, ଦେବାଶିଷ ବେହେରା, ସତ୍ୟନାରାୟଣ ପୁହାଣ, ରାଜିବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଟାଉନ ସଭାପତି ବିଜୟ ବାରିକ, ରାଜକିଶୋର ପଣ୍ଡା, ଶରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# 'ମୋନା' ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

ବାଲେଶ୍ୱର,୨୩।୧୧ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା' ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ମହାନ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଆଜି ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୋନାର ସଭାପତି ଆଇନଜୀବୀ ପ୍ରଭାକର ସାହୁ ସଭାପତିତ୍ୱ କରିଥିବା ବେଳେ ସମ୍ପାଦିକା ମମତା ମହାପାତ୍ର ଓଡ଼ିଶାରୁ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ ପ୍ରଣୟନରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ । ଦୈନିକ ଓଡ଼ିଆ ସମ୍ବାଦପତ୍ର ପ୍ରମେୟର ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ସତ୍ୟଶିବ ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନାଦର୍ଶ ଓ ନବ ଉତ୍କଳ ନିର୍ମାଣ ତଥା ରାଜ୍ୟରୁ ସମ୍ପୂର୍ଣ୍ଣ



ନିଶା ନିବାରଣ ପାଇଁ ସେ କରିଥିବା ଉଦ୍ୟମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଉଚ୍ଚପାହ୍ୟାରେ ରହିଥିବା ବ୍ୟକ୍ତିତ୍ୱ ଭାବେ ନିଜକୁ କେବେ ଭାବି ନଥିବା ଏହି ମୁଖ୍ୟମନ୍ତ୍ରୀ ପ୍ରକୃତ ସମାଜସେବୀର ପ୍ରତୀକ ହୋଇପାରିଛନ୍ତି ବୋଲି ଶ୍ରୀ ଦାସ କହିଥିଲେ । ରାଜ୍ୟରୁ ନିଶାକୁ ସମ୍ପୂର୍ଣ୍ଣ ନିବାରଣ କରାଯାଇ ପାରିଲେ, ତାହା ଭୂତପୂର୍ବ ମୁଖ୍ୟମନ୍ତ୍ରୀଙ୍କ ▶▶ପୃଷ୍ଠା ୭

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo